

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-04 ◆SUNDAY ◆28 JUNE 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୦୪ ◆ରବିବାର ◆୨୮ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


## ଶିମିଳିପାଳର ଶୋଭା ବଢ଼ାଇଲା ଜିନତ୍

### ୪ ଶାବକଙ୍କ ସହ ବୁଲୁଛି ମା'



■ ବାରିପଦା, ୨୭।୬ (ସମିସ): ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ବାଘୁଣୀ ଜିନତ ଓ ତା'ର ୪ଟି ଶାବକ ଏକାଠି ନିର୍ଭୟରେ ବୁଲୁଥିବା ଦେଖିବାକୁ ମିଳିଛି। ଶନିବାର ଦିନ ବନବିଭାଗ ଅଧିକାରୀ ଏହି ବିଷୟରେ ସୂଚନା ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ ମାଧ୍ୟମରେ ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟ କର୍ତ୍ତୃପକ୍ଷ ଏହି ଖବରକୁ ନିଶ୍ଚିତ କରିଛନ୍ତି। ବିଭାଗୀୟଅଧିକାରୀଙ୍କ ସୂଚନାନୁସାରେ, ଏହି ଶାବକଙ୍କ ବୟସ ୨ ମାସରୁ କମ୍ ହେବ ଓ ସେମାନେ ନିଜର ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟର ଅଂଶସ୍ୱରୂପ ମା' ସହିତ ଜଙ୍ଗଲରେ ବୁଲିବା ଆରମ୍ଭ କରିଛନ୍ତି। ବାଘୁଣୀ ଓ ତା'ର ଶାବକଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ବନ୍ୟପ୍ରାଣୀ କର୍ତ୍ତୃପକ୍ଷ ଅଭୟାରଣ୍ୟ ▶ପୃଷ୍ଠା-୭

### ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା

## ପୋତି ହୋଇଗଲା ଘରଦ୍ୱାର

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଉତ୍ତରାଖଣ୍ଡର ଚାମୋଲି ଜିଲ୍ଲାରେ ଭୟଙ୍କର ବାଦଲଫଟା ବର୍ଷା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ଘଟିଛି। ପାହାଡ଼ରୁ ଖସିଥିବା ପଥର ଓ ମାଟି ଅତଡ଼ା ଅନେକ ଘର, ଦୋକାନ ବଜାରକୁ ପୋତି ପକାଇବା ସହ ଅନେକ ଗାଡ଼ିମୋଟର ମଧ୍ୟ ଏହି ଆବର୍ଜନା ମଧ୍ୟରେ ଫସି ରହିଛି। ଅପରପକ୍ଷରେ, ଦେଶର ବିଭିନ୍ନ ସ୍ଥାନରେ ବର୍ଷା ଓ ବଜ୍ରପାତ ଯୋଗୁଁ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ମଧ୍ୟପ୍ରଦେଶର ବାଲାଘାଟରେ ବଜ୍ରପାତ ଯୋଗୁଁ ୪ ଜଣ ଏବଂ ଦେବାସରେ ପ୍ରବଳ ବର୍ଷା ଯୋଗୁଁ ଘରର ବାଲକୋନି ଭୁଶୁଡ଼ି ୨ ଜଣ ମହିଳାଙ୍କର ମୃତ୍ୟୁ ହୋଇଛି। ଏହାଛଡ଼ା ବଜ୍ରପାତ ଯୋଗୁଁ ଝାଡ଼ଖଣ୍ଡରେ ୧୦ ଜଣ ଏବଂ ଛତିଶଗଡ଼ରେ ୨ ଜଣ ପ୍ରାଣ ହରାଇଛନ୍ତି। ଇତିମଧ୍ୟରେ ଦେଶର ୨୨ଟି ରାଜ୍ୟକୁ ମୌସୁମୀ ବାୟୁ ଅଗ୍ରସର ହୋଇସାରିଥିବା ବେଳେ ଆସନ୍ତା ▶ପୃଷ୍ଠା-୭



ବର୍ଷା ଓ ବଜ୍ରପାତରେ ୧୮ ମୃତ

୨୨ ରାଜ୍ୟକୁ ଛୁଇଁଲା ମୌସୁମୀ

ବର୍ଷା ସତ୍ତ୍ୱେ ଉତ୍ତର ଭାରତରେ ୪୦ ଉପରେ ତାତି

## କାକୁଡ଼ି ଚାଷ ପାଇଁ କେନ୍ଦ୍ରମନ୍ତ୍ରୀ ନେଇଛନ୍ତି ୯୯ ଲକ୍ଷର ସବ୍‌ସିଡି



■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ବିଭାଗ ରାଜ୍ୟମନ୍ତ୍ରୀ ଭାଗୀରଥ ଚୌଧୁରୀ ନିଜ ମନ୍ତ୍ରାଳୟରୁ ପ୍ରାୟ ୯୯.୬ ଲକ୍ଷ ଟଙ୍କାର ସରକାରୀ ସବସିଡି (ରିହାତି) ନେବାକୁ କେନ୍ଦ୍ର କରି ଏକ ବଡ଼ ବିବାଦ ମୁଣ୍ଡଟେକିଛି। ରାଜସ୍ଥାନର ଆଜମେର୍ ଆସନରୁ ସାଂସଦ ଥିବା ଚୌଧୁରୀଙ୍କୁ ନେଇ ଗଣମାଧ୍ୟମ ।।ରେ ପ୍ରକାଶ ପାଇଛି ଯେ, କାକୁଡ଼ି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ତାଙ୍କୁ ଏହି ଅର୍ଥ ମିଳିଛି। ଆଶ୍ଚର୍ଯ୍ୟର କଥା ହେଉଛି, ଯେଉଁ ବୋର୍ଡ ଏହି ସବସିଡି ମଞ୍ଜୁର କରିଛି, ମନ୍ତ୍ରୀ ଚୌଧୁରୀ ନିଜେ ସେହି ବୋର୍ଡର ଉପ-ସଭାପତି ଅଛନ୍ତି। ଏହି ଘଟଣାକୁ ନେଇ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳଗୁଡ଼ିକ ବିଜେପିକୁ ଘେରିଛନ୍ତି ଏବଂ ଏହାକୁ ସ୍ୱାର୍ଥ ସଂଘର୍ଷ (କନ୍‌ଫ୍ଲିକ୍ଟ୍ ଅଫ୍ ଇଣ୍ଟରେଷ୍ଟ) ଓ ଭ୍ରଷ୍ଟାଚାରର ଏକ ନୂଆ ମଡେଲ ବୋଲି ଆଖ୍ୟା ଦେଇଛନ୍ତି। କଂଗ୍ରେସ ନେତା ପବନ ଖେଡ଼ା ଏବଂ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଏହାକୁ ସରକାରୀ ପାଣ୍ଠିର ଖୋଲା ଲୁଟ୍ ବୋଲି ▶ପୃଷ୍ଠା-୭

## ୨୦ ରାଜ୍ୟରେ ପୁଞ୍ଜି ବ୍ୟୟ ମନ୍ଥର

# ୨ ମାସରେ ଖର୍ଚ୍ଚ ମାତ୍ର ୫.୮୬%

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଚଳିତ ଆର୍ଥିକ ବର୍ଷର ପ୍ରଥମ ଦୁଇ ମାସରେ ପୁଞ୍ଜି ବ୍ୟୟରେ ଝୁଣ୍ଟିଲେଣି ରାଜ୍ୟ। ଏପ୍ରିଲ ଏବଂ ମେ' ମାସରେ ଦେଶର ୨୦ଟି ରାଜ୍ୟରେ ପୁଞ୍ଜି ବ୍ୟୟ ଆନୁପାତିକ ଭାବରେ ହ୍ରାସ ପାଇଛି। କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ ବା ମହାଲେଖା ନିୟନ୍ତ୍ରକ ତଥା ମହା ସମୀକ୍ଷକ (ସିଏଜି)ଙ୍କ ପକ୍ଷରୁ ପ୍ରକାଶିତ ମାସିକ ହିସାବର ବିଶ୍ଳେଷଣ ଅନୁଯାୟୀ, ଏହି ରାଜ୍ୟଗୁଡ଼ିକ ମୋଟ ୧୦ ଲକ୍ଷ କୋଟି ଟଙ୍କାର ବଜେଟ ଆବଣ୍ଟ ମଧ୍ୟରୁ ୫୮,୬୩୬ କୋଟି ଟଙ୍କା ଅର୍ଥାତ ୫.୮୬ ପ୍ରତିଶତ ଅର୍ଥ ବ୍ୟବହାର କରିଛନ୍ତି। ହେଲେ ଗତ ବର୍ଷ ସମାନ ସମୟରେ ରାଜ୍ୟଗୁଡ଼ିକ ସେମାନଙ୍କର ପୁଞ୍ଜି ବ୍ୟୟର ୬.୨୧ ପ୍ରତିଶତ ଖର୍ଚ୍ଚ କରିଥିଲେ। ଏହି ୨୦ ରାଜ୍ୟରେ ପୁଞ୍ଜି ବ୍ୟୟ ୨୦୨୫-୨୬ରେ ୯.୨୯ ଲକ୍ଷ କୋଟି ଟଙ୍କାରୁ ୧୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲେ ସୁଦ୍ଧା ପ୍ରକୃତ ଖର୍ଚ୍ଚ ପ୍ରାୟ ୧.୭ ପ୍ରତିଶତ ବୃଦ୍ଧି ପାଇଛି। ଓଡ଼ିଶା ମଧ୍ୟ ବଜେଟ୍ ଅର୍ଥ ବ୍ୟୟ କ୍ଷେତ୍ରରେ ବହୁ ପଛରେ ପଡିଛି। ୨୦୨୫-୨୬ ଆର୍ଥିକବର୍ଷରେ ଓଡ଼ିଶା ସରକାରଙ୍କ ପୁଞ୍ଜି ବ୍ୟୟ ବୃଦ୍ଧି

**୨୦୨୫-୨୬ରେ ପୁଞ୍ଜି ବ୍ୟୟରେ ବହୁ ପଛରେ ଓଡ଼ିଶା**

**ଏପ୍ରିଲରେ ବ୍ୟୟ ନକାରାତ୍ମକ**

**ମେ'ରେ ଖର୍ଚ୍ଚ ୨,୪୨୫ କୋଟି**

ସାମଗ୍ରିକ ଖର୍ଚ୍ଚ ତୁଳନାରେ ଢ଼େର ପଛରେ ପଡ଼ିଛି। ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟ ଏହାର ବଜେଟ୍ ଆକଳନ (ବିଇ)ର ମାତ୍ର ୬୫.୮୮% ଅର୍ଥ ଖର୍ଚ୍ଚ କରିପାରିଛି। ଚଳିତ ଆର୍ଥିକବର୍ଷର ଏପ୍ରିଲ ମାସରେ ଓଡ଼ିଶାର ବ୍ୟୟ ନକାରାତ୍ମକ ରହିଥିବାବେଳେ ମେ' ମାସରେ ଏଥିରେ କିଚିଟା ସୁଧାର ଆସିଛି। ମେ' ମାସରେ ଓଡ଼ିଶା ପ୍ରାୟ ୨,୪୨୫ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଦର୍ଶାଇଛି।

ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ମାସ ଅର୍ଥାତ୍ ମେ'ରେ ରାଜ୍ୟଗୁଡ଼ିକ ସାମୂହିକ ଭାବରେ ପ୍ରାୟ ୩୯୨୬୭ କୋଟି ଟଙ୍କାର ପୁଞ୍ଜି ବ୍ୟୟ କରିଛନ୍ତି, ଯାହା ଗତ ବର୍ଷ ମେ ମାସରେ ହୋଇଥିବା ଖର୍ଚ୍ଚର ପ୍ରାୟ ୩୫୮୬୪ କୋଟି ଟଙ୍କା ତୁଳନାରେ ପ୍ରାୟ ୯.୫% ଅଧିକ। ଏପ୍ରିଲରେ ପୁଞ୍ଜି ବ୍ୟୟରେ ମନ୍ଥର ଗତି ପରେ ମେ' ମାସରେ ରାଜ୍ୟଗୁଡିକ ସାମୂହିକ ଭାବରେ ଖର୍ଚ୍ଚରେ କିଛିଟା ସୁଧାର ଆଣିଛନ୍ତି। ୨୦୨୬-୨୭ର ପ୍ରଥମ ଦୁଇ ମାସରେ କେରଳ ଏହାର ପୁଞ୍ଜି ଖର୍ଚ୍ଚର ୨୯.୩୫% ବ୍ୟବହାର କରି ରାଜ୍ୟଗୁଡିକ ମଧ୍ୟରେ ଶୀର୍ଷରେ ରହିଛି। ହରିୟାଣା ୨୨.୪୬% , ଆନ୍ଧ୍ର ପ୍ରଦେଶ (୧୧.୩୮%) ଏବଂ ହିମାଚଳ ପ୍ରଦେଶ (୧୦.୨୫ %) ଭଳି ରାଜ୍ୟର ପୁଞ୍ଜି ବ୍ୟବହାର ହାର ୧୦ ପ୍ରତିଶତ ଉପରେ ରହିଥିଲା। ▶ପୃଷ୍ଠା-୭

### ଶାନ୍ତି ପ୍ରୟାସରେ ବାଧା

## ପୁଣି ଆମେରିକା-ଇରାନ ମୁହାଁମୁହିଁ



ଇରାନର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଘାଟି ଉପରେ ବୋମା ବର୍ଷଣ

ଆମେରିକା ଘାଟି ଉପରେ ଇରାନର ପାଲଟା ଆକ୍ରମଣ

■ ୱାସିଂଟନ, ୨୭।୬ (ଏଜେନ୍ସି): ଶାନ୍ତି ବୁଝାମଣା ସତ୍ତ୍ୱେ ଆମେରିକା ଏବଂ ଇରାନ ମଧ୍ୟରେ ପୁଣି ତିକ୍ତତା ଦେଖାଦେଇଛି। ଜୁନ୍ ୨୫ ତାରିଖରେ ହର୍ମୁଜ ପ୍ରଣାଳୀରେ ସିଙ୍ଗାପୁରର ଏକ ମାଲବାହୀ ଜାହାଜ ଉପରେ ହୋଇଥିବା ଡ୍ରୋନ୍ ଆକ୍ରମଣର ଜବାବରେ ଆମେରିକା ଶୁକ୍ରବାର ଦିନ ଇରାନର ସାମରିକ ଘାଟିଗୁଡ଼ିକ ଉପରେ ଜୋରଦାର ଆକ୍ରମଣ କରିଛି। ଆମେରିକାର ଏହି ବୋମାବର୍ଷା ପରେ ଇରାନର 'ଇସଲାମିକ ବିପ୍ଳବୀ ସୁରକ୍ଷା ବାହିନୀ' ମଧ୍ୟ ପ୍ରତିଆକ୍ରମଣ କରି ଏହି ଅଞ୍ଚଳରେ ଥିବା ଆମେରିକୀୟ ସେନା ଛାଉଣୀକୁ ଟାର୍ଗେଟ କରିଛି, ଯାହାଫଳରେ ସମଗ୍ର ପଶ୍ଚିମ ଏସିଆରେ ପୁଣି ଯୁଦ୍ଧର କଳାବାଦଲ ଦେଖାଦେଇଛି।

ଟ୍ରମ୍ପ ଧମକ ଦେବାର କିଛି ସମୟ ପରେ ଆମେରିକାର କେନ୍ଦ୍ରୀୟ ସାମରିକ କମାଣ୍ଡ ପକ୍ଷରୁ ଇରାନ ଭିତରେ ଥିବା କ୍ଷେପଣାସ୍ତ୍ର, ଡ୍ରୋନ ସଂରକ୍ଷଣ ଗୃହ ଏବଂ ▶ପୃଷ୍ଠା-୭

### ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ମୃତ୍ୟୁ ଘଟଣା

## ଓଟିଏଏସ୍ ଅଧିକାରୀ ଭୀମସେନ ଟୁଡୁ ବହିଷ୍କୃତ



ଟ୍ରେନିଙ୍ଗ୍ ସମୟରେ ଗିରଫ ହୋଇଥିଲେ

■ ଭୁବନେଶ୍ୱର, ୨୭।୬ (ସମିସ): ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍ ମୃତ୍ୟୁ ମାମଲାରେ ରାଜ୍ୟ ସରକାର ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ନୂଆ କରି ନିଯୁକ୍ତି ପାଇଥିବା ଓଟି ଆଣ୍ଡ ଏଏସ୍ ଅଧିକାରୀ ଭୀମସେନ ଟୁଡୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କୁ ସରକାରୀ ସେବାରୁ ବହିଷ୍କାର କରିଛନ୍ତି। ଭବିଷ୍ୟତରେ ମଧ୍ୟ ଶ୍ରୀ ଟୁଡୁ ଆଉ କୌଣସି ସରକାରୀ ଚାକିରି ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ ନାହିଁ।

ନୂଆ କରି ଓଟିଏଏସ୍ ପାଇଥିବା ଶ୍ରୀ ଟୁଡୁ ତାଙ୍କ ଇଣ୍ଡକ୍ସନ୍ ଟ୍ରେନିଙ୍ଗ୍ ସମୟରେ ୨୦୨୬ ଜୁନ୍ ୪ ତାରିଖଠାରୁ ଅନୁପସ୍ଥିତ ଥିଲେ। ମଧୁସୂଦନ ଦାସ ରିଜିଓନାଲ୍ ଏକାଡେମୀ ଅଫ୍ ଫାଇନାନ୍ସିଆଲ୍ ମ୍ୟାନେଜମେଣ୍ଟ ରେ ତାଙ୍କ ଶେଷ ପରୀକ୍ଷାରେ ମଧ୍ୟ ଯୋଗ ଦେଇନଥିଲେ। ସେହି ସମୟରେ ସେ ଏକ ମୃତ୍ୟୁ ମାମଲାରେ ବାରଙ୍ଗ ପୁଲିସ ଦ୍ୱାରା ଗିରଫ ହୋଇଥିଲେ ଏବଂ ▶ପୃଷ୍ଠା-୭

### ଏକତରଫା ପ୍ରେମର ଭୟଙ୍କର ପରିଣତି

## ପେଟ୍ରୋଲ ଢାଳି ଯୁବତୀଙ୍କୁ ଜାଳିଦେଲା ପ୍ରେମ ପାଗଳ

■ ରାଉରକେଲା, ୨୭।୬ (ସମିସ): ଏକତରଫା ପ୍ରେମର ଭୟଙ୍କର ପରିଣତି ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗାଁରେ। ବିଫଳ ପ୍ରେମିକ ଭଲ ପାଉଥିବା ଯୁବତୀଙ୍କୁ ଶୋଇଥିବା ଅବସ୍ଥାରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଜାଳି ଦେଇଛି। ଏହି ଚାଞ୍ଚଲ୍ୟକର ଘଟଣା ଘଟିଛି ଶୁକ୍ରବାର ବିଳମ୍ବିତ ରାତିରେ। ଯୁବତୀଙ୍କ ଶରୀରର ୮୦ ପ୍ରତିଶତ ପୋଡ଼ି ଯାଇଥିବା ବେଳେ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ସେ ଏବେ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ଝିଅ ବାପାଙ୍କ ଏତଲା ପରେ ବିଶ୍ରା ପୁଲିସ ଏକ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପାଗଳ ପ୍ରେମିକ ଘଟଣା ପରେ ଫେରାର ହୋଇଯାଇଛି।

**୮୦ ପ୍ରତିଶତ ପୋଡ଼ି ଯାଇଛନ୍ତି ଯୁବତୀ**

**ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ**

ସୂଚନା ମୁତାବକ, ରାଉରକେଲା ପୁଲିସ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ ସନ୍ତୋଷପୁର ଗ୍ରାମର ଯୁବତୀ ଗ୍ରାଜୁଏସନ ପରେ ବିଶ୍ରା ବ୍ଲକର ଆଧାର କେନ୍ଦ୍ରରେ କାମ କରୁଥିଲେ। ତାଙ୍କ ପଡ଼ୋଶରେ ରହୁଥିବା ସମ୍ପର୍କୀୟ ଭାଇ ରଜତ କିରୋ ଯୁବତୀଙ୍କୁ ଏକତରଫା ପ୍ରେମ କରୁଥିବା ବେଳେ ▶ପୃଷ୍ଠା-୭

### ପିଲାଙ୍କ ପଢ଼ା ବହିରେ ତ୍ରୁଟି

## ୩୮୦ କୋଟି ସ୍ୱାହା

**ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ନାମରେ ୧୫ ବିଧାୟକ କରିଥିଲେ ଅଭିଯୋଗ** | **ସବୁ ଜାଣି ଦେଢ଼ ବର୍ଷ ହେଲା ନିରବ ଥିଲେ ସରକାର**

■ ଭୁବନେଶ୍ୱର, ୨୭।୬ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ଘଟଣାରେ ପୂର୍ବତନ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ମୋଟ୍ ୪ ଜଣ ନିଲମ୍ବିତ ହେବା ପରେ ବିବାଦ ଥମିବା ବଦଳରେ ଆହୁରି ବଢ଼ିଛି। ଶ୍ରୀ ପାଢ଼ୀଙ୍କ ବିରୋଧରେ ୧୫ ଜଣ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସରକାର କୌଣସି ତତ୍କାଳ କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ। ସମ୍ପ୍ରତି ପୁସ୍ତକ ବିଭ୍ରାଟର ମୁଖ୍ୟ ନାୟକ ବୋଲି କୁହାଯାଉଥିବା ଶ୍ରୀ ପାଢ଼ୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବାରୁ ପୁସ୍ତକ ପ୍ରସ୍ତୁତି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଯାହାର ପ୍ରତିଫଳନ ଦୁଇବର୍ଷ ପରେ ହେବା ସହ ପ୍ରାୟ ୫୭ ଲକ୍ଷ ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଜୀବନ ବାଜିରେ ଲାଗିଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ସରକାର କାହିଁକି ସେହି ସମୟରେ ନିରବ ରହିଥିଲେ, ତାହା ମଧ୍ୟ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

**୫୭ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ଖେଳ**

ସୂଚନା ଅନୁଯାୟୀ, ଗତ ୨୦୨୪ ଡିସେମ୍ବର ୯ ତାରିଖରେ ୧୫ ଜଣ ବିଧାୟକ ଶ୍ରୀ ପାଢ଼ୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗରେ ସେମାନେ ଦର୍ଶାଇଥିଲେ ଯେ, ▶ପୃଷ୍ଠା-୭

## ଶିକ୍ଷାବିତ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ?

■ ଭୁବନେଶ୍ୱର, ୨୭।୬ (ସମିସ): ପିଲାଙ୍କ ପଢ଼ା ବହିରେ ମାଳମାଳ ତ୍ରୁଟି ଘଟଣାରେ ପୂର୍ବତନ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ମନୋଜ ପାଢ଼ୀଙ୍କ ସମେତ ମୋଟ୍ ୪ ଜଣଙ୍କୁ ନିଲମ୍ବନ କରିଛନ୍ତି ସରକାର। ଏହାସହ ୬ ଜଣ ସହକାରୀ ନିର୍ଦ୍ଦେଶକଙ୍କ ଉପରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାତ୍ର ବହି ଲେଖିଥିବା ଶିକ୍ଷାବିତ୍ ଏବଂ ସମୀକ୍ଷକଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ପରିଚାଳନାରେ ଥିବା ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଥିବା ବେଳେ ବହି ଲେଖିଥିବା ଓ ସମୀକ୍ଷା କରିଥିବା ପଣ୍ଡିତ (!) ଙ୍କୁ ସରକାର କାହିଁକି ▶ପୃଷ୍ଠା-୭

## ବିକଳ୍ପ ଇନ୍ଧନ ଆଣିବ ଜଳ ସଙ୍କଟ

### ୧ ଲିଟର ଇଥାନଲ୍ ପାଇଁ ଆବଶ୍ୟକ ୧୦ ହଜାର ଲିଟର ପାଣି

■ ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଇଥାନଲ୍ ଇନ୍ଧନ ପାଇଁ କେନ୍ଦ୍ର ସରକାର ଜୋରଦାର ପ୍ରୟାସ ଚଳାଇଛନ୍ତି। ହେଲେ ସ୍ୱଚ୍ଛ ଶକ୍ତିର ସମାଧାନ କୁହାଯାଉଥିବା ଏହି ବିକଳ୍ପ ଇନ୍ଧନ ଦେଶରେ ଏକ ଭୟଙ୍କର ଜଳ ସଙ୍କଟ ସୃଷ୍ଟି କରିବ। ଏହି ସମସ୍ୟାର ମୂଳରେ ଏପରି କିଛି ଫସଲ ରହିଛି, ଯାହା ଭାରତରେ ଚାଷ ହେଉଥିବା ପ୍ରାୟ ଅନ୍ୟ ଯେକୌଣସି ଫସଲ ଅପେକ୍ଷା ଅଧିକ ପାଣି ବ୍ୟବହାର କରିଥାଏ। ଯେପରିକି ମକା, ଆଖୁ ଏବଂ ଧାନ। ଜଳବାୟୁ ପରିବର୍ତ୍ତନ ଉପରେ ଗଠିତ ଆନ୍ତଃସରକାରୀ କମିଟିର ଅଞ୍ଜଲ ପ୍ରକାଶ କହିଛନ୍ତି, ତେଲରେ ଇଥାନଲ୍ ମିଶ୍ରଣ ଭାରତର ଜଳ ସଙ୍କଟକୁ ଆହୁରି ଖରାପ କରିପାରେ। ଏହାର ମୁଖ୍ୟ କାରଣ ଇଥାନଲ୍ ନିମନ୍ତେ ଆବଶ୍ୟକ ହେଉଥିବା ଅଧିକାଂଶ କଞ୍ଚାମାଲ ଆଖୁ ଏବଂ ଦ୍ରୁତ ବଢ଼ୁଥିବା ମକାରୁ ହୋଇଥାଏ। ଏହି ଦୁଇ ଫସଲ ଚାଷ ଏବଂ ପ୍ରକ୍ରିୟାକରଣ ପାଇଁ



ଅତ୍ୟନ୍ତ ଜଳ-ନିର୍ଭରଶୀଳ।

ଆମଦାନୀ ହେଉଥିବା ଅଶୋଧିତ ତେଲ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା ପାଇଁ ପେଟ୍ରୋଲରେ ଇଥାନଲ୍ ନାମକ ଏକ ଉଦ୍ଭିଦ-ଆଧାରିତ ଆଲକୋହଲର ମିଶ୍ରଣ କରାଯାଉଛି। ଦେଶ ଏହି କାର୍ଯ୍ୟକ୍ରମରେ ଦ୍ରୁତ ଗତିରେ ଆଗକୁ ବଢ଼ୁଛି। ଚାଉଳ ଏହାର ଏକ ପ୍ରମୁଖ କଞ୍ଚାମାଲ ପାଲଟିଛି। ସରକାର ୨୦୨୪-୨୫ ରେ ଇଥାନଲ୍ ଉତ୍ପାଦନ ପାଇଁ ୫.୨ ନିୟୁତ ଟନ୍ ଚାଉଳ ଆବଣ୍ଟନ କରିଥିଲେ, ଏବଂ ବର୍ତ୍ତମାନ ୨୦୨୫-୨୬ ରେ ଏ ନେଇ ଲକ୍ଷ୍ୟ ୯ ନିୟୁତ ଟନ୍ ରଖାଯାଇଛି। ଚାଉଳରୁ ଏକ ଲିଟର ଇଥାନଲ୍ ଉତ୍ପାଦନ କରିବା ପାଇଁ ପ୍ରାୟ ୧୦,୭୯୦ ଲିଟର ପାଣି ଆବଶ୍ୟକ ହୁଏ, ଯେଉଁଥିରେ ଚାଷ ସମୟରେ ଜଳସେଚନ ପାଇଁ ବ୍ୟବହୃତ ପାଣି ମଧ୍ୟ ଅନ୍ତର୍ଭୁକ୍ତ। ଚାଉଳ-ଆଧାରିତ ଇଥାନଲ୍‌ରେ ବ୍ୟବହୃତ ଅଧିକାଂଶ ପାଣି ପ୍ରକ୍ରିୟାକରଣ ନୁହେଁ, ଚାଷରୁ ଆସିଥାଏ। ୧ କିଲୋଗ୍ରାମ ଚାଉଳ ଉତ୍ପାଦନ ପାଇଁ ପ୍ରାୟ ୩ରୁ ୫ ହଜାର ଲିଟର ପାଣି ଆବଶ୍ୟକ ହୁଏ। ପ୍ରାୟ ୨.୫ରୁ ୩ କିଲୋଗ୍ରାମ ଚାଉଳରୁ ଏକ ଲିଟର ଇଥାନଲ୍ ଉତ୍ପାଦନ ହୁଏ, ଯାହା ମୋଟ ଜଳ ବ୍ୟବହାରକୁ ୧୦ ହଜାର ଲିଟରରୁ ଅଧିକ କରିଥାଏ। ଏହା ତୁଳନାରେ, ▶ପୃଷ୍ଠା-୭

## ମହାନଦୀରେ ପାଣି କମୁଛି; ଟ୍ରିବ୍ୟୁନାଲରେ ତାରିଖ ଗଡୁଛି

**ଛତିଶଗଡ଼ର ୨୭ ମିଲିୟନ ଏକର ଫୁଟ ପାଣି ଦାବି ମାନିନେଲେ ଓଡ଼ିଶା ପ୍ରତି ହେବ ଆତ୍ମଘାତୀ**

■ ଭୁବନେଶ୍ୱର, ୨୭।୬ (ସମିସ): ମହାନଦୀ ଜଳ ବିବାଦ ମାମଲାରେ ନ୍ୟାୟ ମିଳିବା ପରିବର୍ତ୍ତେ ଚିରାଚରିତ ଭାବେ ଓଡ଼ିଶାକୁ ଆଉ ଏକ ତାରିଖ ମିଳିଛି। ଶନିବାର ମହାନଦୀ ଜଳ ବିବାଦ ମାମଲାରେ ଗଠିତ ଟ୍ରିବ୍ୟୁନାଲରେ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଶୁଣାଣିରେ ଉଭୟରାଜ୍ୟ ପକ୍ଷରୁ ଗଠିତ ଯୁଗ୍ମ ବୈଷୟିକ ଟିମ୍‌ର ରିପୋର୍ଟ ଉପସ୍ଥାପିତ ହୋଇଥିବା ବେଳେ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଆସନ୍ତା ୧୧ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ବୈଠକ ସମ୍ପର୍କରେ ସୂଚନା ଦେଇ ଆଡଭୋକେଟ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ଉଭୟ ରାଜ୍ୟ ମଧ୍ୟରେ ହୋଇଥିବା ବୈଠକ ସନ୍ତୋଷଜନକ



**ଅନେକ ବିଷୟରେ ଉଭୟ ରାଜ୍ୟ ସହମତ; ନିଷ୍ପତ୍ତି ନେବେ ଶୀର୍ଷ ନେତୃତ୍ୱ: ଏଜି** | **ବିଶେଷଜ୍ଞଙ୍କ ଦାବି, ଶୁଣାଣିର ଆଲୋଚ୍ୟ ବିଷୟକୁ ସାର୍ବଜନୀନ କରନ୍ତୁ ସରକାର**

ରହିଛି। ଟ୍ରିବ୍ୟୁନାଲ ମଧ୍ୟ ଏ ଦିଗରେ ଗୁରୁତ୍ୱର ସହ ବିଚାର କରି ସମସ୍ତ ନିଷ୍ପତ୍ତିକୁ ସ୍ୱୀକୃତି ପ୍ରଦାନ କରୁଛନ୍ତି। ଅନେକ ବିଷୟରେ ସହମତି ଧୀରେଧୀରେ ଆଗକୁ ବଢ଼ୁଛି। ଆଗାମୀ ଦିନରେ ଉଭୟ ରାଜ୍ୟର ଶୀର୍ଷ ନେତୃତ୍ୱ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ଏଜି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଅପରପକ୍ଷେ ଆଜିର ଶୁଣାଣିକୁ ନେଇ ଜଳ ବିଶେଷଜ୍ଞ ତଥା ବୁଦ୍ଧିଜୀବୀ ମହଲରେ ଆଶଙ୍କା ପ୍ରକାଶ ପାଇଛି। ମହାନଦୀ ବଞ୍ଚାଅ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି ଯେ ଟ୍ରିବ୍ୟୁନାଲର ଆଜିର ଶୁଣାଣି ପରେ ପୀତାମ୍ବର ଆଚାର୍ଯ୍ୟ ଗଣମାଧ୍ୟମରେ ଏନେଇ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଟ୍ରିବ୍ୟୁନାଲରେ ଆଲୋଚନା ହୋଇଛି। ଛତିଶଗଡ଼ ଏବଂ ଓଡ଼ିଶାର କେତେ ପାଣି କାହାର ଆବଶ୍ୟକତା ରହିଛି, ତାହା ଉପରେ ଆଲୋଚନା କରିଛନ୍ତି। ଆମେ ଏନେଇ ଏଜିଙ୍କୁ ପ୍ରଶ୍ନ କରିବାକୁ ଚାହୁଁଛୁ ଯେ ମହାନଦୀରୁ ଛତିଶଗଡ଼ ପ୍ରାୟ ୨୭ ମିଲିୟନ ଏକର ଫୁଟ ପାଣି ଦାବି କରୁଛି। ମାତ୍ର ମହାନଦୀରେ ୨୪ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ ଥିବା ▶ପୃଷ୍ଠା-୭








# ଭେନେଜୁଏଲାରେ ଭଗ୍ନସ୍ତୂପ ତଳେ ଜୀବନ ଖୋଜା

## ଏକ ହଜାର ମୃତଦେହ ଉଦ୍ଧାର, ୫୦ ହଜାରରୁ ଅଧିକ ନିଖୋଜ

କାରାକାସ, ୨୭ ।୬(ଏଜେନ୍ସି): ଦକ୍ଷିଣ ଆମେରିକୀୟ ଦେଶ ଭେନେଜୁଏଲାରେ ଗତ ବୁଧବାର ସନ୍ଧ୍ୟାରେ ଆସିଥିବା ଦୁଇ ଦୁଇଟି ଶକ୍ତିଶାଳୀ ଭୂକମ୍ପ (ତୀବ୍ରତା ୭.୨ ଏବଂ ୭.୫) ଯୋଗୁଁ ସେଠାରେ ଏକ ଶତାବ୍ଦୀର ସବୁଠାରୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇଛି । ଏହି ମହାବିପର୍ଯ୍ୟୟରେ ବର୍ତ୍ତମାନ ସୁଦ୍ଧା ମୃତ୍ୟୁସଂଖ୍ୟା ୯୨୦ରେ ପହଞ୍ଚିଥିବା ବେଳେ ୫୦ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି । କାରାକାସ ଏବଂ ଲା ଗ୍ୱାଇରା ସମେତ ବିଭିନ୍ନ ଅଞ୍ଚଳରେ ୩, ୩୬୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ଏବଂ ଶତାଧିକ ଲୋକ ଏବେ ମଧ୍ୟ ଭଙ୍ଗା ଘରର ସ୍ଲାବ୍ ତଳେ ଚାପି ହୋଇ ରହିଛନ୍ତି । ସରକାରୀ ସାହାଯ୍ୟ ମିଳିବାରେ ବିଳମ୍ବ ହେଉଥିବାରୁ ସ୍ଥାନୀୟ ବାସିନ୍ଦାମାନେ ନିଜେ ଦଳ ଗଠନ କରି ଖାଲି ହାତରେ ଏବଂ ସାଧାରଣ ଯନ୍ତ୍ରପାତି ସାହାଯ୍ୟରେ ସେମାନଙ୍କ ପ୍ରିୟଜନଙ୍କୁ ଉଦ୍ଧାର କରିବା ପାଇଁ ଭଙ୍ଗାସ୍ତୂପ ଖୋଳୁଛନ୍ତି । ଅନ୍ୟପଟେ, ଭେନେଜୁଏଲାର ଏହି ସଙ୍କଟ ସମୟରେ ବିଶ୍ୱର ବିଭିନ୍ନ ଦେଶ ଏବଂ ମିଳିତ ଜାତିସଂଘ ସାହାଯ୍ୟର ହାତ ବଢ଼ାଇଛନ୍ତି । ଆମେରିକା, ମେକ୍ସିକୋ, କଲୋମ୍ବିଆ, ସ୍ୱିଜରଲ୍ୟାଣ୍ଡ ପରି ପ୍ରାୟ ୧୭ଟି ଦେଶରୁ ୧, ୦୦୦ରୁ ଅଧିକ ଉଦ୍ଧାରକାରୀ ଦଳ ଭେନେଜୁଏଲାରେ ପହଞ୍ଚି କାର୍ଯ୍ୟ ଆରମ୍ଭ କଲେଣି । ଭାରତ, ଚୀନ୍ ଏବଂ ବ୍ରାଜିଲ ଭଳି ଦେଶ ମଧ୍ୟ ସହାୟତା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । ଭେନେଜୁଏଲାର ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲସି ରୋଡ୍ରିଗଜ୍ ଆମେରିକା ପ୍ରଶାସନ ସହ ଯୋଗାଯୋଗ କରି ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ଭୂକମ୍ପ ପରବର୍ତ୍ତୀ ୪୮ ରୁ ୭୨ ଘଣ୍ଟା ଅତିକ୍ରମ କରିଯାଇଥିବାରୁ ଧ୍ୱଂସାବଶେଷ ତଳୁ ଆଉ କାହାକୁ ଜୀବିତ ଉଦ୍ଧାର କରିବା ଆଶା କ୍ଷୀଣ ହେବାରେ ଲାଗିଛି ।

## ଆସନ୍ତା ବର୍ଷ ଭାରତ ଆସିପାରନ୍ତି ଟ୍ରମ୍ପ

ନୂଆଦିଲ୍ଲୀ/ୱାଶିଂଟନ, ୨୭ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତା ବର୍ଷ ପ୍ରାରମ୍ଭରେ ଭାରତ ଗସ୍ତ କରିପାରନ୍ତି । ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ସୂଚନା ଅନୁସାରେ, ଏହି ଗସ୍ତ ସଫଳ ହେଲେ ଏହା ଟ୍ରମ୍ପଙ୍କ ଦ୍ୱିତୀୟ ଭାରତ ଗସ୍ତ ହେବ । ଏହା ପୂର୍ବରୁ ସେ ୨୦୨୦ର ଭାରତ ଆସି ଅହମଦାବାଦରେ 'ନମସ୍ତେ ଟ୍ରମ୍ପ' କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ସମ୍ଭାବ୍ୟ ଗସ୍ତ ପୂର୍ବରୁ ଭାରତର ହାଇଦ୍ରାବାଦରେ ଏକ ପ୍ରମୁଖ ସଡ଼କକୁ ଟ୍ରମ୍ପଙ୍କ ନାମରେ ନାମିତ କରାଯାଇଛି, ଯାହା ପାଇଁ ସେ ଭାରତକୁ ଧନ୍ୟବାଦ ଜଣାଇଛନ୍ତି । ଆମେରିକାର ଦୁଇ ଶହ ପଚାଶତମ ସ୍ୱାଧୀନତା ଦିବସ ଅବସରରେ ହାଇଦ୍ରାବାଦ ସ୍ଥିତ ଆମେରିକୀୟ ଦୂତାବାସ ନିକଟସ୍ଥ ଏକ ସଡ଼କକୁ 'ଡୋନାଲ୍ଡ ଟ୍ରମ୍ପ ଆଭେନ୍ୟୁ' ଭାବେ ନାମିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆମେରିକାର ରାଷ୍ଟ୍ରଦୂତ ସେର୍ଗିଓ ଗୋର ଏବଂ ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମଲ୍ଲୁ ଭଟ୍ଟି ବିକ୍ରମାର୍କ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମ୍ମାନ ପାଇଁ ଖୁସି ବ୍ୟକ୍ତ କରି ଟ୍ରମ୍ପ ନିଜର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଲେଖିଛନ୍ତି, 'ଏଭଳି ସମ୍ମାନ ପାଇବାରେ ମୁଁ ପ୍ରଥମ ଆମେରିକୀୟ ରାଷ୍ଟ୍ରପତି । ଭାରତକୁ ଅନେକ ଧନ୍ୟବାଦ ।'

## ଡିଏମ୍‌କେ ମେଣ୍ଟ ଛାଡ଼ିଲା ଏମ୍‌ଡିଏମ୍‌କେ

ଚେନ୍ନଇ, ୨୭ ।୬(ଏଜେନ୍ସି): ତାମିଲନାଡୁ ରାଜନୀତିରେ ଏକ ବଡ଼ ଓଲଟପାଲଟ ଦେଖିବାକୁ ମିଳିଛି । ବାଇକୋଙ୍କ ନେତୃତ୍ୱାଧୀନ ଏମଡିଏମକେ ଦଳ ଏମକେ ଷ୍ଟାଲିନଙ୍କ ଡିଏମକେ ସହ ଥିବା ନିଜର ୯ ବର୍ଷର ପୁରୁଣା ମେଣ୍ଟକୁ ଆନୁଷ୍ଠାନିକ ଭାବେ ଶେଷ କରିଦେଇଛି । ଦଳର ସାଧାରଣ ପରିଷଦ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି । ଏମଡିଏମକେ ଅଭିଯୋଗ କରିଛି ଯେ ଡିଏମକେ ପକ୍ଷରୁ ସେମାନଙ୍କ ଦଳକୁ ଦୁର୍ବଳ କରିବା ପାଇଁ କ୍ରମାଗତ ଚେଷ୍ଟା କରାଯାଉଥିଲା, ଯେଉଁଥିପାଇଁ ମେଣ୍ଟରେ ରହିବା ଆଉ ସମ୍ଭବ ନଥିଲା । ଅପରପକ୍ଷରେ ଡିଏମକେ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ବାଇକୋ ନିଜ ପୁଅକୁ ଦଳରେ ଉଚ୍ଚ ପଦବୀ ଦେବା ଯୋଗୁଁ ସେମାନଙ୍କ ଦଳ ନିଜେ ଦୁର୍ବଳ ହେବାରେ ଲାଗିଛି । ଏହି ମେଣ୍ଟ ଭାଙ୍ଗିବା ପରେ ଏମଡିଏମକେ ଏବେ ରାଜ୍ୟର ଶାସକ ଟିଭିକେ ଦଳ ଆଡ଼କୁ ଢଳୁଥିବା ସଙ୍କେତ ମିଳିଛି । ତେବେ ଏମଡିଏମକେର ଦୁଇଜଣ ବିଧାୟକ ଏହି ବୈଠକକୁ ବାସନ୍ଦ କରି ଡିଏମକେ ସହ ରହିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ଘଟଣା ପରେ ତାମିଲନାଡୁର ଆଗାମୀ ରାଜନୈତିକ ସମୀକରଣ ବଦଳିବା ସହ ଶାସକ ଓ ବିରୋଧୀ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଆହୁରି ତୀବ୍ର ହେବା ନିଶ୍ଚିତ ହୋଇଯାଇଛି ।

## ୧୩ଟି ହୋଟେଲ: କୋଚିଂ ସେଣ୍ଟର ସିଲ୍

ଅହମଦାବାଦ, ୨୭ ।୬(ଏଜେନ୍ସି): ଅଗ୍ନି ନିରାପତ୍ତା ନିୟମକୁ ବେଖାତିର କରିବା ଅଭିଯୋଗରେ ଗୁଜରାଟର ଅହମଦାବାଦ ସହରରେ ଅଗ୍ନିଶମ ବାହିନୀ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୁରକ୍ଷା ବ୍ୟବସ୍ଥାରେ ଗୁରୁତର ତ୍ରୁଟି ଯୋଗୁଁ ୧୩ଟି ହୋଟେଲ ଏବଂ ଗୋଟିଏ ପ୍ରମୁଖ କୋଚିଂ ସେଣ୍ଟରକୁ ସିଲ୍ କରାଯାଇଛି । ଅହମଦାବାଦ ଅଗ୍ନିଶମ ଏବଂ ଜରୁରୀକାଳୀନ ସେବା ବିଭାଗ ପକ୍ଷରୁ ସହରର ବିଭିନ୍ନ ବ୍ୟବସାୟିକ, ଶିକ୍ଷାନୁଷ୍ଠାନ ଓ ହୋଟେଲଗୁଡ଼ିକରେ ବ୍ୟାପକ ଚଢ଼ାଉ କରାଯାଇଥିଲା । ଏହି ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରିଥିବା ୧୫୪ଟି ହୋଟେଲ ଏବଂ ୬୨ଟି କୋଚିଂ ସେଣ୍ଟରକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ସହରର ପଶ୍ଚିମ ଜୋନ୍‌ରେ ସବୁଠାରୁ ଅଧିକ କାର୍ଯ୍ୟାନୁଷ୍ଠାନ ହୋଇଛି, ଯେଉଁଠାରେ ୭ଟି ହୋଟେଲ ସମେତ ନବକାର୍ ଇନଷ୍ଟିଚ୍ୟୁଟ୍ ନାମକ ଏକ ଶିକ୍ଷାନୁଷ୍ଠାନକୁ ସିଲ୍ କରାଯାଇଛି । ସେହିପରି ଉତ୍ତର-ପଶ୍ଚିମ ଜୋନ୍‌ରେ ନିରାପତ୍ତା ଅଭାବରୁ ହୋଟେଲ ଫିଜା, ହୋଟେଲ ଫାଉଣ୍ଟେନ୍ ଓ ଆପୋଲୋ ହୋଟେଲ ସମେତ ୬ଟି ପ୍ରତିଷ୍ଠାନକୁ ବନ୍ଦ କରିଦିଆଯାଇଛି । ଆଗାମୀ ଦିନରେ ମଧ୍ୟ ଏହିଭଳି ଚଢ଼ଉ ଜାରି ରହିବ ଏବଂ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନଥିବା ପ୍ରତିଷ୍ଠାନଗୁଡ଼ିକ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ରାମ ମନ୍ଦିର ଚାନ୍ଦା ଅର୍ଥ ଘୋଟାଲା

# ସିସିଟିଭି ଗାଏବ୍, ଡ୍ରାଇଭର ହାତରେ ହୁଣ୍ଡି ଚାବି

## ୬ ଜଣଙ୍କ ଠାରୁ ମିଳିଲାଣି ୮୦ ଲକ୍ଷ ଟଙ୍କା, ବିଦେଶୀ ମୁଦ୍ରା

ଲକ୍ଷ୍ନୌ, ୨୭।୬ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିରରେ ହୁଣ୍ଡି ଟଙ୍କା ଘୋଟାଲାକୁ ନେଇ ବିସ୍ଫୋରକ ତଥ୍ୟ ଆସିବାରେ ଲାଗିଛି । ହୁଣ୍ଡି ଦାନ ଅର୍ଥରୁ ୭ରୁ ସାଢ଼େ ସାତ କୋଟି ଟଙ୍କା ଚୋରି ହୋଇଥିବା ନେଇ ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ୮୦ ଲକ୍ଷ ଟଙ୍କା ଏବଂ ବିଦେଶୀ ମୁଦ୍ରା ଉଦ୍ଧାର ହେଲାଣି । ଏହି ଘୋଟାଲାରେ

### ଟ୍ରଷ୍ଟ କର୍ମକର୍ତ୍ତାଙ୍କୁ ସୁରକ୍ଷା କାହିଁକି: ବିରୋଧୀ

ମନ୍ଦିର ଟ୍ରଷ୍ଟର ୮ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଥିବା ବେଳେ ୬ ଜଣଙ୍କ ଠାରୁ ୮୦ ଲକ୍ଷ ଟଙ୍କା ଜବତ ହୋଇଛି । ଗଣତି କୋଠରିର ପାଖରେ ଥିବା ୱାସରୁମରେ ଲୁଚାଇ ରଖାଯାଇଥିବା ଅଢ଼େଇ ଲକ୍ଷ ଟଙ୍କା ମଧ୍ୟ ଜବତ ହୋଇଛି । ଏବେ ଯାଞ୍ଚ ଓ ଚଢ଼ଉ ଜାରି ରହିଥିବାରୁ ଆହୁରି ଟଙ୍କା ମିଳିବ ବୋଲି କୁହାଯାଉଛି । ତେବେ ଏହି ଘୋଟାଲାରେ କେବଳ ଛୋଟ ଛୋଟ କର୍ମଚାରୀଙ୍କୁ ଗିରଫ କରାଯାଇ ବଡ଼ ବଡ଼ କର୍ମକର୍ତ୍ତାଙ୍କୁ ସୁରକ୍ଷା ଦିଆଯାଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିବା ସହିତ ଟ୍ରଷ୍ଟର ବରିଷ୍ଠ କର୍ମକର୍ତ୍ତାଙ୍କୁ ତଦନ୍ତର ପରିସରଭୁକ୍ତ କରିବା ଲାଗି ଦାବି କରିଛନ୍ତି ।

ଘୋଟାଲାର ତଦନ୍ତ କରୁଥିବା ଏସ୍‌ଆଇଟି (ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍) ଯେତେ ଯାଞ୍ଚ ପ୍ରକ୍ରିୟା ଆଗକୁ ବଢ଼ାଉଛି, ସେଥିରେ ବିସ୍ଫୋରକ ତଥ୍ୟ ମିଳିବାରେ ଲାଗିଛି । ଭକ୍ତମାନେ ଦାନ କରୁଥିବା ଟଙ୍କାକୁ ଗଣିବା ବେଳେ ଏହାକୁ ଲୁଟ୍ କରିବା ଲାଗି ଅଭିଯୁକ୍ତମାନେ ସୁଚିନ୍ତିତ ଢଙ୍ଗରେ ଯୋଜନା ଚଳାଇଥିଲେ । ଦାନ ଅର୍ଥ ଗଣିବା ଲାଗି ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର



କୋଠରି ରହିଛି । ଏଥିରେ ସିସିଟିଭି ଲଗାଯିବା ସହିତ ସୁରକ୍ଷା ଗାର୍ଡଙ୍କ ଉପସ୍ଥିତିରେ ୧୪ ଜଣ କର୍ମଚାରୀ ଅର୍ଥ ଗଣିବା କାର୍ଯ୍ୟରେ ନିୟୋଜିତ ହେଉଛନ୍ତି । ଏଥିରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ୧୧ ଜଣ ଏବଂ ଟ୍ରଷ୍ଟର ତିନି ଜଣ କର୍ମଚାରୀ ଅଛନ୍ତି । ଏମାନଙ୍କ ପାଇଁ ସ୍ୱତନ୍ତ୍ର ପୋଷାକ ପିନ୍ଧିବାର ବ୍ୟବସ୍ଥା ରହିଛି, ଯେଉଁଥିରେ କି ପକେଟ୍ ନଥିବ । ଗଣତି କୋଠରି ଭିତରକୁ ପ୍ରବେଶ କରିବା ସମୟରେ ଏବଂ ବାହାରିବା ସମୟରେ ଏହି କର୍ମଚାରୀଙ୍କୁ ତନ୍ନ ତନ୍ନ କରି ଗାର୍ଡ ଯାଞ୍ଚ କରିବାର ପ୍ରାବଧାନ ରହିଛି । ପୁଣି ସେଠାରେ ଯେଉଁ ସିସିଟିଭି ଲାଗିଛି ତାହାକୁ ୧୮୦ ଦିନ ପାଇଁ ସୁରକ୍ଷିତ ରଖାଯିବାର ବ୍ୟବସ୍ଥା ମଧ୍ୟ ରହିଛି । କିନ୍ତୁ ଗଣତି ବେଳେ ଏହିସବୁ ଏସ୍‌ଓପି ଆଦୌ ପାଳନ କରାଯାଉ ନଥିଲା ବୋଲି ଏସଆଇଟି ଯାଞ୍ଚ ବେଳେ ଜଣାପଡ଼ିଛି । କର୍ମଚାରୀମାନେ ସ୍ୱତନ୍ତ୍ର ପୋଷାକ ପିନ୍ଧୁ ନଥିଲେ କି ସୁରକ୍ଷା ଗାର୍ଡ ଦ୍ୱାରା ସେମାନଙ୍କର ଯାଞ୍ଚ ମଧ୍ୟ କରାଯାଉନଥିଲା । କେବଳ ଏତିକି ନୁହେଁ, ସିସିଟିଭି ଫୁଟେଜ୍‌କୁ ୧୬୦ ଦିନ ପାଇଁ ସୁରକ୍ଷିତ ରଖିବା ବଦଳରେ ୪୫ ଦିନରେ ଏହାକୁ ନଷ୍ଟ କରାଯାଥିଲା । ଏହାକୁ ନେଇ ତଦନ୍ତକାରୀ ଟିମ୍ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ମନ୍ଦିରରେ ୪ଟି ଦାନ ବାକ୍ସ ଥିବା ବେଳେ ଏହାର ଚାବି ରହୁଥିଲା ଟ୍ରଷ୍ଟର ସଂପାଦକ ଚମ୍ପତ ରାୟଙ୍କ ଡ୍ରାଇଭର ତଥା ଅଭିଯୁକ୍ତ ଟିନ୍ନୁ ଯାଦବ ହାତରେ । ଡ୍ରାଇଭର ହାତରେ କାହିଁକି ଚାବି ରଖାଯାଇଥିଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି । ମାମଲାର ଅନ୍ୟତମ ଅଭିଯୁକ୍ତ ସୁଭାଷ ଶ୍ରୀବାସ୍ତବ ଗଣତି କାମରେ ନିୟୋଜିତ ଥିବା ବେଳେ ଟ୍ରଷ୍ଟର ଜଣେ ବରିଷ୍ଠ କର୍ମକର୍ତ୍ତାଙ୍କ ପରାମର୍ଶରେ ତାକୁ ନିଯୁକ୍ତି ମିଳିଥିଲା । ତେଣୁ ଏଥିରୁ ସ୍ପଷ୍ଟ ହେଉଛି ଯେ ଏହି ଘୋଟାଲାରେ ଟ୍ରଷ୍ଟର ଅନେକ ବରିଷ୍ଠ କର୍ମକର୍ତ୍ତା ମଧ୍ୟ ସାମିଲ ଅଛନ୍ତି ।

ସୂଚନାଯୋଗ୍ୟ ଯେ ଦିନକୁ ୭୦ ହଜାରରୁ ୮୦ ହଜାର ଭକ୍ତ ମନ୍ଦିର ଦର୍ଶନ କରନ୍ତି । ଗତବର୍ଷ ମନ୍ଦିର ହୁଣ୍ଡିକୁ ମିଳିଥିଲା ୩୨୭ କୋଟି ଟଙ୍କାର ଦାନ ଅର୍ଥ ।

## ବୈଠକରେ ଶୋଇପଡ଼ିଲେ କି ଟ୍ରମ୍ପ?

ୱାସିଂଟନ, ୨୭ ।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଏକ ସରକାରୀ ବୈଠକ ସମୟରେ ଆଖି ବନ୍ଦ କରି ବସିଥିବାର ଦେଖିବାକୁ ମିଳିଛି, ଯାହାକୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି । ହ୍ୱାଇଟ୍ ହାଉସର ଓଭାଲ ଅଫିସଠାରେ ଆୟୋଜିତ 'ଧାର୍ମିକ ସ୍ୱାଧୀନତା କମିଶନ' ବୈଠକ ସମୟରେ ଏହି ଘଟଣା ଘଟିଛି । କନଜରଭେଟିଭ୍ ଖ୍ରୀଷ୍ଟିଆନ ସଦସ୍ୟମାନଙ୍କୁ ନେଇ ଗଠିତ ଏହି କମିଶନର ବୈଠକ ବେଶ୍ ଗୁରୁତ୍ୱପୂର୍ଣ୍ଣ ଥିଲା । ବୈଠକରେ ଚର୍ଚ୍ଚ ଏବଂ ରାଷ୍ଟ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ହଟାଇବା ଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା ଚାଲିଥିଲା । ତେବେ ଟେକ୍ସାସର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଡ୍ୟାନ୍ ପାଟ୍ରିକ ଗଣମାଧ୍ୟମକୁ ସମ୍ବୋଧିତ କରୁଥିବା ସମୟରେ, ଟ୍ରମ୍ପ କିଛି ସମୟ ପାଇଁ ଆଖି ବନ୍ଦ କରି ଶୋଇପଡ଼ିଥିବା ଭଳି ଭିଡିଓରେ ଦେଖାଯାଇଥିଲା । ପରେ ଅନ୍ୟ ଜଣେ ବକ୍ତା କହିବା ଆରମ୍ଭ କରିବା ପରେ ସେ ଆଖି ଖୋଲି ଚାହିଁଥିଲେ । ଟ୍ରମ୍ପ ବୈଠକରେ ଶୋଇପଡ଼ିବା ନେଇ ଏହା ପ୍ରଥମ ଘଟଣା ନୁହେଁ । ଚଳିତ ବର୍ଷ ଫେବ୍ରୁଆରୀ ମାସରେ 'ବୋର୍ଡ ଅଫ୍ ପିସ୍' ବୈଠକ ସମୟରେ ମଧ୍ୟ ସେ ଶୋଇପଡ଼ିଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା । ସେହିପରି ମେ' ମାସରେ ଘଟିଥିବା ଏକ ସମାନ ଘଟଣାରେ ହ୍ୱାଇଟ୍ ହାଉସ ପକ୍ଷରୁ ସଫେଇ ଦିଆଯାଇଥିଲା ଯେ, ରାଷ୍ଟ୍ରପତି ଶୋଇନଥିଲେ ବରଂ ସେ କେବଳ ଦୀର୍ଘ ସମୟ ଧରି ଆଖି ପିଛାଡୁଥିଲେ । ଏହି ନୂଆ ଭିଡିଓ ସାମ୍ନାକୁ ଆସିବା



ପରେ ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଟ୍ରମ୍ପଙ୍କୁ ଥଟ୍ଟା କରିବା ସହ 'ତାଙ୍କୁ କେହି ଜଣେ ଶୋଇବାରୁ ଉଠାଇ ଦିଅନ୍ତୁ' ବୋଲି ମନ୍ତବ୍ୟ ଦେଇଛନ୍ତି । ଏହି ଘଟଣାକୁ ନେଇ ପ୍ରଶ୍ନ ଉଠିବା ପରେ ହ୍ୱାଇଟ୍ ହାଉସର ମୁଖପାତ୍ର ଡେଭିସ୍ ଇଙ୍ଗଲ୍ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ସେ କହିଛନ୍ତି ଯେ, ଟ୍ରମ୍ପ ଆମେରିକା ଇତିହାସର ସବୁଠାରୁ ଅଧିକ ସକ୍ରିୟ ଏବଂ ଶକ୍ତିଶାଳୀ ରାଷ୍ଟ୍ରପତି, ଯିଏ ଦେଶର ସମସ୍ୟା ସମାଧାନ ପାଇଁ ନିରନ୍ତର କାମ କରୁଛନ୍ତି । ଏଥିସହ ସେ ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ନେଇ କଟାକ୍ଷ ମଧ୍ୟ କରିଛନ୍ତି ।

## କେତନ ହତ୍ୟାର ରହସ୍ୟ ଖୋଲିଲା ସିୟା ଗୋୟଲ



- 'ବିବାହ ଭାଙ୍ଗିବା ବଦଳରେ ହତ୍ୟା କରିବା ସହଜ ଥିଲା'
- ଗୁଗୁଲ ଦେଖି ହତ୍ୟା ଯୋଜନା କରିଥିଲେ: ପୁଲିସ

ପୁଣେ, ୨୭ ।୬(ଏଜେନ୍ସି): ମହାରାଷ୍ଟ୍ରର ପୁଣେରେ ହୋଇଥିବା ବହୁଚର୍ଚ୍ଚିତ କେତନ ଅଗ୍ରୱାଲ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ସିୟା ଗୋୟଲଙ୍କ ଏକ ଚାଞ୍ଚଲ୍ୟକର ସ୍ୱୀକାରୋକ୍ତି ସାମ୍ନାକୁ ଆସିଛି । କେତନ ସହିତ ବିବାହ ପାଇଁ ପରିବାର ସ୍ଥିର କରିଥିଲେ ମଧ୍ୟ ସେ ତାଙ୍କୁ ବାହା ହେବାକୁ ଚାହୁନଥିଲା । ତେଣୁ ପରିବାର ଲୋକଙ୍କ ସମ୍ମାନ ରକ୍ଷା କରିବା ପାଇଁ ସେ ବିବାହ ଭାଙ୍ଗିବା ବଦଳରେ ନିଜ ଭାବି ସ୍ୱାମୀକୁ ହତ୍ୟା କରିବାକୁ ସହଜ ମଣିଥିଲା ବୋଲି ପୁଲିସ ଆଗରେ ପ୍ରକାଶ କରିଛି । କେତନଙ୍କୁ ହତ୍ୟା କରିବାର ଦୁଇ ତିନି ବର୍ଷ ପରେ ସେ ପ୍ରେମିକ ଚେତନକୁ ବିବାହ କରିବାକୁ ଯୋଜନା କରିଥିଲା ।

ସୂଚନାଯୋଗ୍ୟ ଯେ ଜୁନ୍ ୧୮ ତାରିଖରେ ଜଣେ ଜମି ଦଲାଲ କେତନ ଅଗ୍ରୱାଲଙ୍କର ଲୋହଗଡ଼ ଦୁର୍ଗ ପାହାଡ଼ରୁ ଖସି ମୃତ୍ୟୁ ହୋଇଥିଲା । ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ସିୟା ନିଜ ପ୍ରେମିକ ଚେତନ ଚୌଧୁରୀଙ୍କ ସହ ମିଶି କେତନଙ୍କୁ ପାହାଡ଼ରୁ ଠେଲି ହତ୍ୟା କରିଥିଲା । ଆସନ୍ତା ନଭେମ୍ବର ମାସରେ ସେମାନଙ୍କର ବିବାହ ହେବାର ଥିଲା, ମାତ୍ର ସିୟା ଏହି ବିବାହ ଚାହୁଁନଥିଲେ । ପୁଲିସ ସୂଚନା ଅନୁଯାୟୀ, ଜାନୁଆରୀ ମାସରୁ ସିୟା ଏବଂ ଚେତନଙ୍କ ମଧ୍ୟରେ ୨ ହଜାରରୁ ଅଧିକ ଥର ଫୋନରେ କଥାବାର୍ତ୍ତା ହୋଇଛି । ସେମାନେ ୨୩୮ ଘଣ୍ଟା କଥାବାର୍ତ୍ତା କରିଥିବା କଲ ରେକର୍ଡରୁ ଜଣାପଡ଼ିଛି । ଏହି କଥାବାର୍ତ୍ତାରୁ ଅନେକ ରହସ୍ୟ ଉନ୍ମୋଚିତ ହେବ ବୋଲି ପୁଲିସ ବିଶ୍ୱାସ କରୁଛି । ଏହି ସମ୍ବେଦନଶୀଳ ମାମଲାର ଯାଞ୍ଚ ପାଇଁ ପୁଲିସର ୬ଟି ଦଳ ଗଠନ କରାଯାଇଛି ଏବଂ ବର୍ତ୍ତମାନ ସିୟାଙ୍କ ପରିବାର ଲୋକଙ୍କୁ ଜେରା କରାଯାଉଛି । ପୁଲିସ ଏବେ ଉଭୟ ଅଭିଯୁକ୍ତଙ୍କ ମୋବାଇଲରୁ ଡିଲିଟ୍ ହୋଇଯାଇଥିବା ତଥ୍ୟ ଉଦ୍ଧାର କରିବା ସହ ଏହି ହତ୍ୟା ଷଡ଼ଯନ୍ତ୍ରର ଅଧିକ ପ୍ରମାଣ ସଂଗ୍ରହ କରୁଛି । ହତ୍ୟା କେମିତି କରାଯିବ ଏବଂ ଧରାପଡ଼ିଲେ ପୁଲିସକୁ କିପରି ଜବାବ ଦେବେ, ସେ ସଂପର୍କରେ ସେମାନେ ଗୁଗୁଲରେ ସର୍ଚ୍ଚ କରିଥିଲେ ବୋଲି ପୁଲିସ କହିଛି ।

## ରୁଷ କ୍ଷେପଣାସ୍ତ୍ର କାରଖାନାରେ ୟୁକ୍ରେନର ବୋମାମାଡ଼



କିଭ୍, ୨୭ ।୬(ଏଜେନ୍ସି): ଦୀର୍ଘ ୫ ବର୍ଷ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ ୟୁକ୍ରେନ ସେନା ରୁଷକୁ ଏକ ବଡ଼ ଝଟକା ଦେଇଛି । ୟୁକ୍ରେନ ପକ୍ଷରୁ ରୁଷର ଭୋଲଗୋଗ୍ରାଡ୍ ସହରରେ ଥିବା ଏକ ପ୍ରମୁଖ ସାମରିକ ଉଦ୍ୟୋଗ 'ଟାଇଟାନ-ବାରିକାଡି' ଉପରେ ଶକ୍ତିଶାଳୀ ମିସାଇଲ ଆକ୍ରମଣ କରାଯାଇଛି । ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ସୂଚନା ଅନୁଯାୟୀ, 'ଏଫ୍‌ପି-୫ ଫ୍ଲେମିଙ୍ଗୋ' ମିସାଇଲ ସାହାଯ୍ୟରେ ଏହି କାରଖାନାକୁ ଟାର୍ଗେଟ କରାଯାଇଛି, ଯେଉଁଠାରେ ରୁଷ ତା'ର ଘାତକ 'ଇସ୍କାନ୍ଦର-ଏମ୍' ମିସାଇଲ ସିଷ୍ଟମର ବିଭିନ୍ନ ଯନ୍ତ୍ରାଂଶ ଏବଂ ସାମରିକ ଗାଡ଼ି ନିର୍ମାଣ କରୁଥିଲା । ଏହି ଆକ୍ରମଣରେ ପ୍ରାୟ ୧୦ ଜଣ ଆହତ ହୋଇଥିବା ବେଳେ କାରଖାନାର ବ୍ୟାପକ କ୍ଷତି ଘଟିଛି । ରୁଷକୁ ଆର୍ଥିକ ଓ ସାମରିକ ସ୍ତରରେ ଦୁର୍ବଳ କରିବା ପାଇଁ ୟୁକ୍ରେନ ଏହିଭଳି ଦୂରଗାମୀ ଆକ୍ରମଣକୁ ଜୋରଦାର କରିଛି । ଅନ୍ୟପଟେ, ରୁଷ ମଧ୍ୟ ୟୁକ୍ରେନ ଉପରେ ପାଲଟା ଡ୍ରୋନ ଆକ୍ରମଣ ଜାରି ରଖିଛି । ଗତ ରାତିରେ ୟୁକ୍ରେନର ଉତ୍ତର-ପୂର୍ବ ସୁମି ଅଞ୍ଚଳରେ ରୁଷର ଏକ ଡ୍ରୋନ ଆକ୍ରମଣ ଯୋଗୁଁ ଜଣେ ୬୬ ବର୍ଷୀୟ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି । ୟୁକ୍ରେନର ଡ୍ରୋନ୍ ଆକ୍ରମଣର ଜବାବ ଦେବାକୁ ଯାଇ ରୁଷ ପ୍ରତିରକ୍ଷା ମନ୍ତ୍ରଣାଳୟ ଦାବି କରିଛି ଯେ ସେମାନେ ଗୋଟିଏ ରାତିରେ ପ୍ରାୟ ୬୬୦ଟି ୟୁକ୍ରେନୀୟ ଡ୍ରୋନ୍‌କୁ ଆକାଶରେ ଖସାଇ ଦେଇଛନ୍ତି । ରୁଷକୁ ଯୁଦ୍ଧ ଶେଷ କରିବା ପାଇଁ ବାଧ୍ୟ କରିବାକୁ ରାଷ୍ଟ୍ରପତି ଜେଲେନସ୍କି ଏକ '୪୦ ଦିନିଆ ସାମରିକ ଅଭିଯାନ'ର ନିର୍ଦ୍ଦେଶ ଦେଇଛନ୍ତି, ଯାହାଫଳରେ ଆଗାମୀ ଦିନରେ ଏହି ଆକ୍ରମଣ ଆହୁରି ତୀବ୍ର ହେବାର ଆଶଙ୍କା କରାଯାଉଛି ।

## ଟ୍ରମ୍ପଙ୍କୁ ଶୁଣୁନି ଇସ୍ରାଏଲ; ଲେବାନନ୍‌ରେ ଡ୍ରୋନ୍ ଆକ୍ରମଣ



ବେରୁଟ୍, ୨୭ ।୬(ଏଜେନ୍ସି): ଇସ୍ରାଏଲ ଏବଂ ଲେବାନନ୍ ମଧ୍ୟରେ ସୀମା ବିବାଦ ହ୍ରାସ କରିବା ପାଇଁ ଆମେରିକା ମଧ୍ୟସ୍ଥତାରେ ଏକ ସୁରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବାର ମାତ୍ର ଗୋଟିଏ ଦିନ ପରେ ପୁଣି ହିଂସା ଦେଖାଦେଇଛି । ଶନିବାର ଦିନ ଦକ୍ଷିଣ ଲେବାନନର ନବାତିୟା ଅଞ୍ଚଳରେ ଇସ୍ରାଏଲ ପକ୍ଷରୁ ଏକ ଡ୍ରୋନ୍ ଆକ୍ରମଣ କରାଯାଇଥିବା ନେଇ ଲେବାନନର ସରକାରୀ ଗଣମାଧ୍ୟମ ସୂଚନା ଦେଇଛି । ୱାଶିଂଟନରେ ଚାରି ଦିନର ଆଲୋଚନା ପରେ ଶୁକ୍ରବାର ଦିନ ହିଁ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ହୋଇଥିଲା, ଯାହାକୁ ଆମେରିକା ବୈଦେଶିକ ସଚିବ ମାର୍କୋ ରୁବିଓ ଆଞ୍ଚଳିକ ଶାନ୍ତି ଦିଗରେ ଏକ ପ୍ରାଥମିକ ପଦକ୍ଷେପ ବୋଲି କହିଥିଲେ । ତେବେ ଏହି ଆଲୋଚନାରେ ଇରାନ ସମର୍ଥିତ ହିଜବୁଲ୍ଲା ଗୋଷ୍ଠୀ ସାମିଲ ନଥିଲେ । ଜୁନ୍ ୧୭ ରେ ଆମେରିକା ଓ ଇରାନ ମଧ୍ୟରେ ହୋଇଥିବା ବୁଝାମଣା ପରେ ଅସ୍ତ୍ରବିରତି ପାଇଁ ଚେଷ୍ଟା ଚାଲିଥିବା ବେଳେ, ଏହି ତାଜା ଆକ୍ରମଣ ନୂତନ ସୁରକ୍ଷା ଚୁକ୍ତିର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ଆଞ୍ଚଳିକ ସ୍ଥିତିକୁ ଅଧିକ ଜଟିଳ କରିଦେଇଛି ।

## ଜୋନାଥନ୍‌କୁ ଦେଖିଲେ ମୋଦୀ

### ସେଶେଲ୍ସରେ ବିଶ୍ୱର ସବୁଠାରୁ ବୟସ୍କ ଜୀବ

ଭିକ୍ଟୋରିଆ, ୨୭ ।୬(ଏଜେନ୍ସି): ସେଶେଲ୍ସ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସେଠାକାର ଜାତୀୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରି ବିଶ୍ୱର ସବୁଠାରୁ ବୟସ୍କ ସ୍ଥଳଭାଗ ଜୀବ 'ଜୋନାଥନ' (ଏକ ବିଶାଳକାୟ କଇଁଛ)କୁ ଭେଟିଛନ୍ତି । ଭାରତ ଏବଂ ସେଶେଲ୍ସ ମଧ୍ୟରେ କୂଟନୈତିକ ସମ୍ପର୍କର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କୁ ସେଠାକାର ଜାତୀୟ ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ କରାଯାଇଛି । ଏହି ଗସ୍ତ ସମୟରେ ମୋଦୀ ଉଦ୍ୟାନରେ ଏକ ବୃକ୍ଷ ରୋପଣ ମଧ୍ୟ କରିଛନ୍ତି । ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ ଅନୁଯାୟୀ, ଜୋନାଥନର ବୟସ ପ୍ରାୟ ୧୯୪ ବର୍ଷ ଏବଂ ତାଙ୍କର ଜନ୍ମ ୧୮୩୨ ମସିହାରେ ହୋଇଥିବା ଅନୁମାନ କରାଯାଏ । ବାର୍ଦ୍ଧକ୍ୟ ଜନିତ କାରଣରୁ ତାର ଦୃଷ୍ଟିଶକ୍ତି ଓ ଶୁଙ୍ଘିବା ଶକ୍ତି କମିଯାଇଥିଲେ ସୁଦ୍ଧା ସେ ଏବେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଅଛି ଏବଂ ସେଶେଲ୍ସର ସବୁଠାରୁ ବଡ଼ ଆକର୍ଷଣ ପାଲଟିଛି । ଏହି ଗସ୍ତ ଦ୍ୱାରା ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ଆର୍ଥିକ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି ।



## ୫୯ ବର୍ଷ ଜମି ବିବାଦର ଅନ୍ତ ଘଟାଇଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୭ ।୬(ଏଜେନ୍ସି): ଉତ୍ତରାଖଣ୍ଡର ହରିଦ୍ୱାର ଜିଲ୍ଲାରେ ପ୍ରାୟ ସାତ ଦଶନ୍ଧି ଧରି ଚାଲିଥିବା ଏକ ଜମି ବିବାଦର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ଅନ୍ତ ଘଟାଇଛନ୍ତି । ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ୧୯୫୭ ମସିହାରେ ହୋଇଥିବା ଏକ ଜମି ବିକ୍ରି ଦଲିଲ୍‌କୁ ବୈଧ ଘୋଷଣା କରି ଏହି ଐତିହାସିକ ରାୟ ଶୁଣାଇଛନ୍ତି । ହରିଦ୍ୱାରର ନରସିପୁର କଲାନ୍ ଗାଁରେ ପ୍ରାୟ ୧୫.୫ ବିଘା ଜମିକୁ ନେଇ ଆବେଦନକାରୀ ଶରାଫତ ଅଲୀଙ୍କ ପୂର୍ବପୁରୁଷମାନେ ୧୯୫୭ ଜୁନ୍ ୪ରେ ଏକ ପଞ୍ଜିକୃତ ଦଲିଲ୍ ମାଧ୍ୟମରେ କିଣିଥିଲେ ଏବଂ ସେହି ଦିନଠାରୁ ସେମାନେ ଏହି ଜମିକୁ ନିଜ ଦଖଲରେ ରଖିଥିଲେ । ୧୯୮୪ ରେ ଏହି ଜମି ସେମାନଙ୍କ ନାମରେ ନାମଜାରୀ (ମ୍ୟୁଟେସନ) ହୋଇଥିଲା । ତେବେ ପରବର୍ତ୍ତୀ ସମୟରେ ଅନ୍ୟ ସହ-ଅଂଶୀଦାରମାନଙ୍କ ଆପତ୍ତି କାରଣରୁ ମାମଲା ପୁଣି ଖୋଲିଥିଲା । ୧୯୯୯ ରେ ଚକବନ୍ଦୀ ଅଧିକାରୀ ଏବଂ ପରେ ୨୦୧୭ ରେ ହାଇକୋର୍ଟ ଏହି ଦଲିଲ୍‌କୁ ଅବୈଧ ଘୋଷଣା କରି ଆବେଦନକାରୀଙ୍କ ଦାବିକୁ ଖାରଜ କରିଦେଇଥିଲେ । ଏହି କ୍ରମରେ ହାଇକୋର୍ଟଙ୍କ ନିଷ୍ପତ୍ତିକୁ ରଦ୍ଦ କଲେ ସୁପ୍ରିମକୋର୍ଟ । ତଳ କୋର୍ଟ ଏବଂ ହାଇକୋର୍ଟଙ୍କ ରାୟକୁ ସମ୍ପୂର୍ଣ୍ଣ ଭୁଲ୍ ଦର୍ଶାଇ ସୁପ୍ରିମକୋର୍ଟ କହିଛନ୍ତି ଯେ, ଏହି ଜମି ବିକ୍ରି ଦଲିଲ୍ ଜାଲ୍ କିମ୍ବା ପ୍ରତାରଣାମୂଳକ ଥିଲା ବୋଲି ବିରୋଧୀ ପକ୍ଷ କେବେ ହେଲେ କୋର୍ଟରେ ଦାବି କରିନାହାନ୍ତି । ସାକ୍ଷୀଙ୍କ ରହୁଥିବା ସ୍ଥାନର ନାମରେ ଥିବା ସାମାନ୍ୟ ତ୍ରୁଟିକୁ ଆଧାର କରି ଏକ ପଞ୍ଜିକୃତ ଆଇନଗତ ଦଲିଲ୍‌କୁ ଅବୈଧ କୁହାଯାଇପାରିବ ନାହିଁ ।

# ଗୋଟିଏ ରାତିରେ ୪ଜଣଙ୍କୁ ହତ୍ୟା

## ମାଆ-ଝିଅଙ୍କୁ କାଟିଦେଲେ

ମହୁଲଡିହା,୨୭ ।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ଅନ୍ତର୍ଗତ ତରାମରା ପଞ୍ଚାୟତ ଡକେଇପାଳ ଗ୍ରାମର ମୁକ୍ତାଝରୀ ସାହିରେ ଡବଲ ମର୍ଡର ହୋଇଛି । କେହି ଦୁର୍ବୃତ୍ତ ମାଆ-ଝିଅଙ୍କୁ ଧାରୁଆ ଅସ୍ତ୍ରରେ ହତ୍ୟା କରିଛନ୍ତି । ମୁକ୍ତାଝରୀ ସାହିର ଚୈତନ ଟୁଡୁ (୩୫) ଆଜି ଦିନ ୧୦ଟା ବେଳେ କୋଦାଳ ଧାର କରିବା ପାଇଁ ବିନ୍ଧାଣି ପାଖକୁ ଯାଇଥିଲେ । ଅପରାହ୍ନ ପ୍ରାୟ ୨ଟାରେ ଫେରି ଦେଖିବା ବେଳକୁ ଘରର କବାଟ ବନ୍ଦ ଅଛି । ଡାକିଲେ ମଧ୍ୟ କେହି ଶୁଣି ନ ଥିଲେ । ଶୋଇବା ଘର ଭିତର ପଟୁ ବନ୍ଦ ଥିଲା । ସିଡି ଲଗାଇ ସ୍କାଇ ଲାଇଟ ପଟେ ଉଠି ଦେଖିଥିଲେ ଯେ ସ୍ତ୍ରୀ ସୀତାମଣି ଟୁଡୁ (୩୦) ଓ ଝିଅ ଜବାମଣି ଟୁଡୁ ( ୮) ତଳେ ମରି ପଡିଥିଲେ । ଭିତର ପଟୁ କବାଟ ଖୋଲି ଦେଖନ୍ତି ତ ଝିଅ ବେକ ଧାରୁଆ ଅସ୍ତ୍ରରେ କଟାଯାଇଛି ଓ ସ୍ତ୍ରୀ ସୀତାର ମଧ୍ୟ ଧାରୁଆ ଅସ୍ତ୍ରରେ ଆକ୍ରମଣ ପରେ ପ୍ରଚୁର ରକ୍ତସ୍ରାବ ପରେ ମୃତ୍ୟୁ ହୋଇଛି । ସେ ପୁଲିସକୁ ଖବର ଦେବାରୁ ମହୁଲଡିହା ଥାନା ଅଧିକାରୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଥିବାବେଳେ କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାୟକ ଘଟଣାସ୍ଥଳକୁ ଯାଇ ପରିଦର୍ଶନ କରିଛନ୍ତି । ରବିବାର ସକାଳେ ବାରିପଦାରୁ ସାଇଣ୍ଟିଫିକ ଟିମ ଆସିବା ପରେ ଶବ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଆଇଆଇସି ତୁଷାର ନାୟକ ସୂଚନା ଦେଇଛନ୍ତି । ହତ୍ୟାକାଣ୍ଡର କାରଣ କ'ଣ ଓ କିଏ ହତ୍ୟାକାରୀ, ସେ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି ।

## ବିୟର ବୋତଲରେ ଯୁବକଙ୍କ ତଣ୍ଟି କାଟି ହତ୍ୟା

ଶଗଡା/ମନମୁଣ୍ଡା, ୨୭ ।୬(ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଅଧୀନ ଡିଗି ଗ୍ରାମର ଗୁଲୁ ଫାଷ୍ଟଫୁଡ୍ ଦୋକାନ ପାଖ ମୁହାଣ (ନାଳ) ନିକଟରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଛି । ମୃତ ଯୁବକ ଜଣକ ହେଲେ ରକ୍ଷିବନ୍ଧ ଗ୍ରାମର କପିଳ ନାୟକ (୩୦) । କାଠ ଫାଳିଆରେ ମାଡ଼ ମାରି ବିଅର ବୋତଲରେ ତଣ୍ଟି କାଟିବା ପରେ ପଥରରେ ତାଙ୍କ ମୁଣ୍ଡ ଛେଚି ଅତି ଅମାନୁଷିକ ଭାବେ ହତ୍ୟା କରାଯାଇଛି । ପୁଲିସ ଶବ ଜବତ କରି ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । କପିଳଙ୍କ ବାପା ରମେଶ ନାଏକଙ୍କ ଅଭିଯୋଗ ଆଧାରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଛି । ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା । ସକାଳୁ ଲୋକେ ମୃତଦେହ ଦେଖି ପରିବାର ଲୋକ ଓ ମନମୁଣ୍ଡା ପୁଲିସକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ମୃତଦେହକୁ ଚିହ୍ନଟ କରି ଅଧିକ ତଦନ୍ତ ଆରମ୍ଭ କରିଛି । ତେବେ ତାଙ୍କୁ କିଏ ଓ କାହିଁକି ହତ୍ୟା କଲା ତାହା ସ୍ପଷ୍ଟ ହୋଇନାହିଁ । ଏହି ଘଟଣା ଏବେ ସାରା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । କପିଳ ଟ୍ରାକ୍ଟର ଚଳାନ୍ତି । ସେ ବାକି ଟଙ୍କା ମାଗିବାକୁ ସନ୍ଧ୍ୟାରେ ମାଲିକଙ୍କ ଘରକୁ ଯାଇଥିଲେ । ଫେରିବା ବେଳକୁ ଫାଷ୍ଟଫୁଡ ସେଣ୍ଟର ନିକଟରେ କିଛି ସାଙ୍ଗଙ୍କ ସହ ବଚସା ହୋଇ ଏଭଳି ଘଟଣା ଘଟିଥିବା ଅନୁମାନ କରାଯାଇଛି ।

## ଘରେ ଶୋଇଥିବା ବୃଦ୍ଧଙ୍କୁ ଗଳାକାଟି ହତ୍ୟା

ବୈପାରିଗୁଡ଼ା,୨୭।୬(ସମିସ): କୋରାପୁଟ ଜିଲ୍ଲାର ବୈପାରିଗୁଡା ବ୍ଲକ ଅନ୍ତର୍ଗତ ଚିପାକୁର ପଞ୍ଚାୟତର କାଉକୁଣ୍ଡ ଗ୍ରାମରେ ବିଳମ୍ବିତ ରାତିରେ ଶୋଇଥିବା ବୃଦ୍ଧଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ମୃତକ ସେହି ଗାଁର ଲକ୍ଷ୍ମଣ ଗୋଲରୀ(୬୫) । ସୂଚନା ଅନୁଯାୟୀ, ସେ ଘର ଅଗଣାରେ ଏକ ଖଟିଆରେ ଶୋଇଥିବା ସମୟରେ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ତାଙ୍କ ଗଳା କାଟି ହତ୍ୟା କରିଥିବା ସନ୍ଦେହ କରାଯାଉଛି । ସକାଳେ ଉଠି ପରିବାର ଲୋକେ ଘଟଣା ଜାଣିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା । ମୃତକଙ୍କ ପୁଅ ରତି ଗୋଲରୀ ବୈପାରିଗୁଡା ଥାନାରେ ଏନେଇ ଲିଖିତ ଏତଲା ଦେଇଛନ୍ତି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ ଟିମ ଏବଂ ସନ୍ଧାନୀ କୁକୁର ମଧ୍ୟ ଘଟଣାସ୍ଥଳରୁ ବିଭିନ୍ନ ସାକ୍ଷ୍ୟ ଓ ପ୍ରମାଣ ସଂଗ୍ରହ କରୁଛି । ହତ୍ୟାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ, ବ୍ୟକ୍ତିଗତ ଶତ୍ରୁତା, ପାରିବାରିକ ବିବାଦ କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେହି ସବୁ ଦିଗକୁ ନଜରରେ ରଖି ପୁଲିସ ତଦନ୍ତ ଚଳାଇଛି । ଏହି ଘଟଣା ପରେ କାଉକୁଣ୍ଡ ଗ୍ରାମ ସମେତ ସମଗ୍ର ଅଞ୍ଚଳରେ ଭୟ ଓ ଉତ୍ତେଜନାର ପରିବେଶ ସୃଷ୍ଟି ହୋଇଛି । ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ତଦନ୍ତ ଶେଷ ହେବା ପରେ ହତ୍ୟା ପଛର ପ୍ରକୃତ କାରଣ ଏବଂ ଦୋଷୀଙ୍କ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିବ ବୋଲି ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ ସୂଚନା ଦେଇଛନ୍ତି ।

ରଥଖଳାରୁ...

## ତିନି ରଥରେ ବେଦୀ ନିର୍ମାଣ ଶେଷ

ପୁରୀ,୨୭।୬(ସମିସ): ରଥଯାତ୍ରା ନିମନ୍ତେ ଖୁବ୍ ଜୋର୍‌ରେ ଆଗେଇ ଚାଲିଛି ରଥ ନିର୍ମାଣ । ଶନିବାର ତିନିରଥରେ ପଟା ପଡ଼ି ବେଦୀ ନିର୍ମାଣ ଶେଷ କରିବା ସହ ତିନିରଥର ବେଦୀ ସିଂହାସନ ମୁହାଁଟି ବେଦୀରେ ଫିଟିଙ୍ଗ୍ କାର୍ଯ୍ୟ ଶେଷ କରିଛନ୍ତି । ଚାରମାଳ ବନ୍ଧା ପାଇଁ ଗୋଟିଏ ୩୦ ଫୁଟିଆ ଶାଳ ମାଲ କାଠର ଚଉପଟ କାର୍ଯ୍ୟ ଶନିବାର ଶେଷ ହେବା ପରେ ଚାରମାଳ ବନ୍ଧା କାର୍ଯ୍ୟ ପାଇଁ ଉକ୍ତ ଚଉପଟ ଶାଳ ମାଲ କାଠକୁ କୋଠା ସୁଆଁସିଆ ସେବକମାନଙ୍କୁ ଯୋଗାଇ ଦିଆଯାଇଛି । ତିନିରଥର ୪ଟି ଲେଖାଏଁ ୧୨ଟି ଦୁଆରବେଢ଼ାରେ ଚିତ୍ରକାର ସେବକମାନେ ଦୁଆରବେଢ଼ାଗୁଡିକରେ ରାହୁ ମୁଣ୍ଡ ରୂପ ଚିତ୍ର ସହ ସେଥିରେ ଛାୟା, ମାୟା ରଙ୍ଗ ଚିତ୍ର କାର୍ଯ୍ୟ ଶେଷ ହୋଇଛି । ମୁଖ୍ୟ ରୂପକାର ସେବକ ଏବଂ ସହଯୋଗୀ ରୂପକାର ସେବକମାନେ ମିଶି ତିନିରଥର ପ୍ରଭାରେ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି । ସେହିପରି ଚିତ୍ରକାର ସେବକମାନେ ତିନିରଥର ଠେକେରା ବାଡ଼, ଶୁଆ, ଅଁଳା, ରକ୍ଷି ପଟା, ହାତୀ ପଟା, ସଖୀଗୁଡ଼ିକରେ ରଙ୍ଗ କାର୍ଯ୍ୟ ଶେଷ କରି ନାଟଗୋଡ଼, ରଥ ପାର୍ଶ୍ୱ ମୂର୍ତ୍ତି, କନ୍ୟା ପଟା, କଳସ ଇତ୍ୟାଦିରେ ରଙ୍ଗ କାର୍ଯ୍ୟ ସହ ତିନିରଥର ସାରଥୀରେ ପ୍ରାଇମର୍ ପରେ ରଙ୍ଗ କାର୍ଯ୍ୟ ଜାରି ରହିଛି । ଏଥିସହ ତିନିରଥର ବାହ୍ୟ ଅଂଶଗୁଡ଼ିକର ରଙ୍ଗ କାର୍ଯ୍ୟ ଜାରି ରହିଛି । ଦୋଳବେଦୀ ଅସ୍ଥାୟୀ କମାରଶାଳରେ ଓଝା କମାର ସେବକମାନେ ତିନିରଥର ବେଦୀ ସିଂହାସନ ପାଇଁ ୧୦ଟି ଲେଖାଏଁ କଣ୍ଟା ଶେଷ କରି ଧ୍ୱଜ ବତା କଣ୍ଟା, ଧୂଳିଦଣ୍ଡା କଣ୍ଟା, ପ୍ରଭା କଣ୍ଟା ନିର୍ମାଣ ଜାରି ରଖିଛନ୍ତି । ଅପରପକ୍ଷରେ ପାହି ମହାରଣାମାନେ ଅଣସର ପାଇଁ କାଠ, ବାଉଁଶ ନିର୍ମିତ ସରଞ୍ଜାମ ନିର୍ମାଣ ଶେଷ କରି ରଥଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି ।



### କଣ୍ଟେନର ପଛରେ ପିଟିହେଲା ପୁଲିସ୍ ଭ୍ୟାନ୍

## ୨ ଡିଏସ୍‌ପିଙ୍କ ସମେତ ୩ ଗୁରୁତର

ବାଲେଶ୍ୱର/ବାରିପଦା,୨୭।୬(ସମିସ): କଣ୍ଟେନର ପଛରେ ଧକ୍କା ଦେଲା ପୁଲିସ ଭ୍ୟାନ । ଦୁଇ ପୁଲିସ ଅଧିକରୀ ଗୁରୁତର ଆହତ ହୋଇଥିବା ବେଳେ ଡ୍ରାଇଭର ଶୋଚନୀୟ ଅବସ୍ଥାରେ ରେମୁଣା ମେଡ଼ିକାଲ କଲେଜରେ ଭର୍ତ୍ତି ହୋଇଛନ୍ତି । ବାଲେଶ୍ୱର ରେମୁଣା ୧୬ ନମ୍ବର ଜାତୀୟ ରାଜପଥ ନୂଆଗାଁ ଛକ ନିକଟରେ ଭଦ୍ରକରୁ ବାରିପଦା ଯାଉଥିବା ସମୟରେ ନୂଆଗାଁ ଛକ ନିକଟରେ ଏକ କଣ୍ଟେନର ପଛରେ ପୁଲିସ୍ ଭ୍ୟାନ ପିଟି ହୋଇଥିଲା । ଫଳରେ ଏହି ଭୟଙ୍କର ଦୁର୍ଘଟଣାରେ ଭ୍ୟାନ ଭିତରେ ଥିବା ଡ୍ରାଇଭର ଓ ଦୁଇ ପୁଲିସ ଅଧିକାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି ।

ବାରିପଦାରେ କାର୍ଯ୍ୟରତ ଏଚଆରପିଏସ ଡ଼ିଏସପି ପାସ୍କେଲ ଏକ୍କା ଓ କ୍ରାଇମ ଡ଼ିଏସପି ନିରୁପମା ମଲ୍ଲିକ ଭଦ୍ରକ ମହରମ ଡିଉଟିରେ ଯାଇଥିବା ବେଳେ ଆଜି ବାରିପଦା ଫେରୁଥିବା ସମୟରେ ଅପରାହ୍ନରେ ତାଙ୍କ ଭ୍ୟାନ ବାଲେଶ୍ୱର ଜିଲ୍ଲା ୧୬ନଂ ଜାତୀୟ ରାଜପଥର ନୂଆଗାଁ ଛକ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । କଣ୍ଟେନର ପଛରେ ଧକ୍କା ହୋଇ ଭ୍ୟାନଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବା ବେଳେ ସ୍ଥାନୀୟ ଲୋକ ୨ଡ଼ିଏସପିଙ୍କ ସମେତ ଚାଳକ ବାଦଲ ପ୍ରଧାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ରେମୁଣା ମେଡିକାଲ କଲେଜରେ ଭର୍ତ୍ତି କରିଛନ୍ତି । ବାଲେଶ୍ୱର ଶିଳ୍ପାଞ୍ଚଳ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ତେବେ ଚାଳକ ବାଦଲଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି । ବାରିପଦାରୁ ଅତିରିକ୍ତ ଏସ୍‌ପିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ରେମୁଣା ମେଡିକାଲ କଲେଜରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

### ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ମହିଳା ଉଦ୍ୟମିତା ପ୍ଲାଟଫର୍ମ ଓଡ଼ିଶା ଅଧ୍ୟାୟର ଶୁଭାରମ୍ଭ

ଭୁବନେଶ୍ୱର,୨୭।୬(ସମିସ): ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି । ନୀତି ଆୟୋଗର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍‌ଫର୍ମ କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହା-ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଶନିବାର ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମଏସଏମଇ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ, ବରଂ ଚାକିରି ସୃଷ୍ଟି କରିବେ । ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ, ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ଉଦ୍ୟମିତା ପ୍ଲାଠଫର୍ମ(ଡବ୍ଲ୍ୟୁଇପି)ର ଏକ ବର୍ଷର ଆକ୍ସନ ପ୍ଲାନ୍‌ର ମଧ୍ୟ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ହସ୍ତତନ୍ତ, ସ୍କିଲ୍, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ପାର୍ଟନରସିପ୍ ଓ କୋଲାବରେସନ୍ ମଧ୍ୟ ଆଜି ଆରମ୍ଭ କରାଯାଇଛି । ସେହିପରି ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର'ର ଉଦ୍‌ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ । ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଳଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର' ପାଇଁ ଶିଳାନ୍ୟାସ କରାଯାଇଛି । ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ । ଏହା ବ୍ୟତୀତ ଗଞ୍ଜାମର ବରପାଲ୍ଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ଏମଏସଏମଇ ପାର୍କ'ର ଉଦ୍‌ଘାଟନ କରାଯାଇଛି । ଆଗାମୀ ଦିନରେ ଏକ ଇଞ୍ଜିନିୟରିଙ୍ଗ୍ କ୍ଲଷ୍ଟର, ମୁଦ୍ରଣ ଓ ପ୍ୟାକେଜିଙ୍ଗ୍ କ୍ଲଷ୍ଟର ଏବଂ କାଜୁ କ୍ଲଷ୍ଟରର ଶୁଭାରମ୍ଭ କରାଯିବ ମୁଖ୍ୟମନ୍ତ୍ରୀ ସୂଚନା ଦେବା ସହ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍ଟି ପ୍ରଡକ୍ଟ ଏମଏସଏମଇ ପାର୍କ ସ୍ଥାପନ କରାଯାଉଛି ବୋଲି ସେ କହିଥିଲେ । ରାଜ୍ୟରେ ଏମଏସଏମଇ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ୪ ଲକ୍ଷ ୩୨ ହଜାରରୁ ଅଧିକ ଏମଏସଏମଇ ଉପକୃତ ହୋଇଛନ୍ତି । ପିଏମଇଜିପି ଜରିଆରେ ୪,୯୦୦ କ୍ଷୁଦ୍ର ଉଦ୍ୟୋଗକୁ ୧୪୬ କୋଟି ଟଙ୍କାର ସବସିଡି ପ୍ରଦାନ କରାଯାଇଛି, ଯେଉଁଥିରେ ୪୨.୫ ପ୍ରତିଶତ ହିତାଧିକାରୀ ହେଉଛନ୍ତି ମହିଳା ।

କାର୍ଯ୍ୟକ୍ରମରେ ଯୋଗଦେଇ ନୀତି ଆୟୋଗର ଉପାଧ୍ୟକ୍ଷ ଡକ୍ଟର ଅଶୋକ ଲାହିରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ଯୋଜନା ଅଧୀନରେ ଓଡ଼ିଶା ଆଜି ବିକାଶର ଏକ ନୂଆ କିରଣ ସାଜିବା ସହ ଏକ ଉଦୀୟମାନ ତାରକା ଭାବେ ଉଭା ହୋଇଛି ।



**ବାଲେଶ୍ୱରରେ ରାଇସ୍ ମିଲିଙ୍ଗ୍ ଓ ପାହାଳରେ ରସଗୋଲା କ୍ଲଷ୍ଟର ସହ ଗଞ୍ଜାମ ଓ କଳାହାଣ୍ଡିରେ ଉଦ୍‌ଘାଟିତ ହେଲା ୨ଟି ମଲ୍ଟି-ପ୍ରଡକ୍ଟ ଏମଏସଏମଇ ପାର୍କ**

**ସମୃଦ୍ଧ ଓଡ଼ିଶାରେ ଆମର ମା ମାନେ ବିକାଶର ନେତୃତ୍ୱ ମଧ୍ୟ ନେବେ: ମୁଖ୍ୟମନ୍ତ୍ରୀ**

■ ମୋରଡ଼ା ଥାନା ଅଧିକାରୀଙ୍କ ଧମକରେ ନାବାଳିକା ଅଚେତ ପ୍ରସଙ୍ଗ

## ମୟୂରଭଞ୍ଜ ଏସ୍‌ପିଙ୍କୁ ରିପୋର୍ଟ ତଲବ କଲେ ମାନବାଧିକାର ଆୟୋଗ

ବାରିପଦା, ୨୭ ।୬ (ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନାକୁ ନ୍ୟାୟ ମାଗିବାକୁ ଯାଇ ଥାନା ଅଧିକାରୀଙ୍କ ନାଲି ଆଖି ଓ ଧମକ ପରେ ଜଣେ ନାବାଳିକା ୪ଘଣ୍ଟା ଅଚେତ ହେବା ଘଟଣାରେ ଓଡ଼ିଶା ମାନବିକ ଅଧିକାର ଆୟୋଗ (ଓଡ଼ିଶା ହ୍ୟୁମାନ ରାଇଟ୍ସ କମିଶନ) ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ତଲବ କରିଛନ୍ତି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆଗାମୀ ସେପ୍ଟେମ୍ବର ୨୫ ତାରିଖରେ କରାଯିବାକୁ ଦିନ ଧାର୍ଯ୍ୟ ହୋଇଛି । ସୂଚନା ମୁତାବକ, ଜଣେ ଯୁବକଙ୍କ ଦ୍ୱାରା ବାରମ୍ବାର ଅଭଦ୍ରୋଚିତ ତଥା ଅଶାଳୀନ ବ୍ୟବହାରରେ ଅତିଷ୍ଠ ହୋଇ ଗତ ମେ' ମାସ ୧୬ ତାରିଖ ଶନିବାର ଦିନ ୧୫ ବର୍ଷୀୟା ଜଣେ ନାବାଳିକା ମୋରଡା ଥାନାକୁ ନ୍ୟାୟ ପାଇଁ ଯାଇଥିଲେ । ମାତ୍ର ସେ ନ୍ୟାୟ ପାଇବା ପରିବର୍ତ୍ତେ ଥାନା ଅଧିକାରୀ ସୁମିତ ସୋରେନଙ୍କ ନାଲି ଆଖି ଓ ୭ ବର୍ଷ କାରାଦଣ୍ଡ ଭଳି ଧମକର ସାମ୍ନା କରିଥିଲେ । ଫଳରେ ନାବାଳିକା ଜଣକ ଅତି ମାତ୍ରାରେ ଭୟଭୀତ ହୋଇ ଦୀର୍ଘ ୪ ଘଣ୍ଟା ଧରି ଚେତାଶୂନ୍ୟ ଅବସ୍ଥାକୁ ଯାଇ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ଏହି ସମ୍ବେଦନଶୀଳ ଖବର "ସକାଳ'ରେ ପ୍ରକାଶିତ ହେବା ପରେ ମାନବିକ ଅଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ଓଡ଼ିଶା ମାନବିକ ଅଧିକାର ଆୟୋଗଙ୍କଠାରେ ଏକ ମାମଲା ରୁଜୁ କରିଥିଲେ । ଶ୍ରୀ ଦାସ ଦର୍ଶାଇଥିଲେ ଯେ, ଜଣେ ନାବାଳିକା ପୀଡ଼ିତାଙ୍କୁ ଥାନାରେ ନିର୍ଯାତନା ପ୍ରସଙ୍ଗ ମାନବିକ ଅଧିକାର ଉଲ୍ଲଂଘନ ହୋଇଥିବାରୁ ସରକାର ସଂପୃକ୍ତ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ସହିତ ପୀଡ଼ିତାଙ୍କୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦେବାକୁ ଅନୁରୋଧ କରିଥିଲେ । ଏହି ମାମଲାରେ ଓଡ଼ିଶା ମାନବିକ ଅଧିକାର ଆୟୋଗଙ୍କ ହସ୍ତକ୍ଷେପ ଲୋଡି ଶ୍ରୀ ଦାସ ଆୟୋଗଙ୍କ ନିଜସ୍ୱ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରାଇ ଥାନା ଅଧିକାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ପୀଡ଼ିତାଙ୍କୁ କ୍ଷତିପୂରଣ ଦେବା ଆବଶ୍ୟକ ବୋଲି ଦର୍ଶାଇଥିଲେ । ଦାଖଲ ହୋଇଥିବା କେସ ନଂ୧୮୭୭ ଆଧାରରେ ଓଡ଼ିଶା ମାନବିକ ଅଧିକାର ଆୟୋଗ ଅଧ୍ୟକ୍ଷ ଜଷ୍ଟିସ ଏସ ପୂଜାରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ରିପୋର୍ଟ ମାଗିବା ସହ ପରବର୍ତ୍ତୀ ଶୁଣାଣି ଆଗାମୀ ସେପ୍ଟେମ୍ବର ୨୫ରେ ହେବ ବୋଲି ରାୟ ଦେଇଛନ୍ତି । ଘଟଣା ଘଟିବା ପରେ ପୀଡ଼ିତା ପରିବାର ଏସପି, ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ନ୍ୟାୟ ଚାହିଁଥିବାବେଳେ ରାଷ୍ଟ୍ରପତିଙ୍କୁ ନିବେଦନ କରିଥିଲେ ହେଁ ଅଭିଯୁକ୍ତ ଥାନା ଅଧିକାରୀ ବର୍ତ୍ତମାନ ସୁଦ୍ଧା ଉପରିସ୍ଥ ଅଧିକାରୀଙ୍କ ସୁରକ୍ଷାରେ ନିଜ ଥାନାରେ କାର୍ଯ୍ୟ ତୁଲାଉଛନ୍ତି ।

**ସେପ୍ଟେମ୍ବର ୨୫ରେ ପରବର୍ତ୍ତୀ ଶୁଣାଣି**

■ ଚୁକ୍ତିଭିତ୍ତିକ ପ୍ରୋଗ୍ରାମ ମ୍ୟାନେଜରଙ୍କୁ ମିଳିଲା ନ୍ୟାୟ

## ୪ ମାସରେ ଚାକିରି ନିୟମିତ କର: ହାଇକୋର୍ଟ

କଟକ,୨୭।୬(ସମିସ): ରାଜ୍ୟର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା(ଡିଆରଡିଏ)ରେ ନିଯୁକ୍ତ ହୋଇ ପରବର୍ତ୍ତୀ ସମୟରେ ଜିଲ୍ଲା ପରିଷଦଗୁଡିକରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ହାଇକୋର୍ଟରୁ ମିଳିଛି ନ୍ୟାୟ । ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଏହି ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସେବାକୁ ସ୍ଥାୟୀ ବା ନିୟମିତ ନ କରି ସେମାନଙ୍କୁ ସମାନ କାର୍ଯ୍ୟ ପାଇଁ ସ୍ଥାୟୀ ସୁରକ୍ଷା ନ ଦେବା ଏକପ୍ରକାର ଶୋଷଣ ବୋଲି ଅଦାଲତ କହିଛନ୍ତି । ହିମାଂଶୁ ଭୂଷଣ ମହାରଣା ଓ ଅନ୍ୟମାନଙ୍କ ଦ୍ୱାରା ଦାୟର ଏକ ମାମଲାର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଆସନ୍ତା ୪ ମାସରେ ଆବେଦନକାରୀଙ୍କ ଚାକିରି ନିୟମିତ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଡିଆରଡିଏଗୁଡ଼ିକ ସୋସାଇଟି ହୋଇଥିଲେ ମଧ୍ୟ, ୨୦୨୨ରେ ସେଗୁଡ଼ିକର ଜିଲ୍ଲା ପରିଷଦ ସହ ସମ୍ପୂର୍ଣ୍ଣ ମିଶ୍ରଣ ସରିଛି । ସମ୍ବିଧାନର ଧାରା ୧୨ ଅନୁଯାୟୀ ଜିଲ୍ଲା ପରିଷଦ ସ୍ଥାନୀୟ କର୍ତ୍ତୃପକ୍ଷ ଭାବେ ପରିସରଭୁକ୍ତ । ତେଣୁ ଏଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେମାନଙ୍କର ପ୍ରାପ୍ୟ ଅଧିକାରରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି ।

ମାମଲାରୁ ପ୍ରକାଶ ଯେ ଗତ ୨୦୧୦ ମସିହାରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ଅଧୀନରେ ଥିବା ବିଭିନ୍ନ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାରେ ଆବେଦନକାରୀମାନେ ସହକାରୀ ପ୍ରୋଜେକ୍ଟ ଡାଇରେକ୍ଟର (ଏପିଡି) ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିଲେ । ପରବର୍ତ୍ତୀ ସମୟରେ ଏହି ପଦକୁ ପ୍ରୋଗ୍ରାମ ମ୍ୟାନେଜର ଭାବେ ନାମିତ କରାଯାଇଥିଲା । ୨୦୨୨ରେ ସରକାର ଡିଆରଡିଏଗୁଡ଼ିକୁ ଜିଲ୍ଲା ପରିଷଦ ସହ ମିଶ୍ରଣ କରିଦେଇଥିଲେ ଏବଂ ଏହି କର୍ମଚାରୀମାନେ ସେଠାରେ କାର୍ଯ୍ୟ ଜାରି ରଖିଥିଲେ । ଦୀର୍ଘ ୬ ବର୍ଷରୁ ଅଧିକ (ପ୍ରାୟ ଏକ ଦଶନ୍ଧି) ସେବା ସମ୍ପୂର୍ଣ୍ଣ କରିସାରିଥିବାରୁ, ସରକାରଙ୍କ ୨୦୧୩ ଓ ୨୦୧୪ର ଚୁକ୍ତିଭିତ୍ତିକ ନିଯୁକ୍ତି ନିୟମାବଳୀ ଅନୁଯାୟୀ ଚାକିରି ନିୟମିତ କରିବା ସହ ନିୟମିତ ଦରମା ପ୍ରଦାନ ପାଇଁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ରାଜ୍ୟ ସରକାର ଏହି ନିୟମିତକରଣକୁ ବିରୋଧ କରି ଯୁକ୍ତି ଦର୍ଶାଇଥିଲେ ଯେ ଡିଆରଡିଏଗୁଡ଼ିକ ସୋସାଇଟି ଆକ୍ଟ ଅଧୀନରେ ପଞ୍ଜିକୃତ ଥିଲେ, ତେଣୁ ସରକାରୀ ନିୟମ ସେମାନଙ୍କ ପାଇଁ ଲାଗୁ ହେବ ନାହିଁ ଓ ଆବେଦନକାରୀମାନେ କୌଣସି ନିୟମିତ ପ୍ରତିଯୋଗିତାମୂଳକ ସରକାରୀ ପରୀକ୍ଷା ମାଧ୍ୟମରେ ଆସିନାହାନ୍ତି । ସରକାରଙ୍କ ଅନୁମୋଦନକ୍ରମେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି ମାଧ୍ୟମରେ ମେଧା ଆଧାରରେ ଏହି ନିଯୁକ୍ତି ହୋଇଥିଲା । ଏହାକୁ ସର୍ବାଧିକ ଅନିୟମିତ କୁହାଯାଇପାରେ, କିନ୍ତୁ କୌଣସି ପରିସ୍ଥିତିରେ 'ବେଆଇନ' କୁହାଯାଇପାରିବ ନାହିଁ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି ।



## ବିଜେଡିର ପ୍ରଶ୍ନ: କେବେ ସୁଧୁରିବ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି

### ରାଜ୍ୟରେ ବଢୁଛି ଅପରାଧୀଙ୍କ ଦୌରାତ୍ମ୍ୟ; ପୁଲିସ ଉପରୁ ଆସ୍ଥା ହରାଇଲେଣି ସାଧାରଣଜନତା

ଭୁବନେଶ୍ୱର,୨୭।୬(ସମିସ): ଓଡ଼ିଶା ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ବିଜେପି ରାଜ୍ୟର ଶାସନ ଭାର ନେବା ଦିନଠାରୁ ଦୁଇ ବର୍ଷ ହେଲାଣି ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି । କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି । ମହିଳା ବିରୋଧୀ ହିଂସା, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ, ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି କ୍ଷୋଭ ପ୍ରକାଶ କରିଛି ବିଜେଡି । ବାରମ୍ବାର ଘଟୁଥିବା ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି ବୋଲି ବିଜେଡି ଅଭିଯୋଗ କରିଛି ।

ଶନିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା କହିଥିଲେ ଯେ ସହଦେବଖୁଣ୍ଟା ଥାନାଠାରୁ ମାତ୍ର ୬୦୦ ମିଟର ଦୂରରେ ଦୁର୍ବୃତ୍ତମାନେ ୮ ରାଉଣ୍ଡ ଗୁଳି ଚଳାଇ ଦିନ ଦ୍ୱିପ୍ରହରରେ ବାଲେଶ୍ୱରର ବ୍ୟବସାୟୀ ଶେଖ ହମିଦଙ୍କୁ ନିର୍ମମ ହତ୍ୟା କରିଛନ୍ତି । ସେହିପରି ପୁରୀରେ ଜଣେ ହୋଟେଲ ମାଲିକଙ୍କୁ ତାଙ୍କ ମ୍ୟାନେଜର ଓ ସହଯୋଗୀମାନେ ହତ୍ୟା କରିଥିଲେ । ପୁରୀରେ ଏଭଳି ଘଟଣା କେବଳ ଜନସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁନାହିଁ, ବରଂ ପର୍ଯ୍ୟଟକ ଓ ସମ୍ଭାବ୍ୟ ନିବେଶକଙ୍କ ନିକଟରେ ଓଡ଼ିଶାର ଭାବମୂର୍ତ୍ତିକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି । ଏ ସମସ୍ତ ଘଟଣାରୁ ସ୍ପଷ୍ଟ ହେଉଛି ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ବେଳେ ପୁଲିସ ବିଭାଗ କୋମାକୁ ଚାଲିଯାଇଛି । ମାଣିଆବନ୍ଧ ଏକ ଶାନ୍ତିପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ ଥିଲା ଏବଂ ପୂର୍ବରୁ ଏପରି ଅପରାଧିକ ଘଟଣା କେବେ ଘଟିନଥିଲା । ଶାଢ଼ୀ ପାଇଁ ସାରା ଦେଶରେ ପ୍ରସିଦ୍ଧ ଏହି ଅଞ୍ଚଳ ଆଜି ଏହି ଘଟଣା ପରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ପହଞ୍ଚିଛି ଏବଂ ସ୍ଥାନୀୟ ଲୋକଙ୍କ ମନରେ ଭୟ ଓ ଅସୁରକ୍ଷାର ଭାବନା ସୃଷ୍ଟି ହୋଇଛି ବୋଲି ସେ କ୍ଷୋଭ ପ୍ରକାଶ କରିଥିଲେ । ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍।କେ.ନିଜାମୁଦ୍ଦିନ କହିଥିଲେ ଯେ ରାଜ୍ୟରେ ଆଇନଶୃଙ୍ଖଳା ବଜାୟ ରଖିବା ଯେକୌଣସି ସରକାରଙ୍କର ସର୍ବପ୍ରଥମ ଦାୟିତ୍ୱ । ଓଡ଼ିଶାବାସୀ ସୁରକ୍ଷା, ନିରାପତ୍ତା ଓ ନ୍ୟାୟ ପାଇବାର ଅଧିକାରୀ । ସଂଖ୍ୟାଲଘୁ ବର୍ତ୍ତମାନ ରାଜ୍ୟରେ ସୁରକ୍ଷିତ ନାହାନ୍ତି । ବାଲେଶ୍ୱରରେ ବ୍ୟବସାୟୀ ହମିଦ୍‌ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ରାଜ୍ୟରେ ଘଟୁଥିବା ସଂଗଠିତ ଅପରାଧକୁ ସରକାର ଯଦି ରୋକିନପାରିବେ ଆଗାମୀ ଦିନରେ ଭୟଙ୍କର ବିରୋଧର ସମ୍ମୁଖୀନ ହେବେ ବୋଲି ସେ ଚେତାଇ ଦେଇଥିଲେ । ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି କହିଥିଲେ ଯେ ଗତ ୨୩ ତାରିଖରେ ରାଜ୍ୟର ଆଇନମନ୍ତ୍ରୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସୁଚାରରୂପେ ପରିଚାଳନା ନିମନ୍ତେ ସମୀକ୍ଷା ବୈଠକ କରି ଗଣମାଧ୍ୟମକୁ କହିଥିଲେ, ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ କରିବା ପାଇଁ ରାଜ୍ୟ ସରକାର ସମସ୍ତ ପଦକ୍ଷେପ ନେବା ସହିତ ଭକ୍ତମାନଙ୍କ ସୁରକ୍ଷାରେ କୌଣସି ଅବହେଳା କରାଯିବ ନାହିଁ । କିନ୍ତୁ ପରଦିନ ଅପରାଧୀମାନେ ଆଇନମନ୍ତ୍ରୀଙ୍କ କଥାକୁ ଖାତିର ନକରି ପୁରୀର ଜଣେ ହୋଟେଲ ବ୍ୟବସାୟଙ୍କୁ ନିର୍ମମ ଭାବେ ହତ୍ୟା କରି ଖସିଯିବାରେ ସଫଳ ହେଲେ । ସେହିପରି ବଡମ୍ବାର ମାଣିଆବନ୍ଧ ସରପଞ୍ଚଙ୍କ ସ୍ୱାମୀଙ୍କୁ ସର୍ବସମ୍ମୁଖରେ ତାଙ୍କ ପୁଅଙ୍କ ଉପସ୍ଥିତିରେ ଗୁଳି ମାରି ହତ୍ୟା କରିବାକୁ ଉଦ୍ୟମ କରିଥିବା ଆସାମୀମାନଙ୍କୁ ଧରିବାରେ ଏପର୍ଯ୍ୟନ୍ତ ପୁଲିସ ସକ୍ଷମ ହୋଇନାହିଁ । ରାଜ୍ୟରେ ଏଭଳି ଅପରାଧମାନ କେତେ ଦିନ ଚାଲିବ ବୋଲି ଡ. ମହାନ୍ତି ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।



**ଅପରାଧୀଙ୍କ ସୁରକ୍ଷାକବଚ ସାଜୁଛନ୍ତି ବିଜେପି ନେତା**

ସକାଳ THE SAKALA



# ଜିଲ୍ଲା କଂଗ୍ରେସ ପକ୍ଷରୁ ଛାତ୍ରୋ କି ଗୁଞ୍ଜି ସମାବେଶ



ଅନୁଗୋଳ,୨୭ ।୬(ସମିସ):

ଆଜି ମଧ୍ୟାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ କଂଗ୍ରେସ ଭବନଠାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଜିଲ୍ଲା ସ୍ତରୀୟ ଛାତ୍ରୋ କି ଗୁଞ୍ଜି ସମାବେଶ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦେଶର ଶିକ୍ଷା ବଜେଟ ୧୩୫ କୋଟି ହୋଇଥିବାବେଳେ କେବଳ ନିଟ୍ ପରୀକ୍ଷା ଲାଗି ୨୨ଲକ୍ଷ ଛାତ୍ରଛାତ୍ରୀଙ୍କ ଖର୍ଚ୍ଚ ୧୩୧ କୋଟି ଟଙ୍କା ଆକଳନ କରାଯାଇଛି ବୋଲି ସଭାପତି କହିଥିଲେ। ଏଥିରେ ପିସିସି ମୁଖପାତ୍ର ଜ୍ୟୋତିପ୍ରକାଶ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇ ଡବଲ ଇଞ୍ଜିନ ସରକାର ଦେଶ ଓ ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ କୁଠାରାଘାତ କରୁଛି ବୋଲି ପ୍ରକାଶ କରିଥିଲେ। ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଖେଳୁଛନ୍ତି। ଏ ନେଇ କେତେ ଯେ ଛାତ୍ରଛାତ୍ରୀ ସେମାନଙ୍କ ମନରେ ଥିବା ସ୍ୱପ୍ନକୁ ସରକାର ଧୂଳିସାତ କରି ଦେଇଛନ୍ତି, ସେ କଥା ସହଜରେ କହି ହେବନାହିଁ। ଶିକ୍ଷା ବ୍ୟବସ୍ଥା ଆଜି ଦିଶାହୀନ ହୋଇ ଚାଲୁଛି। ସେହିପରି ଆମ ରାଜ୍ୟରେ ପାଠ୍ୟପୁସ୍ତକରେ ନିଜ ଦାୟିତ୍ୱହୀନତାର ପରିଚୟ ଦେଇ ଯେଉଁଳି ଭୁଲ ବହି ଛାପି ପିଲାଙ୍କୁ ଦିଆଯାଇଛି, ତାହା ଓଡ଼ିଶା ଇତିହାସରେ ବିରଳ। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିବା ସରକାର ଆଜି ଅନ୍ୟ ହାତରେ ବନ୍ଧା ପଡୁଛି। ଛାତ୍ରଛାତ୍ରୀମାନେ ସଠିକ ବହି ଖଣ୍ଡେ ଏପର୍ଯ୍ୟନ୍ତ ପାଇ ପାରି ନାହାଁନ୍ତି। ସେମାନଙ୍କ ଭବିଷ୍ୟତ ସହିତ ସରକାର ଖେଳ ଖେଳୁଛନ୍ତି, ଏଣୁ ଏହାର ଦୃଢ ପ୍ରତିବାଦ କରିବା ସହ ଛାତ୍ରଛାତ୍ରୀମାନେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବେ। ଯୁବକମାନେ ଶିକ୍ଷା ଆହରଣ କରି ଚାକିରି ଖଣ୍ଡେ ପାଇବା କଷ୍ଟ ହୋଇ ପଡୁଛି। ବେକାରୀ ଦିନକୁ ଦିନ ବଢୁଛି। ଏ ସବୁ ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିକଟରେ ଛାତ୍ର ଯୁବକମାନଙ୍କୁ ଭେଟି ନିଜର ଅଧିକାର ପାଇଁ କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଇ ଥିଲେ। ଏଣୁ ଛାତ୍ରଛାତ୍ରୀ ମାନେ ଏବେ ଏକଜୁଟ ହୋଇ ଆନ୍ଦୋଳନ କରିବାକୁ ଆଗେଇ ଆସିଛନ୍ତି। ଛାତ୍ରଛାତ୍ରୀ ଓ ଯୁବକମାନେ ଦେଶର ଭବିଷ୍ୟତ ହୋଇଥିବାରୁ ତାଙ୍କ ଆନ୍ଦୋଳନକୁ ସମର୍ଥନ ଦେବାପାଇଁ ଭାରତୀୟ ଜାତୀୟ କଂଗ୍ରେସ ସ୍ଥିର କରିଛି। ସମସ୍ତ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ସେମାନଙ୍କୁ ଦେବା ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ ବୋଲି ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟତମ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ସିଦ୍ଧେଶ୍ୱର ଗୁରୁ ଯୋଗଦେଇ ଦେଶ ଓ ରାଜ୍ୟର ଭୁଷୁଡି ଯାଉଥିବା ଶିକ୍ଷା ବ୍ୟବସ୍ଥାକୁ ଉଦ୍ଧାର କରିବା ପାଇଁ ପ୍ରତ୍ୟେକ ନାଗରିକ ଆଗକୁ ବହାରିବା ଉଚିତ ବୋଲି ପ୍ରକାଶ କରି ଆଗକୁ ହେବାକୁ ଥିବା ଛାତ୍ର ଛାତ୍ରୀ ଓ ଯୁବକମାନଙ୍କର ଦେଶ ବ୍ୟାପୀ ଆନ୍ଦୋଳନକୁ ସମସ୍ତ ବର୍ଗର ନାଗରିକମାନେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ କଂଗ୍ରେସ ନେତା ସୁବାଷ ଚନ୍ଦ୍ର ଭୋଇ, ଶତ୍ରୁଘ୍ନ ପାତ୍ର, ତପନ ପ୍ରଧାନ, ଅନୁଗୋଳ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ସାହୁ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ପ୍ରଫୁଲ୍ଲ ଦାସ, ଗୋପାଳ ଚନ୍ଦ୍ର ନାଥ, ବଲବୀର ସିଂ, ବିନୋଦ ମାଝୀ, ଅମୂଲ୍ୟ ବେହେରା,ରାକେଶ ମିଶ୍ର, ନବ ଗଡ଼ନାୟକ, ସୁଦୀପ ମିଶ୍ର, ପୂର୍ଣଚନ୍ଦ୍ର ଦେହୁରୀ,ଅରୁପ ସାମଲ, ସୁବାସ ସାହୁ, ଅବିନାଶ ଦଳବେହେରା, ଲିଲି ବେହେରା, ଅଶୋକ ନାଏକ, ଅରୁଣ ଦାସଙ୍କ ସହିତ ଶତାଧିକ ଛାତ୍ର, ଯୁବ ଏବଂ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ସେବା, ସୁଶାସନ ଓ ଗରିବ କଲ୍ୟାଣର ସଂକଳ୍ପ ସମାବେଶ



କିଶୋରନଗର,୨୭ ।୬(ସମିସ): କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂର୍ତ୍ତି ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆଠମଲ୍ଲିକ ବିଧାନସଭା କ୍ଷେତ୍ର ପକ୍ଷରୁ ସେବା, ସୁଶାସନ ଓ ଗରିବ କଲ୍ୟାଣର ସଂକଳ୍ପ ଏବଂ ବୁଦ୍ଧିଜୀବୀ ସମାବେଶ ଅନୁଷ୍ଠିତ ହୋଇଛି। ସମାବେଶରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା, ବିକାଶମୂଳକ କାର୍ଯ୍ୟକ୍ରମ ଏବଂ ସୁଶାସନର ବିଭିନ୍ନ ଦିଗ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାଲଲହଡ଼ା ବିଧାୟକ ତଥା ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରୟାସରେ ଓଡ଼ିଶାର ବିକାଶକୁ ନୂତନ ଦିଗ ମିଳିଥିବା କହିଛନ୍ତି। ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଯୋଗଦେଇ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଲୋକଙ୍କ ପାଖରେ କିପରି ପହଞ୍ଚୁଛି ସେ ସମ୍ପର୍କରେ ମତ ରଖିଛନ୍ତି। ମୁଖ୍ୟବକ୍ତା ଭାବେ ପୂର୍ବତନ ଜିଲ୍ଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ ଯୋଗଦେଇ ସରକାରଙ୍କ ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନୀତି ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସଭାପତୀୟ ଅଭିଭାଷଣରେ ପୂର୍ବତନ ମନ୍ତ୍ରୀ ସାହୁ ଡବଲ ଇଞ୍ଜିନ୍ ସରକାରରେ ଆଠମଲ୍ଲିକର କିପରି ବିକାଶ ହୋଇଛି ତାହା ଉପସ୍ଥାପନ କରିଥିଲେ। ଏହି ଅବସରରେ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ତଥା ବୁଦ୍ଧିଜୀବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ସାଂସଦଙ୍କ ପ୍ରତିନିଧି ସନ୍ତୋଷ ହୋତା, ପ୍ରକାଶ ସାହୁ, ଯୁବରାଜ ପରେଶ ଦେଓ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ପ୍ରଧାନ, ପ୍ରକାଶ ଡାଙ୍ଗ, ଅଜିତ ପ୍ରଧାନ, ବିଶ୍ୱଜିତ ମିଶ୍ର, ଅର୍ଜୁନ ସାହୁ, ପ୍ରଦୀପ ପ୍ରଧାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଚିତ୍ତରଞ୍ଜନ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମନୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶାନ୍ତ ହୋତା, ଜ୍ଞାନେନ୍ଦ୍ର ପ୍ରଧାନ, ରମେଶ ବେହେରା, ବିଶ୍ୱଜିତ ଗାଇଗରିଆ, ମନୋଜ ପ୍ରଧାନ, ପ୍ରିୟଦର୍ଶିନୀ ସ୍ୱାଇଁ ସହଯୋଗ କରିଥିଲେ।

## ● ପଡ଼ୋଶୀ ଘରୁ ମୃତଦେହ ଉଦ୍ଧାର

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ଖମାର,୨୭ ।୬(ସମିସ): ପଡ଼ୋଶୀ ଘରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଖମାର ଥାନା କରଡ଼ାପାଳ ଗାଁର ଧୀରେନ ବୋଇତା। ଧୀରେନଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଶୁକ୍ରବାର ସନ୍ଧ୍ୟାରେ ଧୀରେନ ଘରେ ସାଇକଲ ରଖି ବାହାରକୁ ଯାଇଥିଲେ। କିନ୍ତୁ ଶନିବାର ସକାଳ ପର୍ଯ୍ୟନ୍ତ ସେ ଘରକୁ ଫେରି ନ ଥିଲେ। ସକାଳେ ଘରଠାରୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ମଲିକା ଗାଉନ୍ତିଆ ନାମକ ଜଣେ ବିଧବା ମହିଳାଙ୍କ ଘରେ ତାଙ୍କ ମୃତଦେହ ପଡ଼ିଥିବା ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ଧୀରେନଙ୍କ ଗାଲ



ପାଖରେ ମାଡ଼ ହୋଇଥିବା ଏବଂ କେହି ତାଙ୍କୁ ହତ୍ୟା କରି ସେଠି ଫୋପାଡ଼ି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏପଟେ ମଲିକାଙ୍କ କହିବା ଅନୁଯାୟୀ ସେ ଗତକାଲିଠାରୁ ଏକ ବାହାଘରରେ ଯୋଗଦେବାକୁ ବାହାରକୁ ଯାଇଥିଲେ। ଫେରିବା ପରେ ଘରେ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଅନ୍ୟପଟେ ପରିବାର ଲୋକଙ୍କ କହିବା ଅନୁଯାୟୀ, ଧୀରେନ ଠିକାଦାରୀ କାମ କରିବା ସହିତ ବହୁ ଲୋକଙ୍କୁ ଧାରରେ ଟଙ୍କା ଦେଇଛନ୍ତି। ଟଙ୍କା ଫେରି ପାଇବା ପାଇଁ ବହୁ ସମୟରେ ବିଭିନ୍ନ ଲୋକଙ୍କ ସହ ତାଙ୍କର ବଚସା ହୁଏ। ଏଥିପାଇଁ କେହି ଦୁର୍ବୃତ୍ତ ତାଙ୍କୁ ହତ୍ୟା କରିଥିବା କହିଛନ୍ତି। ଏଥି ସହିତ ଗାଁରେ ହେଉଥିବା ବିଭିନ୍ନ ବିକାଶ ମୂଳକ କାମ ଠିକ୍ ଭାବେ ନ ହେଲେ ସେ ଠିକାଦାରମାନଙ୍କୁ ବିରୋଧ କରୁଥିଲେ। ଫଳରେ ତାଙ୍କର ବହୁ ରାଜନୈତିକ ଶତ୍ରୁ ମଧ୍ୟ ରହିଥିଲେ। ତାଙ୍କୁ ରାସ୍ତାରୁ ହଟାଇବା ପାଇଁ କେହି ଫୋନ୍ କରି ମଦ ପିଇବାକୁ ଡାକିଛନ୍ତି। ପରେ ସେଠାରେ ହତ୍ୟା କରି ମୃତଦେହ ମଲିକାଙ୍କ ଘରେ ରଖି ଫେରାର ହୋଇଯାଇଛନ୍ତି ବୋଲି ମଧ୍ୟ କୁହାଯାଉଛି। ଘଟଣାର ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦେବାକୁ ପରିବାର ପକ୍ଷରୁ ଦାବି କରାଯାଇଛି। ଏ ନେଇ ପାଲଲହଡ଼ା ଏସଡିପିଓ କୁହନ୍ତି, ପ୍ରାଥମିକ ତଦନ୍ତରୁ ହତ୍ୟାର କୌଣସି ପ୍ରମାଣ ମିଳିନାହିଁ। ତଦନ୍ତ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ■ ଭବିଷ୍ୟତକୁ ନେଇ ଦୁଇଭଉଣୀଙ୍କ ସଂଘର୍ଷ

# ଡିଏଭିରେ ଆଡ୍‌ମିଶନ ନ ମିଳିବାରୁ ଖଣିରେ ଆନ୍ଦୋଳନ

ତାଳଚେର,୨୭ ।୬(ସମିସ): ତାଳଚେର ବ୍ଲକ ହେସମୂଳ ଗ୍ରାମର କ୍ଷତିଗ୍ରସ୍ତ ପ୍ରଜା ଏମସିଏଲରେ ତାଙ୍କ ପରିବାରର ଜମିବାଡ଼ି ହରାଇଥିଲେ ମଧ୍ୟ ଏକ ପରିବାର ୬ଷ୍ଠ ଶ୍ରେଣୀ ପଢୁଥିବା ଦୁଇ ଜାଆଁଳା ଭଉଣୀଙ୍କୁ ସ୍ଥାନୀୟ ଡିଏଭି ସ୍କୁଲରେ ଆଡ୍‌ମିଶନ ନ ମିଳିବାରୁ ଶୁକ୍ରବାର ଉଭୟ ଭୁବନେଶ୍ୱରୀ କୋଇଲା ଖଣିରେ ବସି ଆନ୍ଦୋଳନ କରିଛନ୍ତି। କୁନି ଛୁଆ ଯେଉଁ ବୟସରେ ପାଠ ପଢ଼ିବା କଥା ସେହି ବୟସରେ ରାଜରାସ୍ତାକୁ ଓହ୍ଲାଇବା ଘଟଣା ସଭ୍ୟସମାଜ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ସରକାରର ସଭିଏଁ ପଢ଼ନ୍ତୁ ସଭିଏଁ ବଢ଼ନ୍ତୁ ଓ



''ବେଟି ପଢ଼ାଅ ବେଟି ବଞ୍ଚାଅ' ନାରା ଏହି ଦୁଇଭଉଣୀଙ୍କ କ୍ଷେତ୍ରରେ କିପରି କାର୍ଯ୍ୟକାରୀ ହୋଇପାରିଲା ନାହିଁ ସେ ନେଇ ଉପଖଣ୍ଡରେ ଚର୍ଚ୍ଚା ଜୋର୍ ଧରିଛି। ଏହି ଦୁଇ କୁନିଝିଅଙ୍କ ବାପା ସ୍ଥାନୀୟ ଡିଏଭି ସ୍କୁଲରେ ସେମାନଙ୍କ ନାମ ଲେଖାଇବାକୁ ଦୌଡ଼ି ଦୌଡ଼ି ନୟାନ୍ତ ହେବାପରେ ତାଙ୍କୁ ସ୍କୁଲର ପ୍ରିନ୍ସିପାଲ ରୋକଠୋକ୍ ନାମଲେଖା ହୋଇପାରିବ ନାହିଁ ବୋଲି କହିବାରୁ ନିଜ ଭବିଷ୍ୟତ ପାଇଁ ଆନ୍ଦୋଳନ କରିବା ଘଟଣା ସମାଜକୁ ଲଜ୍ଜିତ କରିବା ଭଳି ପରିସ୍ଥିତି ସୃଷ୍ଟି କରିଛି। ଦୁଇ କୁନିଝିଅଙ୍କ ଆନ୍ଦୋଳନ ଫଳରେ ଖଣିକାର୍ଯ୍ୟ ବନ୍ଦ ହୋଇଯାଇଥିବା ବେଳେ ତାଳଚେର ଥାନା ପୁଲିସ୍ ପହଞ୍ଚି ସେମାନଙ୍କୁ ଥାନାକୁ ଆଣି ବୁଝାସୁଝା କରିଥିଲା। ପରେ ଉଭୟଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖଣି କ୍ଷତିଗ୍ରସ୍ତ ପ୍ରଜାମାନେ ଏଠାରେ କିପରି ନ୍ୟାୟ ପାଉଛନ୍ତି ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଯାଇଛି।

# ଭାରତ ବିକାଶ ପରିଷଦ ପ୍ରତିଷ୍ଠାତାଙ୍କ ଜୟନ୍ତୀ ପାଳିତ



ଅନୁଗୋଳ,୨୭ ।୬(ସମିସ): ଭାରତ ବିକାଶ ପରିଷଦ, ଅନୁଗୋଳ ଶାଖା ପକ୍ଷରୁ ସ୍ଥାନୀୟ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଖ୍ୟାତ ଚିକିତ୍ସକ, ସମାଜ ସଂସ୍କାରକ ତଥା ଭାରତ ବିକାଶ ପରିଷଦର ପ୍ରତିଷ୍ଠାତା ମହାସଚିବ ଡା. ସୂରଜ ପ୍ରକାଶଙ୍କ ୧୨୬ତମ ଜୟନ୍ତୀ ପାଳିତ ହୋଇଛି। ସମ୍ପର୍କ, ସହଯୋଗ, ସଂସ୍କାର, ସେବା ଓ ସମର୍ପଣ ପଞ୍ଚ ନୀତିକୁ ଆଧାର କରି ଏହି ପରିଷଦ ୧୯୬୩ ଜୁଲାଇ ୧୦ରୁ ଯାତ୍ରା ଆରମ୍ଭ କରି ଆଜିସୁଦ୍ଧା ଭାରତରେ ୧୬୦୦ ଶାଖା ମାଧ୍ୟମରେ ଡା. ସୂରଜ ପ୍ରକାଶଙ୍କ ପ୍ରଣୀତ ନୀତିନିୟମ ତଥା ତାଙ୍କ ଆଦର୍ଶ ଅନୁସାରେ ସାମାଜସେବାରେ ଆଗେଇ ଚାଲିଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗରିବ ମହିଳାଙ୍କୁ ସିଲାଇ ମେସିନ୍ ପ୍ରଦାନ, କନ୍ୟାମାନଙ୍କ ରକ୍ତହୀନତା ପରୀକ୍ଷଣ, ଚାରାରୋପଣ, ଗରିବ ମେଧାବୀ ବିଦ୍ୟାର୍ଥୀଙ୍କୁ ଶିକ୍ଷା ସହାୟତା, ରକ୍ତଦାନ ଶିବିର ଭଳି ବିବିଧ ସାମାଜିକ କାର୍ଯ୍ୟ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶାନ୍ତନୁ କୁମାର ସର ଯୋଗଦେଇ ଡା. ସୂରଜ ପ୍ରକାଶଙ୍କ ତ୍ୟାଗ, ସଙ୍ଘର୍ଷ ତଥା ତପସ୍ୟାମୟ ଜୀବନ ବୃତ୍ତାନ୍ତ ଉପସ୍ଥାପନ କରିଥିଲେ। ପରିଷଦର ପ୍ରାନ୍ତୀୟ ପର୍ଯ୍ୟାବରଣ ପ୍ରମୁଖ ବିଜୟ କୁମାର ମୋଦୀ ସେବାପକ୍ଷରେ କରାଯିବାକୁ ଥିବା ସେବା ବିବରଣୀ ପ୍ରଦାନ କରିଥିଲେ। ସଦସ୍ୟ ସିଦ୍ଧନାଥ ସାହୁ, ମନ୍ମଥ ଦାସ, ଶାଖା ମହିଳା ସହଭାଗିତା ପ୍ରମୁଖ ସରୋଜିନୀ ଦେଈ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରମୋଦ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ସୁଶୀଲ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ■ କର୍ପୋରେଟ୍ ନେତୃତ୍ୱ ଉପରେ ଦୁଇଦିନିଆ ସେମିନାର

# 'ଯୁବପିଢ଼ିଙ୍କୁ ଉଦ୍ୟୋଗୀ ଭାବେ ଗଢ଼ି ତୋଳନ୍ତୁ'




ଅନୁଗୋଳ,୨୭ ।୬(ସମିସ): ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ, ଅନୁଗୋଳ ଚାପ୍ଟର ପକ୍ଷରୁ 'ଆର୍ଥିକ ନେତୃତ୍ୱରୁ କର୍ପୋରେଟ୍ ନେତୃତ୍ୱ' ବିଷୟବସ୍ତୁ ଉପରେ ଦୁଇଦିନିଆ ସେମିନାର ଆୟୋଜିତ ହୋଇଛି। ବର୍ତ୍ତମାନର ବ୍ୟବସାୟିକ ପରିବେଶରେ ଆର୍ଥିକ କାର୍ଯ୍ୟନିର୍ବାହୀମାନଙ୍କ ପରିବର୍ତ୍ତିତ ଭୂମିକାକୁ ଦୃଷ୍ଟିରେ ରଖି ଏହି ସେମିନାର ଆୟୋଜନ କରାଯାଇଛି। ଉଦଘାଟନୀ ଅଧିବେଶନରେ ମୁଖ୍ୟଅତିଥି ଭାବେ ନାଲକୋର ପୂର୍ବତନ ସିଏମଡି ଡ. ତପନ ଚାନ୍ଦ ଯୋଗଦେଇ ଇନଷ୍ଟିଚ୍ୟୁଟର ଏହି ସମୟୋପଯୋଗୀ ପଦକ୍ଷେପକୁ ପ୍ରଶଂସା କରିଥିଲେ। 'ବିକଶିତ ଭାରତ-୨୦୪୭' ବ 'ବିକଶିତ ଓଡ଼ିଶା-୨୦୩୬' ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଥିବା ସମୟରେ ମନୋଭାବରେ ପରିବର୍ତ୍ତନ ଆଣିବା ଅତ୍ୟନ୍ତ ଆବଶ୍ୟକ। ଆର୍ଥିକ ପରିଚାଳନା କ୍ଷେତ୍ରରେ 'ଭେରିଏନଷ୍ଟରୁ ଭିଜନ୍, ଏଣ୍ଟିଟିରୁ ଏଣ୍ଟରପ୍ରାଇଜ୍ ଏବଂ କଣ୍ଟ୍ରୋଲରୁ କୋଲାବୋରେସନ୍' ଦିଗକୁ ଏକ ମୌଳିକ ପରିବର୍ତ୍ତନ ଆବଶ୍ୟକ। ଯୁବସମାଜ ନିଜ କାର୍ଯ୍ୟକ୍ଷେତ୍ର, ଶିଳ୍ପ ଓ ସଂସ୍ଥା ସମ୍ପର୍କରେ ସମଗ୍ର ଜ୍ଞାନ ଆହରଣ କରନ୍ତୁ। ଯୁବପିଢ଼ିଙ୍କୁ ଉଦ୍ୟୋଗୀ ଭାବେ ଗଢ଼ିତୋଳି 'ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା' ଗଠନରେ ଆର୍ଥିକ କାର୍ଯ୍ୟନିର୍ବାହୀମାନେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିପାରିବେ ବୋଲି ସେ କହିଥିଲେ।

ସମ୍ମାନିତ ଅତିଥି ଭାବେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ଯୋଗଦେଇ ନାଲକୋ ସଂଗଠନଗୁଡ଼ିକର ସାମଗ୍ରିକ ଅଭିବୃଦ୍ଧିରେ ଆର୍ଥିକ ବୃତ୍ତିଧାରୀଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ସେମିନାରରେ ଚାରିଟି ବୈଷୟିକ ଅଧିବେଶନ ଆୟୋଜିତ ହେବ। ଅନୁଗୋଳ ଚାପ୍ଟରର ଅଧ୍ୟକ୍ଷ ଆଲୋକ ତ୍ରିପାଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ନାଲକୋର ପୂର୍ବତନ ସିଜିଏମ୍ (ଫାଇନାନ୍ସ) ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟଙ୍କ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ।

## ବାଘୁଆବୋଲ ଅଞ୍ଚଳରୁ ବିପୁଳ ମାଟି ଚୋରି

# ଦେବୋତ୍ତର ଜମିକୁ ବି ଛାଡୁନାହାନ୍ତି ମାଫିଆ



ତାଳଚେର,୨୭ ।୬(ସମିସ): ତାଳଚେର ପୌରପରିଷଦ ଅନ୍ତର୍ଗତ ସାପ୍ତାହିକ ହାଟକୁ ପଶିବା ପୂର୍ବରୁ ଏକ ବୃହତ ଦେବୋତ୍ତର ଜମିକୁ କୌଣସି ମାଫିଆ ପାଣିମାହାରାକୁ ବନ୍ଦ କରି ସେଠାରେ ପାଉଁଶ ଚୋରାମାଟି ବିଛାଇ ସମତଳ କରୁଥିବା ବେଳେ କିପରି ତହସିଲ କାର୍ଯ୍ୟାଳୟ ସମ୍ମୁଖକୁ ଏହି ଘଟଣା ଆସୁନାହିଁ ତାକୁ ନେଇ ଏବେ ଚର୍ଚ୍ଚା ଚାଲିଛି। ଆହୁରି ମଧ୍ୟ ତାଳଚେର ପୌରପରିଷଦରେ ଥିବା ସମସ୍ତ ଦେବୋତ୍ତର, ଦେଶକୃଚ, ସରକାରୀ ଓ ପାଣିମାହାରା ଜମି ମାଫିଆମାନଙ୍କ ଲୋଲୁପ ଦୃଷ୍ଟି ଯୋଗୁଁ ଦର ଅଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏତିକି ନୁହେଁ ସେହି ଜମିଗୁଡ଼ିକରେ ମାଟି, ପାଉଁଶ ପକାଇ ପାଣିମାହାରାକୁ ବନ୍ଦ କରିଦେଉଥିବାରୁ ବର୍ଷାଋତୁରେ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏସବୁ ପ୍ରତି ତାଳଚେର ତହସିଲ ପ୍ରଶାସନ ଆଖି ବୁଜି ଦେଇଥିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ନିକଟରେ ଥିବା କୁମ୍ଭେଶୁଣୀ ମନ୍ଦିର ପଛପାଖରେ ଏକ ବୃହତ ପାଣିଟାଙ୍କି ନିର୍ମାଣ କରିବାକୁ ସେହି ଜମିରୁ ୪ଶହରୁ ୫ଶହ ଟ୍ରିପ୍ ମାଟି ଉଠାଯାଇ ସେହିମାଟିକୁ ଏକ ପିଇବା ପାଣି କାରଖାନାକୁ ବିକି ଦେଇଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ସେମାନେ ତହସିଲ କାର୍ଯ୍ୟାଳୟରୁ ମାଟି ଖୋଳିବା ଓ ବିକିବାକୁ ଅନୁମତି ଆଣିଛନ୍ତି ନା ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ମାଟିକୁ ଟ୍ରକ ଯୋଗେ ଓଭରଲୋଡ୍ କରି ନେଉଥିବା ବେଳେ ରାସ୍ତାରେ ମାଟି ପଡ଼ି ପଥଚାରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେହିପରି ରାସ୍ତା ନିର୍ମାଣ ସହ ଟ୍ରେନ ଲାଇନ ବିଛାଇବା ଓ ଗୃହ ନିର୍ମାଣ କାର୍ଯ୍ୟ ତାଳଚେର ଅଞ୍ଚଳରେ ଚାଲୁଥିବା ବେଳେ ସେମାନେ ମାଟି କେଉଁଠାରୁ ଓ କିପରି ଆଣି ବିଛାଉଛନ୍ତି ତାକୁ ନେଇ ଅଞ୍ଚଳବାସୀଙ୍କ ସନ୍ଦେହ ଦ୍ୱିଗୁଣିତ ହୋଇଛି। ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ସତ୍ୟ ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

# ହାତୀ ଆକ୍ରମଣ ବୃଦ୍ଧି ନେଇ ସାଂସଦଙ୍କ ଉଦବେଗ



ଅନୁଗୋଳ,୨୭ ।୬(ସମିସ): ହାତୀ ଆକ୍ରମଣରେ ମୃତ ଅନୁଗୋଳ ବିଧାନସଭା କ୍ଷେତ୍ର ଅଧୀନ ନୂଆମୌଜା ପଞ୍ଚାୟତ ଶରଧାପୁର ଗ୍ରାମର ଗୋଲାପ ସାହୁଙ୍କ ବାସଭବନକୁ ଯାଇ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ଗୋଲାପ ହେଲେ ଶତାୟୁ ପୁରୁଷ ଗୌରାଙ୍ଗ ସାହୁଙ୍କ ଝିଅ। ସେ ବୃଦ୍ଧ ପିତାମାତାଙ୍କର ସମସ୍ତ ଦାୟିତ୍ୱ ନିର୍ବାହ କରୁଥିଲେ। ଝିଅର ମୃତ୍ୟୁ ପିତାମାତାଙ୍କ ବଞ୍ଚିବାର ଆଶା ଟିକକ ଛଡ଼େଇ ନେଇଛି ବୋଲି ଗ୍ରାମବାସୀ ସାଂସଦଙ୍କୁ କହିଥିଲେ। ଏହି ଘଟଣାରେ ସାଂସଦ ଗଭୀର ମର୍ମାହତ ହୋଇଛନ୍ତି। ବିଭାଗୀୟ ଅପାରଗତା ପାଇଁ ଡିଏଫଓଙ୍କୁ କଡ଼ା ଭାଷାରେ ନିନ୍ଦା କରିବାସହ ଆଗାମୀ ଦିନରେ ଏପରି ଘଟଣା ଘଟିଲେ ଜନତା ଆଉ ସହ୍ୟ କରିବେନି ବୋଲି ଶୁଣେଇଛନ୍ତି। ଗୋଟିକିଆ ହାତୀ ବାରମ୍ବାର ଆକ୍ରମଣ କରି ଧନଜୀବନ କ୍ଷତି କରୁଥିବା ବେଳେ ଏ ଦିଗରେ ବିଭାଗ କାହିଁକି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁନି ବୋଲି ଡିଏଫଓଙ୍କୁ ପ୍ରଶ୍ନ କରିଛନ୍ତି। କାହିଁକି ହାତୀକୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ସ୍ଥାନାନ୍ତର କରାଯାଉନି ବୋଲି ପଚାରିଛନ୍ତି। ତୁରନ୍ତ ଏହି ହାତୀ ଉପଦ୍ରବ କିପରି ପ୍ରତିହତ କରିହେବ ଏବଂ କ'ଣ ସରକାରୀ ସହାୟତା ଆବଶ୍ୟକ ତାହା ଜଣେଇବାକୁ ସାଂସଦ ଡିଏଫଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହାତୀ ଉପଦ୍ରବରେ ଯେଉଁ ଫସଲ ହାନି ହେଉଛି ତାହାର ଉପଯୁକ୍ତ କ୍ଷତିପୂରଣ ମିଳୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ଏ ନେଇ ସାଂସଦ ଜଙ୍ଗଲ ବିଭାଗ ଉପରେ ବିରକ୍ତି ପ୍ରକାଶ କରି ଅନୁଗୋଳ ରେଞ୍ଜରଙ୍କ ସହ ଫୋନ୍ ଯୋଗେ ଏହି ଅଭିଯୋଗ ଉପରେ ସ୍ୱଷ୍ଟତା ପ୍ରକାଶ କରିବାକୁ କହିଥିଲେ। ହାତୀ ଉପଦ୍ରବରେ ଫସଲ ହାନିଜନିତ କ୍ଷତିପୂରଣ ରାଶି ପ୍ରଦାନରେ ସାମାନ୍ୟ ଅବହେଳା ପରିଲକ୍ଷିତ ହେଲେ ତୁରନ୍ତ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସାଂସଦ ତାଗିଦ କରିଛନ୍ତି। ବିଭାଗରେ ଖାଲି ପଡ଼ିଥିବା ପଦବୀ ବିଷୟରେ ସାଂସଦ ରେଞ୍ଜରଙ୍କୁ ପଚାରିବା ସହ ତୁରନ୍ତ ତାଲିକା ପ୍ରଦାନ କଲେ ବିଭଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ପଦବୀ ପୂରଣ ପାଇଁ ଚେଷ୍ଟା କରିବେ ବୋଲି ସାଂସଦ ପ୍ରକାଶ କରିଛନ୍ତି। ସାଂସଦଙ୍କ ଗସ୍ତ ସମୟରେ ବିଜେପି ବନ୍ତଲା ମଣ୍ଡଳ ପ୍ରଭାରୀ ଶେଷଦେବ ସାହୁ, ନୂଆମୌଜା ସରପଞ୍ଚ ବିକାଶ ପ୍ରଧାନ, ସର୍ବେଶ୍ୱର ସ୍ୱାଇଁ, ରାଧାମୋହନ ସାହୁ, ମୁନା ବେହେରା, ପ୍ରକାଶ ବେହେରା, ପିଣ୍ଟୁ ସାହୁ, ସିପୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ 'ଉଦ୍ୟମୀ ଓଡ଼ିଶା' କାର୍ଯ୍ୟକ୍ରମ ଉଦଘାଟିତ



ଅନୁଗୋଳ,୨୭ ।୬(ସମିସ):

ଅନୁଗୋଳ ଜିଲ୍ଲାର ବ୍ୟାପକ ଶିଳ୍ପ ସମ୍ଭାବନା ଓ ଶିଳ୍ପ ପୋର୍ଟଫୋଲିଓକୁ ପ୍ରଦର୍ଶନ କରିବା ନିମନ୍ତେ ଶନିବାର ଅପରାହ୍ନରେ ବିଜୁ ମଇଦାନରେ ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଏହି ପାଞ୍ଚଦିନିଆ ପ୍ରଦର୍ଶନୀକୁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଏବଂ ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ ଶୁଭାରମ୍ଭ କରିଥିଲେ। ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଶିବାଶିଷ କାନୁନଗୋଙ୍କ ସମେତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବିଭିନ୍ନ ଉତ୍ପାଦନକାରୀ ଏମଏସଏମଇ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ପାଇଁ ୩୦ଟି ସ୍ୱତନ୍ତ୍ର ଷ୍ଟଲ୍ ଆବଣ୍ଟନ କରାଯାଇଛି। ବିଧାୟକ ଓ ପୌରାଧ୍ୟକ୍ଷ ଷ୍ଟଲ୍‌ଗୁଡ଼ିକୁ ବୁଲି ଦେଖିବା ସହ ଉଦ୍ୟୋଗୀମାନଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଯୁବପିଢ଼ିଙ୍କୁ ଚାକିରି ପାଇଁ ଅପେକ୍ଷା କରିବାର ମାନସିକତାରୁ ଆଗକୁ ବଢ଼ି ଉଦ୍ୟୋଗୀ ହୋଇ ଅନ୍ୟମାନଙ୍କ ନିମନ୍ତେ ନିଯୁକ୍ତି ସୃଷ୍ଟିକାରୀ ହେବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ସହ ସମାନ୍ତରାଳ ଭାବେ 'ଉଦ୍ୟୋଗୀତା ସଚେତନତା ଏବଂ ଋଣ ସୁବିଧା' ଶୀର୍ଷକ ସେମିନାର ଆୟୋଜିତ ହୋଇଥିଲା। ଏହି ଅବସରରେ ''ମହିଳା ଉଦ୍ୟୋଗିତା ମଞ୍ଚ, ଓଡ଼ିଶା ଅଧ୍ୟାୟ'ର ଶୁଭାରମ୍ଭ ମଧ୍ୟ କରାଯାଇଛି। ସମ୍ଭାବ୍ୟ ମହିଳା ଉଦ୍ୟୋଗୀମାନେ କିଭଳି ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇ ବ୍ୟାଙ୍କ ଋଣ ଏବଂ ଆର୍ଥିକ ସହାୟତା ପାଇପାରିବେ, ସେ ନେଇ ଆଲୋଚନା ହୋଇଥିଲା। ସହାୟକ ଶିଳ୍ପ ଅଧିକାରୀ ହିମାଂଶୁ ଶେଖର ସାହୁ ଅଂଶଗ୍ରହଣକାରୀଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଆର୍ଥିକ ପ୍ରୋତ୍ସାହନ ଓ ଯୋଜନା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଲିଡ୍ ବ୍ୟାଙ୍କ ପରିଚାଳକ ଦୀପକ ମିଶ୍ର ନୂତନ ବ୍ୟବସାୟ ଓ ଉଦ୍ୟୋଗ ସ୍ଥାପନ ପାଇଁ ବ୍ୟାଙ୍କଗୁଡ଼ିକରୁ ଋଣ ନେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହାୟକ ଶିଳ୍ପ ଅଧିକାରୀ ଯଶୋବନ୍ତ ଦାସ, ଅଙ୍କିତ ସାମଲ, ଡବ୍ଲ୍ୟୁଇଓ ମାନସ ଭଞ୍ଜଦେଓଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ।

ଜଳବାୟୁର ଅହେତୁକ ପରିବର୍ତ୍ତନର ପ୍ରଭାବ

# ସଂକଟରେ ଭିତରକନିକାର ବିରଳ ଜୀବଜନ୍ତୁ

ରାଜନଗର, ୨୭।୬ (ସମିସ)

ଜୈବ ବିବିଧତା ଓ ବିରଳ ବନ୍ୟଜନ୍ତୁ ପାଇଁ ପର୍ଯ୍ୟଟନ ମାନଚିତ୍ରରେ ଭିତରକନିକା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ତେବେ ଜଳବାୟୁର ଅହେତୁକ ପରିବର୍ତ୍ତନ ସମଗ୍ର ବିଶ୍ୱ ପରିବେଶକୁ ବିଗାଡି ଦେଇଛି। ଏହାର ପ୍ରଭାବରେ ମଧ୍ୟ ବିଗିଡିଯାଇଛି ଭିତରକନିକାର ବିଭବ ଓ ଏଠାରେ ବସବାସ କରୁଥିବା ବନ୍ୟପ୍ରାଣୀ ଜୀବଜନ୍ତୁ। ଚଳିତବର୍ଷ ପ୍ରଚଣ୍ଡ ରୌଦ୍ରତାପର ପ୍ରଭାବ ଭିତରକନିକା ଜାତୀୟ ଉଦ୍ୟାନର ଜୀବଜନ୍ତୁଙ୍କ ଉପରେ ବିଶେଷ ଭାବେ ପ୍ରଭାବ ପକାଇଛି। ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ପୁଷ୍କରିଣୀ ଶୁଖାଯିବାରୁ ପାଣି ପାଇଁ ଗାଁ ମୁହାଁ ହେଲେଣି ହରିଣ, ବାର୍ହା ଆଦି ବନ୍ୟଜନ୍ତୁ। କିନ୍ତୁ ଅର୍ଥ ସର୍ବସ୍ୱ ମନୁଷ୍ୟ ନିଜର ଲାଳସା ପାଇଁ ପ୍ରକୃତିର ଏହି ନିରୀହ ଜୀବଙ୍କୁ ଗୋଟିଏ ପରେ ଗୋଟିଏ ହତ୍ୟା କରି ଚାଲିଛି। ଏମାନଙ୍କ ସୁରକ୍ଷାରେ ଥିବା ବନ ବିଭାଗ ଅଧିକାରୀ ସବୁ ଜାଣି ମଧ୍ୟ ଚୁପ ରହୁଛନ୍ତି। ଭିତରକନିକାର ଜାତୀୟ ଉଦ୍ୟାନର କେବଳ ହରିଣ, ବାର୍ହା ନୁହଁନ୍ତି, ବରଂ ଦୁର୍ଲଭ ରଣା, ଅହିରାଜ, ଗୋଖର, ଝିଙ୍କ, ବିରଳ ବଉଳା କୁମ୍ଭୀର, ଅଲିଭ୍‌ରିଡ୍‌ଲେ କଇଁଛ ପ୍ରଭୃତି ଜୀବଙ୍କୁ ଧରି ସେମାନଙ୍କୁ ଗଭୀର ସମୁଦ୍ର ମଧ୍ୟ ଦେଇ ବିଦେଶକୁ ଚାଲାଣ କରିବାର ନଜର ଅନେକ ରହିଛି।

ଏହାଛଡା ଭିତରକନିକା ଜାତୀୟ ଉଦ୍ୟାନ ଚାରିପାଖରେ ଥିବା ଚିଙ୍ଗୁଡିଘେରିରୁ ନିର୍ଗତ ବିଷାକ୍ତ ରାସାୟନିକ ପଦାର୍ଥ ଯୋଗୁଁ ବିଷ ବଳୟ ପାଲଟିଛି। ଫଳରେ ଏଠାକୁ ଆସୁଥିବା ଆଗନ୍ତୁକ ବିଦେଶାଗତ ଅତିଥି ପକ୍ଷୀଙ୍କ ନିରାପଦ ଖାଦ୍ୟ ସଂଗ୍ରହ ସ୍ଥାପନ ରୂପେ ପରିଚିତ ଏହି ଆର୍ଦ୍ରଭୂମି ଅଲୋଡ଼ା ହେବାକୁ ବସିଲାଣି। ସବୁଠୁ ସମ୍ବେଦନଶୀଳ ଘଟଣା ହେଉଛି ଜାତୀୟ ଉଦ୍ୟାନ ଚାରିପାଖରେ ସତୁରୀ ଦଶକ ପରଠାରୁ ଅଦ୍ୟାବଧି ବାଂଲା ଅନୁପ୍ରବେଶକାରୀ ବେଆଇନ ଭାବେ ବସବାସ କରିଚାଲିଛନ୍ତି। ଅପରପକ୍ଷରେ ଗଭୀର ସମୁଦ୍ରରେ ଖାଦ୍ୟ ଶୃଙ୍ଖଳର ଅଭାବ ଓ ଅନେକ ସମୟରେ କ୍ଷେପଣାସ୍ତ୍ର ପ୍ରୟୋଗରେ ବିଷ ବଳୟରେ କେବଳ ଅଲିଭରିଡଲେ କଇଁଛ ନୁହଁନ୍ତି, ବିଷାଳକାୟ ତିମି, ଡଲଫିନ୍, ନାଲି କଙ୍କଡ଼ାଙ୍କ ମୃତ ଦେହ ବେଳାଭୂମିରେ ପଡିଥିବା ଦେଖିବାକୁ ମିଳିଥାଏ। ଯାହାକୁ ନେଇ ବିଶ୍ୱତାପନର କୁପ୍ରଭାବ ଓ ଜଳବାୟୁର ଅହେତୁକ ପରିବର୍ତ୍ତନ ଯୋଗୁଁ ଘଟି ଚାଲିଛି। ବାଂଲା ଅନୁପ୍ରବେଶକାରୀ ଜଙ୍ଗଲ କାଟି କିଛି ଦିନ ବସବାସ କରିବା ପରେ ଭାରତୀୟ ନାଗରିକତ୍ୱର ସମସ୍ତ ପ୍ରମାଣପତ୍ର ହାତେଇ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବାରେ ଲାଗିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପେଶାଦାର ଶିକାରୀ ହୋଇଥିବାରୁ ବନ ବିଭାଗ ଆଖିରେ ଧୂଳି ଦେଇ ଦିନ ଦ୍ୱିପ୍ରହରରେ ବନ୍ୟଜନ୍ତୁ ଶିକାର କରିବା ସହିତ ବିରଳ ଲୁଣା ଜଙ୍ଗଲ ଧ୍ୱଂସକାରୀ ସାଜିଛନ୍ତି। ଏ ନେଇ ପରିବେଶବିତ୍ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସବୁଠୁ ବଡ଼କଥା ହେଲା ବନ ବିଭାଗର ଦୂରଦୃଷ୍ଟି ଅଭାବ, କେତେକ ଅର୍ଥଖୋର ବନ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ପାଇଁ ପ୍ରକୃତିର ବରଦାନ ଭିତରକନିକାର ହେନ୍ତାଳ ବଣ, ବିରଳ ଜୀବଜନ୍ତୁ ପ୍ରଭୃତି ଅସୁରକ୍ଷିତ ହୋଇପଡିଛନ୍ତି।

## ଡେରାବିଶ ସାଂସ୍କୃତିକ ସଂଗଠନର ପ୍ରତିଷ୍ଠା ଦିବସ



ଡେରାବିଶ, ୨୭।୬(ସମିସ): ଡେରାବିଶ ସାଂସ୍କୃତିକ ସଂଗଠନର ୧୬ତମ ପ୍ରତିଷ୍ଠା ଉତ୍ସବ ଆଜି ଡେରାବିଶ ବ୍ଲକ୍ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ତିଳକପୁରସ୍ଥ ସଂଗଠନ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ଡଃ ଭକ୍ତକବି ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ଡଃ ଅଶୋକ କୁମାର ଦାସ, ମୁଖ୍ୟବକ୍ତା ଭାବେ ସମାଜସେବୀ ହଳଧର ଦାଶ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେଡି ନେତା ରବି ସାମଲ ଯୋଗ ଦେଇଥିଲେ। ସଂଗଠନର ସମ୍ପାଦକ ସରୋଜ କୁମାର ଦାସ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ଡେରାବିଶ ବ୍ଲକ୍‌ରେ ଚଳିତବର୍ଷ ମାଟ୍ରିକ ଟପ୍ପର ହୋଇଥିବା ଛାତ୍ରୀ ସୌମ୍ୟାଦୀପ୍ତା ଦାସ, +୨ ବିଜ୍ଞାନରେ ଟପ୍ପର ହୋଇଥିବା ଛାତ୍ର ଶାରଦା ପ୍ରସନ୍ନ ଜେନା, ବାଣିଜ୍ୟରେ ଟପ୍ପର ହୋଇଥିବା ଛାତ୍ରୀ ଅଙ୍କିତା ବେହେରା ଓ କଳାରେ ଟପ୍ପର ହୋଇଥିବା ଛାତ୍ରୀ ଅର୍ପିତା ମଲିକଙ୍କୁ ସଂଗଠନ ପକ୍ଷରୁ ଅତିଥିମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମକୁ ସଂଗଠନର କର୍ମକର୍ତ୍ତା ପରିଚାଳନା କରିଥିଲେ।

## ରାଜନଗର କୃଷି ସମବାୟ ସମିତି ସମ୍ପାଦକ ନିଲମ୍ବିତ



ରାଜନଗର,୨୭।୬(ସମିସ): ରାଜନଗର ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ଜ୍ଞାନରଞ୍ଜନ ନାୟକଙ୍କୁ ନିଲମ୍ବନ କରାଯାଇଛି। କେନ୍ଦ୍ରାପଡା ଏଆରସିଏସ ରାଜନଗର ସମିତି ସମ୍ପାଦକଙ୍କୁ ନିଲମ୍ବନ କରିବା ସହିତ ରାଜନଗରସ୍ଥ କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଭାଟପଡ଼ା ପ୍ରାଥମିକ କୃଷି ସମବାୟ ସମିତି ସମ୍ପାଦକ ନୀଳମଣି ପ୍ରଧାନଙ୍କୁ ରାଜନଗର ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଚାଷୀଙ୍କ ପ୍ରତି ଅବହେଳା, ଅନେକ ସମୟରେ ଅଫିସ ନ ଆସିବା, ବାରମ୍ବାର ଫୋନ ସୁଇଚ ଅଫ ରଖିବା ଓ ସମୟ ପୂର୍ବରୁ ଅଡିଟ ନ କରିବା, ଚାଷୀଙ୍କଠାରୁ ଧାନ କିଣାରେ ହେରଫେର ଆଦି ଅଭିଯୋଗରେ ନିଲମ୍ବନ କରାଯାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ରାଜନଗର ପ୍ରାଥମିକ କୃଷି ସେବା ସମବାୟ ସମିତିରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ ଅଡିଟ ହୋଇନାହିଁ। ବ୍ୟାଙ୍କ ସ୍ତରରେ ଅଡିଟ ପାଇଁ ବ୍ୟବସ୍ଥା କରାଗଲେ ମଧ୍ୟ ସମ୍ପାଦକ ସହଯୋଗ କଲେନାହିଁ। ଫଳରେ ଚଳିତବର୍ଷ ବ୍ୟାଙ୍କ ପକ୍ଷରୁ ସେବା ସମବାୟ ସମିତିକୁ ରସିଦ ଇସ୍ୟୁ ହୋଇନାହିଁ। ରାଜନଗର ସେବା ସମବାୟ ସମିତିରେ ୨୩୦୦ ଚାଷୀ ଥିବାବେଳେ ୧୮୦୦ ଚାଷୀ ଋଣ ନେଇଛନ୍ତି। ରସିଦ ଇସ୍ୟୁ ନ ହେବା ଫଳରେ ୧୮୦୦ ଚାଷୀ ଚଳିତ ବର୍ଷ ସୁଧ ଛାଡ଼ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏଥିସହିତ ଚଳିତ ବର୍ଷ ଧାନ କିଣାରେ ମଧ୍ୟ ଚାଷୀଙ୍କୁ ଶୋଷଣ କରାଯାଇଥିବା ଅଭିଯୋଗ ଥିଲା। ଆଗରେ ଚାଷୀଙ୍କୁ ଟୋକାନ ଇସ୍ୟୁ ହୋଇ ନ ଥିବାବେଳେ ଲିଷ୍ଟରେ ତଳେ ଥିବା ଚାଷୀଙ୍କୁ ଟୋକାନ ଇସ୍ୟୁ ହୋଇଥିଲା। ଏଥିସହିତ କେତେକ ଚାଷୀ ସମ୍ପାଦକଙ୍କ କଥାରେ ମିଲରେ ଧାନ ଦେଇଥିଲେ ମଧ୍ୟ ଆଜି ଯାଏଁ ଟଙ୍କା ପାଇନାହାନ୍ତି। ଚାଷୀ ଏ ନେଇ ବାରମ୍ବାର ଅଭିଯୋଗ କରିଆସୁଥିଲେ। ଏପରିକି କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ସମ୍ପାଦକଙ୍କୁ ବାରମ୍ବାର ତାଗିଦା କରିବା ପରେ ବି ସମ୍ପାଦକ କର୍ଣ୍ଣପାତ କରି ନ ଥିଲେ। ଏହାକୁ ନେଇ ବ୍ୟାଙ୍କ ପରିଚାଳକ କେନ୍ଦ୍ରାପଡ଼ା ଏଆରସିଏସଙ୍କୁ ଜଣାଇଥିଲେ। ୧୦ ଦିନ ତଳେ ରାଜନଗର ସମବାୟ ସମିତି ସଭାପତିଙ୍କୁ ଅବଗତ କରିଥିଲେ। ୧୦ ଦିନ ମଧ୍ୟରେ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସମ୍ପାଦକ ଶୁଣି ନ ଥିଲେ। ଶେଷରେ ରାଜନଗର କେନ୍ଦ୍ର ସମବାୟ ସମିତି ସମ୍ପାଦକ ଜ୍ଞାନରଞ୍ଜନ ନାୟକଙ୍କୁ କେନ୍ଦ୍ରାପଡା ଏଆରସିଏସ ନିଲମ୍ବନ କରିଛନ୍ତି।

## କୁମ୍ଭୀର ଉପଦ୍ରବରୁ ସୁରକ୍ଷା ପାଇଁ ଗାଧୁଆ ତୁଠ ନିର୍ମାଣ

# ନିମ୍ନମାନର କାମ କରି ଅର୍ଥ ଲୁଟ୍ ଅଭିଯୋଗ



ରାଜନଗର,୨୭।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ କୁମ୍ଭୀର ଉପଦ୍ରବ ଆତଙ୍କ ସୃଷ୍ଟି କରିଛି। ନଦୀ ନାଳ ସମେତ ବିଭିନ୍ନ ଗାଁ ପୋଖରୀରେ କୁମ୍ଭୀର ଉପଦ୍ରବ ଚିନ୍ତାର କାରଣ ପାଲଟିଛି। ରାଜନଗର ବ୍ଲକ୍ ରାଜପୁର ପଞ୍ଚାୟତ ବାଲିଚନ୍ଦ୍ରପୁର ଗ୍ରାମର କ୍ଷମାନିଧି ଦାସ ଗାଧୁଆ ତୁଠ ଭିତରେ କୁମ୍ଭୀର ଆକ୍ରମଣର ଶିକାର ହେବା ପରେ ଗାଧୁଆ ତୁଠ ନିର୍ମାଣରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଗାଧୁଆ ତୁଠ ଭିତରେ କୁମ୍ଭୀର ପଶି ଆକ୍ରମଣ କରିବା ଘଟଣା ଲୋକଙ୍କୁ ଚିନ୍ତାରେ ପକାଇଛି। ଏହାର ତଦନ୍ତ କରାଯିବାକୁ ଦାବି କରାଯାଇଛି।

ରାଜନଗର ବ୍ଲକ ବାଲିଚନ୍ଦ୍ରପୁର ଗ୍ରାମରେ ୨୫୦ ପରିବାର ମଧ୍ୟରୁ ପ୍ରାୟ ୨୦୦ ପରିବାରର ୧୦୦୦ ଲୋକ ନଦୀ ଉପରେ ନିର୍ଭରଶୀଳ। ଏହି ଗାଁରେ ପୂର୍ବରୁ କୁମ୍ଭୀର ଆକ୍ରମଣରେ ୨୦୧୧ରେ ଶ୍ରୀମତୀ ରାଉତ ନାମକ ଜଣେ ମହିଳାଙ୍କ ଜୀବନ ଯାଇଥିବାବେଳେ ଅନେକ ଲୋକେ ଆହତ ହୋଇଛନ୍ତି। ନଦୀକୂଳିଆ ଲୋକେ ଯେପରି କୁମ୍ଭୀର ଆକ୍ରମଣରୁ ସୁରକ୍ଷିତ ରହିବେ, ସେଥିପାଇଁ ସରକାର ଅର୍ଥ ଯୋଗାଇ ଦେଉଛନ୍ତି। ନଦୀକୂଳିଆ ଲୋକେ ସୁରକ୍ଷିତ ଭାବେ ନଦୀରେ ଗାଧୋଇବା ପାଇଁ ଗାଧୁଆ ତୁଠ ନିର୍ମାଣ କରାଯାଉଛି। ୨ ମାସ ତଳେ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଗାଧୁଆ ତୁଠ ମଧ୍ୟରେ ପଶି କୁମ୍ଭୀର କ୍ଷମାନିଧି ଦାସଙ୍କୁ ଆକ୍ରମଣ କରିବା ଘଟଣା ପରେ ଲୋକେ ଅନିୟମିତତା ଅଭିଯୋଗ ଆଣିଛନ୍ତି। ନିମ୍ନମାନର କାମ ଯୋଗୁଁ ଏଭଳି ଅଘଟଣ ଘଟିଲା ବୋଲି ଲୋକେ କହିଛନ୍ତି। ରାଜନଗର ବନଖଣ୍ଡରେ ୨୩୮ଟି ସୁରକ୍ଷିତ ଗାଧୁଆ ତୁଠ ନିର୍ମାଣ ହୋଇଥିବାବେଳେ ଚଳିତ ବର୍ଷ ୨୩ଟି ନୂତନ ଗାଧୁଆ ତୁଠ ନିର୍ମାଣ କରାଯାଇଛି। ନୂତନ ଗାଧୁଆ ତୁଠ ନିର୍ମାଣ ସମୟରୁ ଲୁହା ଜାଲିରେ ଫାଙ୍କ ଥିବାବେଳେ ତାହାକୁ ଯାଞ୍ଚ ନ କରି କିପରି ବିଲ ଉଠାଇ ନିଆଗଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଡିଏଫଓ କିମ୍ବା ଏସିଏଫ ତନଖି ନ କରି କିପରି ବିଲ୍ ରିଲିଜ କଲେ ବୋଲି ପ୍ରଶ୍ନ ଉଠିଛି। ବର୍ଷାଦିନେ କୁମ୍ଭୀର ଭିତରକନିକା ଛାଡ଼ି ବିଭିନ୍ନ ନଦୀ, ନାଳ ଓ ଗାଁ ପୋଖରୀ ମଧ୍ୟକୁ ପଶିଯାଉଛନ୍ତି। ସେଥିପାଇଁ ବନ ବିଭାଗ ନଦୀକୂଳିଆ ଗାଁରେ ସଚେତନତା କାର୍ଯ୍ୟକ୍ରମ କରି ସୁରକ୍ଷିତ ଗାଧୋଇବା ପାଇଁ ଗାଧୁଆ ତୁଠ ବ୍ୟବହାର ପାଇଁ କହିଥାଏ। ନିମ୍ନମାନର କାର୍ଯ୍ୟ ପାଇଁ ସୁରକ୍ଷା ଦେଇପାରୁନାହିଁ ସୁରକ୍ଷା ବାଡ଼। ଗାଧୁଆ ତୁଠ ନିର୍ମାଣ ସମ୍ପର୍କରେ ଭିଜିଲାନ୍ସ ତଦନ୍ତ କରାଗଲେ, ରହସ୍ୟ ପଦାକୁ ଆସିପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଗୋଟିଏ ଖୁଣ୍ଟ ପାଇଁ ୧୩ ଗାଁ ୩୦ ଘଣ୍ଟା ଧରି ଅନ୍ଧାରରେ

ରାଜକନିକା,୨୭।୬(ସମିସ): ଗୁରୁବାର ଘୂର୍ଣ୍ଣିଝଡ଼ରେ ରାଜକନିକା ବ୍ଲକର ନନ୍ଦିମାହାରା ଗାଁ ନିକଟରେ ଥିବା ଏକ ବିଜୁଳି ଖୁଣ୍ଟ ଭାଙ୍ଗିଯିବାରୁ ତାହା ଏ ଯାବତ ମରାମତି ହୋଇ ନ ଥିବାରୁ ୧୩ଟି ଗାଁରେ ୩୦ ଘଣ୍ଟା ଧରି ବିଜୁଳି ସରବରାହ ବନ୍ଦ ରହିଛି। ସିକୋ ଓ କୋରନ୍ଦ ପଞ୍ଚାୟତର



ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଡାଳିକାଏନ୍ଦା, ଦୋସଉତୁଣୀ, କୋରନ୍ଦ, ହଟିଆପଡା, ?ାଂଶରିଆ, ପାଟଣା, ଗିରିୟା, ଗୁହାଳସାହି, ଓଡିଗିରିଆ ଆଦି ଗ୍ରାମର ୬ ହଜାର ଉପଭୋକ୍ତା ଏହି ସମସ୍ୟା ଭୋଗିଛନ୍ତି। ଟାଟା ପାୱାର ବିଜୁଳି ଯୋଗାଣରେ ଇଚ୍ଛାକୃତ ଅବହେଳାରେ ଏହି ଗାଁର ଲୋକେ ଉତ୍ତ୍ୟକ୍ତ ହୋଇଛନ୍ତି। ପ୍ରଚଣ୍ଡ ଗୁଳୁଗୁଳିରେ ସଢୁଥିବ ଲୋକେ ଟାଟା ପାୱାରର ମନମାନୀ ବିରୋଧରେ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି।

# ବେଧଡ଼କ ଚାଲିଛି ବାଲି ଚୋରା ଚାଲାଣ

**ଶୋଇଛି ଖଣି ବିଭାଗ**

ଓଳାଭର, ୨୭।୬(ସମିସ): ଦିନ ହେଉ ବା ରାତି, ରାଜକନିକା ବ୍ଲକର ବିଭିନ୍ନ ନଦୀଘାଟରୁ ବେଧଡ଼କ ବାଲି ଚୋରା ଚାଲାଣ ଚାଲିଥିବା ଦେଖିବାକୁ ମିଳୁଛି। ଖଣି ବିଭାଗ ଓ ତହସିଲ ପ୍ରଶାସନ ଶୋଇ ରହିଥିବାବେଳେ ବାଲି ମାଫିଆ ସରକାରୀ ନିୟମକୁ ଖୋଲା ଚ୍ୟାଲେଞ୍ଜ କରି କୋଟି କୋଟି ଟଙ୍କା କମାଉଥିବା ଅଭିଯୋଗ ହେଉଛି। ଫଳରେ ସରକାରଙ୍କ ରାଜସ୍ୱ କ୍ଷତି ହେବା ସହ ନଦୀଗୁଡିକର ସନ୍ତୁଳନ ବିଗୁଡୁଥିବା ପରିବେଶବିତ ଅଭିଯୋଗ କରିଛନ୍ତି।

ରାତି ୧୦ଟା ପରେ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀଘାଟରେ ଜେସିବି ଦ୍ୱାରା ବାଲି ଉଠାଣ ହେଉଥିବା ଦେଖିବାକୁ ମିଳୁଛି। ୫୦ରୁ ୮୦ ହାଇୱାରେ ବାଲି ଚୋରାରେ ବାହାରକୁ ଯାଉଥିବାବେଳେ ଅଞ୍ଚଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ଗୋଟିଏ ଟିପିରେ ୫-୬ ଟ୍ରିପ ବାଲି ଚାଲାଣ ହେଉଛି। କେତେକ ଗାଡ଼ିରେ ଟିପି ନାହିଁ। କେବଳ ଫୋନ୍ ସେଟିଂରେ କାମ ଚାଲିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ମାସିକିଆ ବଟି ଯୋଗୁଁ ଖଣି ଓ ରାଜସ୍ୱ ବିଭାଗ ଚୁପ୍। ଚଢ଼ଉ ଖବର ଆଗୁଆ ମାଫିଆଙ୍କ ପାଖକୁ ଚାଲିଯାଉଛି। ଓଭରଲୋଡ୍ କରି ହାଇୱା ଚଳାଚଳ କରୁଥିବାରୁ ଗାଁ ରାସ୍ତା ଖରାପ ହେଉଥିବାବେଳେ ଦୁର୍ଘଟଣା ବଢୁଥିବା ଅଭିଯୋଗ କରାଯାଉଛି। ଅନ୍ୟପକ୍ଷରେ ସରକାରଙ୍କୁ ଗୋଟିଏ ଟ୍ରିପ୍ ବାଲିରୁ ରୟାଲଟି ବାବଦକୁ ୨୫୦୦-୩୦୦୦ ଟଙ୍କା ମିଳିବା କଥା। ଦିନକୁ ୫୦ ଟ୍ରିପ୍ ହିସାବରେ ମାସକୁ ୪୫ ଲକ୍ଷ ରାଜସ୍ୱ କ୍ଷତି ହେଉଛି। ବେଆଇନ ଖନନ ଯୋଗୁଁ ନଦୀ ଗତିପଥ ବଦଳୁଛି, ବନ୍ୟା ବିପଦ ବଢୁଛି। ପାଖ ଗାଁର ନଳକୂପ ଶୁଖିଯାଉଛି। ସାଧାରଣ ଲୋକ ସରକାରୀ ରେଟ୍ ୨୦୦୦ ଟଙ୍କା ଟ୍ରାକ୍ଟର ଥିବାବେଳେ ଚୋରା ବାଲି ୪୫୦୦ରେ ବିକ୍ରି ହେଉଛି। ଫଳରେ ଘର କରିବା ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ ପାଲଟିଛି। ପ୍ରତି ବାଲିଘାଟରେ ସିସିଟିଭି ଓ ତହସିଲ ସ୍କ୍ୱାଡ୍ ବସାଯାଉ। ଓଭରଲୋଡ୍ ଗାଡି ଧରିବାକୁ ବେବ୍ରିଜ୍ ଲଗାଯାଉ। ବାଲିମାଫିଆ ଓ ସମ୍ପୃକ୍ତ ଅଧିକାରୀଙ୍କ ସମ୍ପତ୍ତି ଯାଞ୍ଚ କରାଯିବାକୁ ଦାବି ହେଉଛି।

## ବିଜେପି ରାଜ୍ୟ ସଭାପତିଙ୍କ କେନ୍ଦ୍ରାପଡ଼ା ଗସ୍ତ



**ବିଭିନ୍ନ ସାମାଜିକ ଓ ସଂଗଠନ କାର୍ଯ୍ୟକ୍ରମରେ ଯୋଗଦାନ**

କେନ୍ଦ୍ରାପଡ଼ା,୨୭।୬(ସମିସ): ଭାରତୀୟ ଜନତା ପାର୍ଟିର ଓଡ଼ିଶା ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ କେନ୍ଦ୍ରାପଡ଼ା ଗସ୍ତରେ ଆସି ବିଭିନ୍ନ ସାମାଜିକ ଓ ସଂଗଠନମୂଳକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତାଙ୍କ ଗସ୍ତକୁ ନେଇ ଜିଲ୍ଲା ବିଜେପି କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ଶ୍ରୀ ସାମଲ ମହାକାଳପଡ଼ା ବିଧାୟକ ଡା. ଦୁର୍ଗାପ୍ରସନ୍ନ ନାୟକଙ୍କ ସହ ତରାଣ୍ଡ ବଟଠାରେ ଆୟୋଜିତ 'ସ୍ୱଚ୍ଛ ଭାରତ' କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ପରେ ପୁରୁଣା ବସ୍‌ଷ୍ଟାଣ୍ଡ ଓ ସାନ୍ତସାହି ଦେଇ ବଳଦେବଜୀଉଙ୍କ ମନ୍ଦିରରେ ପହଞ୍ଚି ପ୍ରଭୁଙ୍କ ଦର୍ଶନ କରିବା ସହ ରାଜ୍ୟ ଓ ଜନସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ମନ୍ଦିର ପରିସରରେ ଆୟୋଜିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଶ୍ରୀ ସାମଲ ବୃକ୍ଷରୋପଣ କରି ପରିବେଶ ସୁରକ୍ଷା ଓ ସବୁଜ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏ ଅବସରରେ ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି, ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ରାଜ୍ୟ ସମ୍ପାଦକ ସରୋଜ କର, ପ୍ରଭାରୀ ଅଶୋକ ମିଶ୍ର, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀଙ୍କ ସମେତ ଦଳର ବହୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏଥିସହ ଗୀତାଞ୍ଜଳି ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା, ତେଜେଶ୍ୱର ପରିଡ଼ା, ଲଳିତ ବେହେରା, କିଶୋର ପଣ୍ଡା, ସୁନାକର ବେହେରା, ଉମାକାନ୍ତ ପଟ୍ଟନାୟକ, ଦୁର୍ଯ୍ୟୋଧନ ସାହୁ, ଉପେନ ରାଉତ, ମନୀଷା ପଣ୍ଡା, ଜ୍ୟୋତ୍ସ୍ନାରାଣୀ ଜେନାଙ୍କ ସମେତ ବିଭିନ୍ନ ମଣ୍ଡଳର କର୍ମକର୍ତ୍ତା ଓ ସ୍ଥାନୀୟ ବିଜେପି ନେତା ଯୋଗ ଦେଇଥିଲେ।

# କର୍କଟ ପୀଡ଼ିତଙ୍କୁ ସଦାଶିବ ହେଲ୍‌ପ ଫାଉଣ୍ଡେସନର ସହାୟତା



ମହାକାଳପଡ଼ା,୨୭।୬ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବାରଡାଙ୍ଗ ପଞ୍ଚାୟତ ବାରଡାଙ୍ଗ ଗ୍ରାମର ବାସିନ୍ଦା ସୁଦର୍ଶନ ଦାଶ (୩୭) କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା ଖବର ପାଇ ସମାଜସେବୀ ସଂଗଠନ ସଦାଶିବ ହେଲ୍‌ପ ଫାଉଣ୍ଡେସନ (ଭିତରସୁବଳା) ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଫାଉଣ୍ଡେସନର ସଦସ୍ୟ ଏକାଠି ହୋଇ ସୁଦର୍ଶନଙ୍କ ପରିବାରକୁ ୫,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରିୟରଞ୍ଜନ ଦାସ, ତପନ ରାଉଳ, ରାଜୁ ବସନ୍ତିଆ, ପ୍ରଭାତ ସ୍ୱାଇଁ, ରଞ୍ଜନ ରାଉତ, ବିଶ୍ୱରଞ୍ଜନ ବାରିକ, ଶଙ୍କର ଦାସ, ଓମ ପଲେଇ, ବିକ୍ରମ ପାତ୍ର, ସରୋଜ ବାରିକ, ସୌମ୍ୟରଞ୍ଜନ ସ୍ୱାଇଁ, ଗୌତମ ସାମଲଙ୍କ ସମେତ ଫାଉଣ୍ଡେସନର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଫାଉଣ୍ଡେସନର ସଦସ୍ୟ କହିଥିଲେ, ମାନବ ସେବା ହିଁ ପରମ ଧର୍ମ। ବିପଦ ସମୟରେ ଅସହାୟ ଲୋକଙ୍କ ପାଖରେ ଛିଡ଼ା ହେବା ହିଁ ସଂଗଠନର ମୂଳ ଉଦ୍ଦେଶ୍ୟ। ଭବିଷ୍ୟତରେ ଏଭଳି ସାମାଜିକ ଓ ମାନବିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷରେ ସୁଦର୍ଶନ ଦାଶଙ୍କ ଚିକିତ୍ସା ପାଇଁ ବହୁ ଅର୍ଥର ଆବଶ୍ୟକତା ଥିବାରୁ ସ୍ଥାନୀୟ ଗ୍ରାମବାସୀ ସରକାରଙ୍କୁ ତାଙ୍କ ପାଇଁ ତୁରନ୍ତ ଆର୍ଥିକ ସହାୟତା ଓ ଉନ୍ନତ ଚିକିତ୍ସା ବ୍ୟବସ୍ଥା କରିବାକୁ ଅନୁରୋଧ କରିଛନ୍ତି। ସରକାରୀ ସହାୟତା ମିଳିଲେ ସୁଦର୍ଶନ ସୁସ୍ଥ ହୋଇ ସାଧାରଣ ଜୀବନକୁ ଫେରିପାରିବେ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

## ପ୍ରଶିକ୍ଷଣ ନେଇ ଫେରିଲେ ଦୁଇ ଛାତ୍ର

ପଞ୍ଚୁପାଣ୍ଡବ,୨୭।୬(ସମିସ): ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତର ଦୁଇଜଣ ଛାତ୍ର ଅଗ୍ନିଶମ ବିଭାଗରେ ନିଯୁକ୍ତି ପାଇବା ପରେ ପ୍ରଶିକ୍ଷଣ ନେଇ ଫେରିଛନ୍ତି। ଡେରାକେଶପୁର ଗ୍ରାମର ଦାମୋଦର କରଙ୍କ ପୁଅ ଦିବ୍ୟପ୍ରକାଶ କର ଅଗ୍ନିଶମ ବାହିନୀରେ ନିଯୁକ୍ତି ପାଇବା ପରେ ସେ ମହାରାଷ୍ଟ୍ରର ନାସିକରେ ୬ ମାସ ପ୍ରଶିକ୍ଷଣ ନେଇ ଘରକୁ ଫେରିଛନ୍ତି। ଆସନ୍ତା ଜୁଲାଇ ମାସ ୭ ତାରିଖରେ ରାଜସ୍ଥାନରେ କାର୍ଯ୍ୟ କରିବାକୁ ଯୋଗଦେବେ। ସେହିପରି ବେଲାରପୁର ଗ୍ରାମର ଈଶ୍ୱର ସାହୁଙ୍କ ପୁଅ ତାପସ ସାହୁ ବେଙ୍ଗାଲୁରୁରେ ପ୍ରଶିକ୍ଷଣ ନେଇ ମଣିପୁରରେ ଅଗ୍ନିବୀର ଭାବେ ଯୋଗଦେବେ ବୋଲି ଜଣାପଡିଛି। ଏହି ଦୁଇ ଛାତ୍ର ଅଗ୍ନିଶମ ବାହିନୀର ନିଯୁକ୍ତି ପାଇବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

କେନ୍ଦ୍ରାପଡ଼ା,୨୭।୬(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ତୁଳସୀ କ୍ଷେତ୍ରାଧିପତି ସିଦ୍ଧ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିସରସ୍ଥ ମହାଲକ୍ଷ୍ମୀ ମନ୍ଦିରର ବାର୍ଷିକ ପ୍ରତିଷ୍ଠା ଉତ୍ସବ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଶୁକ୍ରବାର ଚମ୍ପକ ଦ୍ୱାଦଶୀ ଅବସରରେ ମହାଲକ୍ଷ୍ମୀଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯିବା ସହ ସ୍ୱତନ୍ତ୍ର ଭାବେ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ଜିଲ୍ଲା କୈବର୍ତ୍ତ ସମାଜ ପକ୍ଷରୁ ପ୍ରତିଷ୍ଠିତ ମହାଲକ୍ଷ୍ମୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ କୈବର୍ତ୍ତ ସମାଜର ନେତା, ସ୍ଥାନୀୟ ଲୋକ ଯୋଗଦେଇ ପୂଜାର୍ଚ୍ଚନାରେ ଅଂଶଗ୍ରହଣ କରିଥିଲେ। ଏହାପରେ ସେମାନେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ କୁଳମଣି ବେହେରା, ସୁରେନ୍ଦ୍ର ନାଥ ବେହେରା, ବିଜୟ ବେହେରା, ଅକ୍ଷୟ ବେହେରା, ଦିଲ୍ଲୀପ ମହାପାତ୍ର, ଫକୀର ବେହେରା, ଦିଲ୍ଲୀପ ବେହେରା, ସଚ୍ଚିଦାନନ୍ଦ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

କେନ୍ଦ୍ରାପଡ଼ାରେ କଂଗ୍ରେସର ଛାତ୍ରୋଂ କି ଗୁଞ୍ଜ ସମାବେଶ

# ଶିକ୍ଷା ବ୍ୟବସ୍ଥାକୁ ନେଇ ସମାଲୋଚନା, ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବି

କେନ୍ଦ୍ରାପଡ଼ା,୨୭।୬(ସମିସ)

ଜିଲ୍ଲା କଂଗ୍ରେସ ପକ୍ଷରୁ କଜଳାସ୍ଥ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ରାହୁଲ ଗାନ୍ଧୀଙ୍କ 'ଛାତ୍ରୋଂ କି ଗୁଞ୍ଜ' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏ ଅବସରରେ ଦେଶର ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା, ପ୍ରବେଶିକା ପରୀକ୍ଷାରେ ଅନିୟମିତତା ଓ ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାରଙ୍କୁ କଂଗ୍ରେସ ନେତା କଡ଼ା ସମାଲୋଚନା କରିଥିଲେ। ସେହିସହ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଥିଲା।


ଜିଲ୍ଲା କଂଗ୍ରେସ ସଭାପତି ଡା. ଦେବସ୍ମିତା ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଜସ୍ଥାନର କୋଟାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଛାତ୍ରଛାତ୍ରୀଙ୍କୁ ଦେଇଥିବା ବାର୍ତ୍ତାର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ପିସିସି ମିଡିଆ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ କହିଥିଲେ, ଦେଶର ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ପୂରଣ ପରିବର୍ତ୍ତେ ସେମାନଙ୍କ ଉପରେ ଆର୍ଥିକ ଓ ମାନସିକ ଚାପ ସୃଷ୍ଟି କରୁଛି। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରି ଘରୋଇ ଶିକ୍ଷାକୁ ପ୍ରୋତ୍ସାହନ ଦିଆଯାଉଥିବା ସେ ଅଭିଯୋଗ କରିଥିଲେ। ବିଭିନ୍ନ ପ୍ରବେଶିକା ଓ



ନିଯୁକ୍ତି ପରୀକ୍ଷା ପାଇଁ ଛାତ୍ରଛାତ୍ରୀ ଓ ପରିବାର ପ୍ରତିବର୍ଷ ବିପୁଳ ପରିମାଣର ଅର୍ଥ ବ୍ୟୟ କରୁଥିବାବେଳେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଘଟଣା ଘଟୁଥିବାରୁ ଯୁବପିଢ଼ିର ଭବିଷ୍ୟତ ଅନିଶ୍ଚିତ ହୋଇପଡ଼ିଛି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏଭଳି ପରିସ୍ଥିତିରେ ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଅନିବାର୍ଯ୍ୟ ବୋଲି ସେମାନେ କହିଥିଲେ। ସଭାରେ ଡା. ଦେବସ୍ମିତା ଶର୍ମା ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ନୈତିକ ଦାୟିତ୍ୱ ଥିବା ଦର୍ଶାଇ ତାଙ୍କ ଇସ୍ତଫା ଦାବି କରିଥିଲେ। ଆରଜିପିଏସୱାଇ ସଂଯୋଜକ ବିଜୟାଲକ୍ଷ୍ମୀ ସାହୁ ଓ ଟିଂଟିନା ତୟବ କହିଥିଲେ, ସୀମିତ ସିଟ୍ ଓ ସୀମିତ ନିଯୁକ୍ତି ସୁଯୋଗ ଯୋଗୁଁ ଦେଶର ଯୁବପିଢ଼ି ଚାପ ମଧ୍ୟରେ ରହିଛନ୍ତି। ଯୋଗ୍ୟତା ଆଧାରିତ ଓ ଛାତ୍ରବନ୍ଧବ ଶିକ୍ଷା ବ୍ୟବସ୍ଥା ଗଠନ କରିବା ସମୟର ଆବଶ୍ୟକତା ବୋଲି ସେମାନେ ମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ଡା. ସିପ୍ରା ମଲ୍ଲିକ, ଜୟଦେବ ପରିଡା, ଫକୀର ଚରଣ ଖଟୁଆ, ଜୟସ୍ମିତା ମହାନ୍ତି, ରତିକାନ୍ତ କାନୁନଗୋ, ବିଧୁଭୂଷଣ ମହାପାତ୍ର, ସନ୍ତୋଷ ବେହେରା, ମହମ୍ମଦ ଆକବର ଅଲ୍ଲୀ, ଭାଗୀରଥି ଜେନା, ପ୍ରଶାନ୍ତ ରାଉତ, ପ୍ରଫୁଲ୍ଲ ଦାସଙ୍କ ସମେତ ବିଭିନ୍ନ ବ୍ଲକ ଓ ନଗର କଂଗ୍ରେସର ପଦାଧିକାରୀ ଓ କର୍ମୀ ଉପସ୍ଥିତ ଥିଲେ।

# କୋଡ଼ିଏ ବର୍ଷ ପରେ





ମୂଳ ଇଂରାଜୀ: ଓ. ହେନେରୀ
ଅନୁବାଦ: କନକ ମଞ୍ଜରୀ ସାହୁ

ନ୍ୟୁୟର୍କ ସହରର ସେହି ରାସ୍ତାରେ ଜଣେ ପୋଲିସ ଅଫିସର୍ ଖୁବ୍ ଗମ୍ଭୀରତାର ସହ ପାଟ୍ରୋଲିଂ କରୁଥିଲେ । ସେତେବେଳକୁ ରାତି ପ୍ରାୟ ଦଶଟା ହେବ । ଥଣ୍ଡା ପବନ ବହୁଥିଲା ଏବଂ ହାଲୁକା ବର୍ଷା ଯୋଗୁ ରାସ୍ତା ପ୍ରାୟ ଜନଶୂନ୍ୟ ହୋଇଯାଇଥିଲା ।

ଏହି ସମୟରେ ପୋଲିସ ଅଫିସର୍ ଜଣକ ଦେଖିଲେ, ଗୋଟିଏ ବନ୍ଦ ଥିବା ଦୋକାନ ଦୁଆରେ ଜଣେ ଲୋକ ଅନ୍ଧାରରେ ସିଗାରେଟ୍ ଜଳାଇ ଛିଡ଼ା ହୋଇଛି । ଅଫିସର୍ ଜଣକ ତାଙ୍କ ଆଡ଼କୁ ଆଗେଇଲେ । ପୋଲିସକୁ ଦେଖି ସେହି ବ୍ୟକ୍ତି ଜଣକ ତରବର ହୋଇ କହିଲେ, 'ଅଫିସର୍, ଆପଣ ବ୍ୟସ୍ତ ହୁଅନ୍ତୁନି । ମୁଁ ଏଠାରେ ଜଣେ ପୁରୁଣା ବନ୍ଧୁଙ୍କୁ ଅପେକ୍ଷା କରିଛି । ଆଜିକୁ ଠିକ୍ କୋଡ଼ିଏ ବର୍ଷ ତଳେ ଦୁହେଁ ଏହି ଜାଗାରେ ଏକାଠି ବସି ପ୍ରତିଜ୍ଞା କରିଥିଲୁ ଯେ, ଜୀବନରେ ଆମେ ଯେଉଁଠି ଥାଉନା କାହିଁକି, ଆଜିର ଦିନରେ ଏବଂ ଠିକ୍ ଏହି ସମୟରେ ଏଠାରେ ପରସ୍ପରକୁ ଭେଟିବୁ ।"

ଲୋକଟି ତାଙ୍କ ସିଗାରେଟ୍ ନିଆଁ ଆଲୁଅରେ ପୋଲିସକୁ ତାଙ୍କ ଘଣ୍ଟା ଦେଖାଇଲେ । ତାଙ୍କ କଥା ଶୁଣି ପୋଲିସ ଅଫିସର୍ ଜଣକ ଆଗ୍ରହର ସହ ପଚାରିଲେ, "ବେଶ୍ କୌତୁହଳପୂର୍ଣ୍ଣ କଥା! ତେବେ ସେଇ ବନ୍ଧୁ ଜଣକ କିଏ?"

ବ୍ୟକ୍ତି ଜଣକ କହିଲେ, "ତାଙ୍କ ନାଁ ଜିମି ୱେଲ୍ସ । ସେ ମୋ ପିଲାଦିନର ସବୁଠୁ ବିଶ୍ୱସ୍ତ ବନ୍ଧୁ ଥିଲା । ସେଦିନ ଏହି ଜାଗାରେ ଗୋଟିଏ ହୋଟେଲ ଥିଲା, ଯେଉଁଠି ଆମେ ଶେଷ ଥର ପାଇଁ ଏକାଠି ଖାଇଥିଲୁ । ମୁଁ ଭାଗ୍ୟ ଅନ୍ୱେଷଣରେ ପଶ୍ଚିମ ପ୍ରାନ୍ତକୁ ଚାଲିଗଲି ଏବଂ ଜିମି ଏହି ନ୍ୟୁୟର୍କ ସହରରେ ରହିଗଲା । ଆମେ ଭାବିଥିଲୁ କୋଡ଼ିଏ ବର୍ଷ ମଧ୍ୟରେ ଆମେ ଜୀବନରେ ନିଜ ନିଜର ପରିଚୟ ସୃଷ୍ଟି କରିସାରିଥିବୁ ।"

ପୋଲିସ ଅଫିସର୍ ଜଣକ ଲୋକଟିର ଚେହେରାକୁ ଭଲ ଭାବେ ଚାହିଁଲେ । ତାଙ୍କ ଆଖି କୋଣରେ ଏକ ଛୋଟ କ୍ଷତ ଚିହ୍ନ ଥିଲା ଏବଂ ସେ ପିନ୍ଧିଥିବା କୋଟ୍‌ରେ ଏକ ଦାମୀ ହୀରାର ପିନ୍ ଲାଗିଥିଲା । ସେ ପଶ୍ଚିମ ପ୍ରାନ୍ତରେ ଖୁବ୍ ଧନୀ ହୋଇଯାଇଥିବା ଭଳି ଜଣାପଡୁଥିଲେ ।

ଅଫିସର୍ ପଚାରିଲେ, "ତୁମ ବନ୍ଧୁ ଜିମି ଏପର୍ଯ୍ୟନ୍ତ ଆସିନାହାନ୍ତି, ତୁମେ ଆଉ କେତେ ସମୟ ଅପେକ୍ଷା କରିବ?"

ଲୋକଜଣକ ହସି କହିଲେ, "ଅତି କମ୍‌ରେ ମୁଁ ଆଉ ଅଧ ଘଣ୍ଟା ଅପେକ୍ଷା କରିବି । ମୋର ବିଶ୍ୱାସ ଅଛି ଜିମି ଯଦି ଜୀବିତ ଥିବ, ତା'ହେଲେ ସେ ନିଶ୍ଚୟ ଆସିବ ।"

"ଠିକ୍ ଅଛି, ମୁଁ ମୋ' ଡ୍ୟୁଟିରେ ଯାଉଛି । ଆଶା କରେ ଆପଣଙ୍କ ବନ୍ଧୁ ଶୀଘ୍ର ଆସିବେ ।" ଏହା କହି ପୋଲିସ ଅଫିସର୍ ଜଣକ ସେଠାରୁ ଚାଲିଗଲେ ।

ଠିକ୍ କୋଡ଼ିଏ ମିନିଟ୍ ପରେ ଓଭରକୋଟ୍ ପିନ୍ଧିଥିବା ଜଣେ ଟିକେ ମୋଟା ଲୋକ ଦ୍ରୁତ ଗତିରେ ସେହି ଅନ୍ଧାରୁଆ ଦୋକାନ ଆଡ଼କୁ ଆସିଲା । ସେଇ ଲୋକଟି ପାଖକୁ ଆସି ପଚାରିଲା, "ତୁମେ ବବ୍ ନା?"

ସେଇ ପ୍ରଥମ ଲୋକଟି ଆନନ୍ଦରେ ଚିତ୍କାର କରି କହିଲେ, "ଜିମି! ମୁଁ ଜାଣିଥିଲି ତୁ ନିଶ୍ଚୟ ଆସିବୁ ।"

ଦୁଇ ବନ୍ଧୁ ହାତ ମିଳାଇଲେ ଏବଂ ଭାବବିହ୍ୱଳ ହୋଇ କଥା ହେବାକୁ ଲାଗିଲେ । ବବ୍ ପଶ୍ଚିମରେ କେମିତି ସଫଳତା ପାଇଲା, ସେଇ ବିଷୟରେ ବଡ଼ ବଡ଼ କଥା କହିବାକୁ ଲାଗିଲା । ସେମାନେ କଥା ହେଇ ହେଇ ଆଗକୁ ବଢ଼ିଲେ । ରାସ୍ତାର ମୋଡ଼ରେ ଥିବା ଏକ ମେଡିସିନ୍ ଦୋକାନର ଉଜ୍ଜ୍ୱଳ ଆଲୋକ ସେମାନଙ୍କ ଉପରେ ପଡ଼ିଲା ।

ହଠାତ୍ ବବ୍ ଅଟକିଗଲା ଏବଂ ନିଜ ହାତ ଛଡ଼ାଇ ନେଇ କହିଲା, 'ତୁ ଜିମି ନୁହେଁ! କୋଡ଼ିଏ ବର୍ଷରେ ଜଣକର ଉଚ୍ଚତା ବଢ଼ିପାରେ, ହେଲେ ନାକର ଗଢ଼ଣ ବଦଳି ଯାଇପାରେନା ।"

ସେହି ଦ୍ୱିତୀୟ ବ୍ୟକ୍ତି ଜଣକ ଗମ୍ଭୀର ସ୍ୱରରେ କହିଲେ, "କିନ୍ତୁ କୋଡ଼ିଏ ବର୍ଷରେ ଜଣେ ଭଲ ମଣିଷ ଅପରାଧୀ ହୋଇପାରେ, ବବ୍ । ତୁମେ ଚିକାଗୋ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଅପରାଧୀ । ତୁମକୁ ଗିରଫ କରୁଛି । ଷ୍ଟେସନ ଯିବା ପୂର୍ବରୁ, ମୋ ପାଖରେ ତୁମ ପାଇଁ ଗୋଟିଏ ଛୋଟ ଚିଠି ଅଛି, ଏହାକୁ ପଢ଼ିନିଅ ।"

ବବ୍ କମ୍ପିତ ହାତରେ ସେଇ କାଗଜଟିକୁ ଖୋଲିଲା । ସେଥିରେ ଲେଖାଥିଲା : "ପ୍ରିୟ ବବ୍, ମୁଁ ଠିକ୍ ସମୟରେ ଆମର ନିର୍ଦ୍ଧାରିତ ସମୟରେ ପହଞ୍ଚିଥିଲି । କିନ୍ତୁ ଯେତେବେଳେ ତୁମେ ସିଗାରେଟ୍ ଜଳାଇଲ, ମୁଁ ଦେଖିଲି ତୁମେ ହେଉଛ ଚିକାଗୋ ପୋଲିସ ଖୋଜୁଥିବା ସେହି ପଳାତକ ଅପରାଧୀ । ମୋର ପିଲାଦିନର ବନ୍ଧୁକୁ ମୁଁ ନିଜ ହାତରେ ଗିରଫ କରିପାରିଲି ନାହିଁ, ତେଣୁ ମୁଁ ଚାଲିଗଲି ଏବଂ ଏହି ସାଧାରଣ ପୋଷାକଧାରୀ ଅଫିସର୍‌ଙ୍କୁ ତୁମ ପାଖକୁ ପଠାଇଲି...ତୁମର ପୁରୁଣା ବନ୍ଧୁ, ଜିମି ।"

ବବ୍ ଆଖିରେ ଲୁହ ଜକେଇ ଆସିଲା । କର୍ତ୍ତବ୍ୟ ଆଗରେ ବନ୍ଧୁତ୍ୱ ହାରି ଯାଇଥିଲା, କିନ୍ତୁ ଜଣେ ବନ୍ଧୁ ଭାବେ ଜିମି ନିଜର ପ୍ରତିଶ୍ରୁତି ମଧ୍ୟ ରଖିଥିଲା । ■

ଶ୍ରାବଣୀ ରେସିଡେନ୍ସୀ
୧୧୪୪, ଗଡ଼ସାହି, ନୟାପଲ୍ଲୀ
ଭୁବନେଶ୍ୱର-୧୨
ମୋ: ୯୪୩୯୭୫୦୩୭୮

## ଏଇ ଅନ୍ଧାର ଓ ଆଲୁଅର ତନ୍ମୟତା



ମୂଳ ଅସମୀୟା : ସମୀର ତାନ୍ତି
ଅନୁବାଦ : ଶୈଳବାଳା ମହାପାତ୍ର

ସେଇ ଆବରଣ ହୀନ ଦିନମାନଙ୍କ ପଛପଟୁ
କାହାର ଏ ନରମ ଡାକ ?

କିଏ ତୁମେ
ମୋର ହୃଦୟ ଭରିଦିଅ
ତମ ଶୂନ୍ୟତାରେ !

କ'ଣ ଏମିତି ନିମିଷକରେ
ଶେଷ କରିଦିଏ
କାଠଛତୁର ବିନତି

ହାତ ମେଲେଇ ଦିଏ ତ
ଉଡ଼ିଯାଏ ଗୋଟେ ପତ୍ର

ସଂଗୀତ ହୀନ ଆକାଶ
ଟୋପେ ଟୋପେ କରି
ମାଟିରୁ ଶୋଷି ନିଏ
ହଳଦୀ ରଙ୍ଗ

ଧୀରେ ଧୀରେ ମୋ ଭିତରକୁ ପଶିଆସେ
ନୀଳ - ନିଃଶବ୍ଦ ଧୂଆଁ

କିଏ ତୁମେ
ମୋର ହୃଦୟ ଭରିଦିଅ
ତମ ଶୂନ୍ୟତାରେ

ହାତ ମେଲେଇ ଦିଏ ତ
ଉଡ଼ିଯାଏ ଗୋଟେ ପତ୍ର !! ■



## ଚଢ଼େଇମାନେ ପଚାରିଲେ

ଚଢ଼େଇମାନେ ପଚାରିଲେ :
ଯିବ ନା
ଯିବ ନା ତୁମେ !
ଫଳଟିଏ ପାଚି
ତୁମକୁ ଚାହିଁ ରହିଛି !

ପାଗଳ ପବନ
କାହାକୁ ଖୋଜି କୋଉଠିକୁ ଯାଏ !
ନିଜେ ଇ ଜାଣେନା ।

ଫଳଟିଏ ପାଚି
ତୁମକୁ ଚାହିଁ ରହିଛି

ଯିବ ନା
ଯିବ ନା ତୁମେ !?

ବହୁଦୂର ଛୋଟ ନଈଟିରେ
ମାଛମାନେ ଆନନ୍ଦରେ ଖେଳୁଛନ୍ତି

ଖିଆଲି ଖରା
କୁଆଡ଼େ ଚାହିଁ କ'ଣ ଯେ ଭାବେ !
ନିଜେ ଇ ଜାଣେନା

ଦୂର ନଈଟିରେ ମାଛମାନେ
ଆନନ୍ଦରେ ଖେଳୁଛନ୍ତି

କହ !
ଯିବ ନା
ଯିବ ନା ତୁମେ
ଶୋକ ସନ୍ଧ୍ୟା
ନିଜକୁ ପାଶୋରି !! ■

ପୁରୀ
ମୋ: ୭୦୦୮୫୮୬୫୦୧


# ଇଂରାଜୀ ସାହିତ୍ୟରେ ମାନବେତର ଚରିତ୍ର



ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର

ପଶୁ ଓ ମଣିଷର ସଂପର୍କ କେବଳ ସହାବସ୍ଥାନର କାହାଣୀ ନୁହେଁ । ଏହା ହେଉଛି ପ୍ରେମ, ଭରସା, ନିଷ୍ଠା ଓ ନୈତିକତାର ଅନନ୍ୟ ବନ୍ଧନ । ଯେତେବେଳେ ନିଜର ସ୍ୱାର୍ଥ, ଲୋଭ ଓ ଅହଂକାରରେ ବଶୀଭୂତ ହୁଏ ମଣିଷ, ସେତେବେଳେ ସରଳତା, ନିଷ୍କପଟତା ଓ ଆତ୍ମତ୍ୟାଗର ପ୍ରତୀକ ହୋଇ ଉଭା ହୋଇଥାନ୍ତି ପଶୁମାନେ । ତେଣୁ ଅନେକ ସମୟରେ ମଣିଷଠାରେ ପଶୁ ପ୍ରବୃତ୍ତି ଦେଖାଦେଉଥିବା ବେଳେ ପଶୁର ମଣିଷପଣିଆ ଆଶ୍ଚର୍ଯ୍ୟ ସୃଷ୍ଟି କରିଥାଏ । ଏହି ନୈତିକତାର ଦ୍ୱନ୍ଦ୍ୱ ସାହିତ୍ୟରେ ପ୍ରତିଫଳିତ ହୋଇ ସମାଜରେ ଆଲୋଡ଼ନ ସୃଷ୍ଟି କରିଥାଏ । ପ୍ରାଚୀନରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ସାହିତ୍ୟରେ ମାନବେତର ଜୀବଙ୍କ ଚିତ୍ର ଓ ଚରିତ୍ର ଅତି ମାର୍ମିକ ଭାବେ ବର୍ଣ୍ଣନା କରାଯାଇଛି । ଓଡ଼ିଆ ସାହିତ୍ୟଠାରୁ ଆରମ୍ଭ କରି ବିଭିନ୍ନ ଭାରତୀୟ ଭାଷାର ସାହିତ୍ୟରେ ମଧ୍ୟ ମାନବେତର ଜୀବଙ୍କୁ ନେଇ ମାର୍ମିକ ସାହିତ୍ୟ ସୃଷ୍ଟି ହୋଇଛି । ସେହିପରି ଇଂରାଜୀ ସାହିତ୍ୟରେ ମାନବେତର ଜୀବଙ୍କୁ ନେଇ ଅନେକ ଚମତ୍କାର କବିତା, ଗପ, ଉପନ୍ୟାସ ରଚନା କରାଯାଇଛି ।

ପଶୁ ଚରିତ୍ର ମାଧ୍ୟମରେ ମଣିଷକୁ ନୀତି, ସାମାଜିକ ମୂଲ୍ୟବୋଧ ଓ ଜୀବନ ଶିକ୍ଷା ଦେବାର ପରମ୍ପରା ବିଶ୍ୱ ସାହିତ୍ୟରେ ଅତ୍ୟନ୍ତ ପ୍ରାଚୀନ ଅଟେ । ରାମାୟଣରେ ଜଟାୟୁଙ୍କ ତ୍ୟାଗ, ହନୁମାନଙ୍କ ଅତୁଳନୀୟ ଭକ୍ତି, ଜଙ୍ଗଲରେ ସୀତା ଶବରୀ ଆଦିଙ୍କୁ ପଶୁ-ପକ୍ଷୀଙ୍କ ସମବେଦନା ମଣିଷକୁ ଧର୍ମ, କର୍ତ୍ତବ୍ୟ ଓ ନିଷ୍ଠାର ଶିକ୍ଷା ଦେଇଥାଏ । ଭାରତୀୟ ସାହିତ୍ୟରେ ପଞ୍ଚତନ୍ତ୍ର, ହିତୋପଦେଶ ଆଦି ମଣିଷ ହୃଦୟରେ ବିବର୍ତ୍ତନ ଆଣିଥାଏ । ଇଂରାଜୀ ସାହିତ୍ୟରେ ଏହି ପ୍ରତିଫଳନ ସାରା ବିଶ୍ୱକୁ ଆନ୍ଦୋଳିତ କରିଛି । ରୁଡୟାର୍ଡ କିପଲିଙ୍ଗଙ୍କ 'ଦି ଜଙ୍ଗଲ ବୁକ୍'ରେ ଜଙ୍ଗଲର ପଶୁମାନେ ମଣିଷଠାରୁ ଅଧିକ ନୈତିକତା, ଶୃଙ୍ଖଳା ଓ ସହଯୋଗିତା ଦେଖାଇଥାନ୍ତି । ଇଂରାଜୀ ଲେଖକ ଓସ୍କାର ୱାଇଲ୍‌ଡଙ୍କ ବହୁ ଚର୍ଚ୍ଚିତ ଗପ ହେଉଛି 'ଦି ନାଇଟିଙ୍ଗେଲ୍ ଏଣ୍ଡ ଦି ରୋଜ୍' । ପ୍ରେମିକାକୁ ଲାଲ ଗୋଲାପ ଦେବା ପାଇଁ ଅସମର୍ଥ ହୋଇ ଯୁବଛାତ୍ର ଭାଙ୍ଗି ପଡ଼ିଛି । କେବଳ ପ୍ରେମର ରକ୍ଷା ପାଇଁ ବୁଲବୁଲ ପକ୍ଷୀ ଗୋଲାପ କଣ୍ଟାରେ ନିଜ ଛାତିର ରକ୍ତ ବୁହାଇ ଶୀତ ଦିନର ଧଳା ଗୋଲାପକୁ ଲାଲ କରିଛି । ଗଛତଳେ ପଡ଼ିଥିବା ବୁଲବୁଲର ମୃତଦେହକୁ ଦୃଷ୍ଟି ମଧ୍ୟ ନ ଦେଇ ଯୁବକ ଲାଲ ଗୋଲାପ ନେଇ ପ୍ରେମିକା ପାଖରେ ପହଞ୍ଚିବା ପରେ ପ୍ରେମିକା ଫୁଲଠାରୁ ରତ୍ନର ମୂଲ୍ୟ ଅଧିକ ବୋଲି ପ୍ରେମକୁ ପ୍ରତ୍ୟାଖ୍ୟାନ କରିଛି । ଏଠାରେ ପକ୍ଷୀର ତ୍ୟାଗ ମଣିଷର ସ୍ୱାର୍ଥପରତାଠାରୁ କେତେ ମହାନ, ଏହି କଥାବସ୍ତୁକୁ ମାର୍ମିକ ଭାବରେ ଲେଖକ ଚିତ୍ରିତ କରିଛନ୍ତି ।




ଜର୍ଜ ଓରୱେଲ୍‌ଙ୍କ ପ୍ରସିଦ୍ଧ ଉପନ୍ୟାସ 'ଆନିମଲ୍ ଫାର୍ମ'ରେ ପଶୁମାନେ ମଣିଷ ମାଲିକଙ୍କ ବିରୁଦ୍ଧରେ ବିଦ୍ରୋହ କରି ସମାନତା ଭିତ୍ତିକ ସମାଜ ଗଢ଼ିବାକୁ ଚାହିଁଛନ୍ତି । କିନ୍ତୁ କ୍ଷମତା ପାଇବା ପରେ ପଶୁ ମାଲିକ ଅଧିକ କ୍ଷମତା ଉପଭୋଗ କରିଛି । ସମାନତା ନାମରେ ସୃଷ୍ଟି ହୋଇଥିବା ଅସମାନତା ଓ ଶୋଷଣ ଯୋଗୁଁ ପଶୁମାନଙ୍କ ଅବସ୍ଥା ଆହୁରି ଖରାପ ହୋଇଛି । ତେଣୁ ଏହା କେବଳ ପଶୁମାନଙ୍କ କାହାଣୀ ନୁହେଁ, ଏହା ଏକ ଗଭୀର ରାଜନୈତିକ ରୂପକ । କ୍ଷମତାର ଦୁରୁପଯୋଗ କରୁଥିବା ମଣିଷ ହୃଦୟରେ କିଭଳି ଭାବରେ ପଶୁ ପ୍ରବୃତ୍ତି ଜାଗ୍ରତ ହୋଇଥାଏ, ଏଭଳି ପ୍ରତୀକଧର୍ମୀ ବାର୍ତ୍ତା ଉପନ୍ୟାସର ଅସଲ ଦିଗ ଅଟେ । ଗୋପ ରଞ୍ଜନ ମିଶ୍ରଙ୍କ କବିତା 'ଫିସିଂ' ସରଳ କିନ୍ତୁ ଏହାର ଗଭୀର ଅର୍ଥ ରହିଛି । ଘରେ ମାଛ ତରକାରୀର ଦୃଢ଼ ପ୍ରତିଶ୍ରୁତି ଦେଇ ମାଛ ଧରିବାକୁ ଯାଇଥିବା କବିତାର ଲେଖକ ବହୁ ସମୟ ଅପେକ୍ଷା କରି ନିରାଶ ହେବା ପରେ ଶେଷରେ ବହୁ କଷ୍ଟରେ ଗୋଟିଏ ବଡ଼ ମାଛ ଧରିଛନ୍ତି । ସେ ଅତ୍ୟଧିକ ଖୁସି ଅନୁଭବ କରିଛନ୍ତି । କିନ୍ତୁ ଛଟପଟ ମାଛର ଓଠ ଓ ଆଖିରୁ ବଞ୍ଚିବାର ବ୍ୟାକୁଳତା ଅନୁଭବ କରିଛନ୍ତି । ସତେ ଯେମିତି ମୁକ୍ତ କରି ପୁଣି ପାଣିରେ ଛାଡ଼ି ଦେବାର ଆକୁଳ ନିବେଦନ କରୁଛି ଅସହାୟ ମାଛ । ମାଛଧରାଳିଙ୍କ ହୃଦୟରେ ବିରାଟ ପରିବର୍ତ୍ତନ ଆସିଛି । ମାଛକୁ ଛାଡ଼ି ଦେଇ ଖାଲି ହାତରେ ଫେରୁଥିବା ଲେଖକ ପୂର୍ବାପେକ୍ଷା ଅଧିକ ଖୁସି ଅନୁଭବ କରିଛନ୍ତି । ପଶୁର ନିରବ ବେଦନା ମଣିଷର ବିବେକକୁ ଜାଗ୍ରତ କରିଛି । ମଣିଷ ତା'ର ଶକ୍ତି ଦ୍ୱରା ନୁହେଁ, ଦୁର୍ବଳ ଓ ନିର୍ବାକ ପ୍ରାଣୀମାନଙ୍କ ପ୍ରତି ତା'ର ବ୍ୟବହାର ଦ୍ୱରା ମହାନ ହୋଇଥାଏ ବୋଲି ଆନ୍ନା ସେୱଲ ଘୋଡ଼ାଟିଏର ଆତ୍ମଜୀବନୀ ମୂଳକ ଉପନ୍ୟାସ 'ବ୍ଲାକ୍ ବ୍ୟୁଟି' ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି । ଚିଡ଼ିଆଖାନାର ଜଞ୍ଜିରରେ ବନ୍ଧା ଜାଗୁଆର ମଧ୍ୟ ସ୍ୱାଭିମାନ ପାଇଁ ସ୍ୱାଧୀନ ଅଟେ ବୋଲି ପ୍ରସିଦ୍ଧ କବି ଟେଡ୍ ହ୍ୟୁଜେସ୍ ତାଙ୍କ 'ଦି ଜାଗୁଆର' କବିତାରେ ଦର୍ଶାଇଛନ୍ତି । ମଣିଷ ସମାଜର ଜଟିଳତା ଓ ମିଥ୍ୟାଚାରରେ ବିରକ୍ତ ହୋଇ ପଶୁମାନଙ୍କ ଗହଣରେ ରହିବାକୁ ଇଚ୍ଛା କରୁଥିବାର କଥା କବି ୱାଲ୍ଟ ହ୍ୱାଇଟମ୍ୟାନ୍ ତାଙ୍କ 'ଆନିମଲ୍' କବିତାରେ କହିଛନ୍ତି ।

ପ୍ରସଙ୍ଗ ପର୍ଯ୍ୟବସିତ ଏକ କାହାଣୀ ଏମିତି ଯେ- ବାଘ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଗଛ ଉପରକୁ ଚଢ଼ିଛି ମଣିଷ । କିନ୍ତୁ ସେହି ମଣିଷକୁ ତଳେ ପକାଇବା ପାଇଁ ଗଛରେ ଆଶ୍ରୟ ନେଇଥିବା ଭାଲୁକୁ ତାଗିଦ କରିଛି ବାଘ । ଅତିଥି ଦେବୋ ଭବଃ ନ୍ୟାୟରେ ଭାଲୁ ମନା କରିଛି । କିଛି ସମୟ ପରେ ଶୋଇଯାଇଥିବା ଭାଲୁକୁ ପକାଇବାକୁ ମଣିଷକୁ ପ୍ରଲୋଭିତ କରିଛି ବାଘ । ମଣିଷ ଭାଲୁକୁ ଠେଲିବାକୁ ଉଦ୍ୟମ କରୁଥିବା ବେଳେ ଭାଲୁ ଗଛ ଡାଳରେ ଲାଖି ରହି କହିଛି- "ଯେଉଁଠି ମଣିଷ ଥାଆନ୍ତି, ସେଠି ଆମ ପଶୁମାନଙ୍କୁ ସହଜରେ ନିଦ ହୁଏ ନାହିଁ ।" ତେଣୁ ଏଭଳି ସ୍ଥିତିରେ ଆଜିର ମଣିଷ ସମାଜ ।

ପଶୁମାନଙ୍କ କାହାଣୀ ମଣିଷର କାହାଣୀ ଅଟେ । ସେମାନଙ୍କ ଆଚରଣରେ ମଣିଷ ନିଜ ଗୁଣ, ଦୋଷ ଓ କର୍ତ୍ତବ୍ୟକୁ ଚିହ୍ନିବା ଶିଖିଥାଏ । ପଶୁ ଓ ମଣିଷର ସଂପର୍କ ସାହିତ୍ୟରେ ସ୍ନେହ, ବିଶ୍ୱାସ, ତ୍ୟାଗ ଓ କରୁଣାର ଚିରନ୍ତନ ସେତୁ । ଏହା ମଣିଷକୁ ଅଧିକ ମଣିଷ କରିବା ପାଇଁ ତ୍ୱରାନ୍ୱିତ କରିଥାଏ । ଆଜିର ସମାଜରେ ପରିବେଶ ଧ୍ୱଂସ, ପଶୁ ନିର୍ଯାତନା, ଯୁଦ୍ଧ, ହିଂସା ଓ ସ୍ୱାର୍ଥପରତା ବୃଦ୍ଧି ପାଉଥିବା ବେଳେ ନୈତିକତା ବୃଦ୍ଧି ପାଇଁ ଏଭଳି ସାହିତ୍ୟର ପ୍ରାସଙ୍ଗିକତା ଅପରିହାର୍ଯ୍ୟ ଅଟେ । ଯେହେତୁ ପଶୁମାନେ ଅନେକ ସମୟରେ ମଣିଷର ହୃଦୟରେ ଲୁଚିଥିବା ମାନବିକତାକୁ ଜାଗ୍ରତ କରିଥାନ୍ତି । ସେଥିପାଇଁ ସାହିତ୍ୟରେ ମାନବେତର ଜୀବ କେବଳ ଚରିତ୍ର ନୁହେଁ, ସେମାନେ ମଣିଷର ନୈତିକ ବିକାଶର ସହଯାତ୍ରୀ । ■

ତାଲପଦର, ବରଗଡ଼
ମୋ: ୯୯୩୮୨୭୭୬୩୫

## ପୁସ୍ତକ ପରିଚୟ

### ଖୋଳପା

ଗଂଗାଧର ବିଶ୍ୱାଳ





ଅଲଟ୍ରା ଇମ୍ପ୍ରେସନ୍
ସୂତାହାଟ, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ: ୬୪ ଟଙ୍କା

ଅନେକ ମଣିଷ ଏକ ଖୋଳପା ଭିତରେ ଜୀବନ ବଞ୍ଚନ୍ତି । ସେମାନେ ବାହାରକୁ ଦେଖିବାକୁ ଯେମିତି ଭିତରେ ସେମିତି ନୁହଁନ୍ତି । ଏଭଳି ଏକ ଚିରନ୍ତନ ସତ୍ୟକୁ ନେଇ ଗଂଗାଧର ବିଶ୍ୱାଳଙ୍କ 'ଖୋଳପା' ଉପନ୍ୟାସ ରଚିତ । ଅସ୍‌ଗର୍ ଅଲ୍ଲୀରୁ ବିନୋଦ ପାଲଟିଥିବା ଜଣେ ମୁସଲମାନ ଯୁବକର ପ୍ରେମ, ବିଶ୍ୱାସ ଓ ପ୍ରତାରଣାକୁ ନେଇ ଏହି ଉପନ୍ୟାସର କାହାଣୀ ଆଧାରିତ । ପ୍ରଥମେ ବିନୋଦ ନିଜର ଅସଲ ପରିଚୟ, ଜାତି ଓ ନାଁ ବଦଳାଇ ବିନୀତା ବା ବିନି ନାମ୍ନୀ ଜଣେ ଛାତ୍ରୀ ଓ ତା'ର ମା' ମନରେ ବିଶ୍ୱାସ ସୃଷ୍ଟି କରିବାରେ ସଫଳ ହୋଇଛି । ପରବର୍ତ୍ତୀ ସମୟରେ ସେମାନଙ୍କର ଅସହାୟତାର ସୁଯୋଗ ନେଇ ସହଯୋଗର ହାତ ବଢ଼ାଇଛି । ତେବେ ଶେଷରେ ସେମାନଙ୍କର ବିଶ୍ୱାସରେ ବିଷ ଦେଇଛି । ବିନି ଓ ବିନୋଦ ପରସ୍ପରକୁ ପ୍ରେମ କରି ଘରୁ ପଳାଇ ଯାଇଛନ୍ତି । ପ୍ରେମ, ବିଶ୍ୱାସ ଓ ପ୍ରତାରଣାର ଏକ ମନଛୁଆଁ ଉପନ୍ୟାସ 'ଖୋଳପା' । ଏହି ଉପନ୍ୟାସ କାହାଣୀ, ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ଶ୍ରୀଲଙ୍କାରେ ସାତରାତି

ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ





ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଅନେକ ଲେଖକ ଭ୍ରମଣ ପ୍ରିୟ ଥାଆନ୍ତି । ବିଭିନ୍ନ ଦେଶ ଭ୍ରମଣ କରି ପରବର୍ତ୍ତୀ ସମୟରେ ସେଇ ଅନୁଭୂତିକୁ ଲେଖି ପୁସ୍ତକାରରେ ପ୍ରକାଶିତ କରିଥାନ୍ତି । ସେଭଳି ଜଣେ ଭ୍ରମଣ ପ୍ରିୟ ଲେଖକ ହେଉଛନ୍ତି ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ । ଡକ୍ଟର ଆଚାର୍ଯ୍ୟଙ୍କ ଶ୍ରୀଲଙ୍କା ଭ୍ରମଣ ଅନୁଭୂତିକୁ ନେଇ ପ୍ରକାଶ ପାଇଛି 'ଶ୍ରୀଲଙ୍କାରେ ସାତରାତି' ପୁସ୍ତକ । ଏହି ପୁସ୍ତକରେ ପାଞ୍ଚୋଟି ଅଧ୍ୟାୟ ରହିଛି । ପ୍ରତିଟି ଅଧ୍ୟାୟରେ ନିଜ ଭ୍ରମଣ ଜିଜ୍ଞାସା, ଅନୁଭୂତି, ଅନୁଭବକୁ ଅତି ଚମତ୍କାର ଭାବେ ଲେଖକ ବର୍ଣ୍ଣନା କରିଛନ୍ତି । 'ଭ୍ରମଣ ଜିଜ୍ଞାସା', 'ଶ୍ରୀଲଙ୍କା ସଂପର୍କୀୟ କିଛି ତଥ୍ୟ', 'ଶ୍ରୀଲଙ୍କା ଭ୍ରମଣର ପ୍ରସ୍ତୁତି', 'ଶ୍ରୀଲଙ୍କା ରହଣିକାଳର ସ୍ମୃତି ଅନୁଭୂତି', 'ଶ୍ରୀଲଙ୍କା ପ୍ରତ୍ୟାବର୍ତ୍ତନର ଆବେଗାନୁଭବ' ଆଦି ପ୍ରସଙ୍ଗଗୁଡ଼ିକ ମନଛୁଆଁ ହୋଇଛି । ଲେଖକ ଶ୍ରୀଲଙ୍କା ଭ୍ରମଣ ପାଇଁ ପ୍ରସ୍ତୁତିଠାରୁ ଆରମ୍ଭ କରି ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ବିରଳ ଅନୁଭୂତି ଲିପିବଦ୍ଧ କରିଛନ୍ତି । ଏହି ପୁସ୍ତକରେ କେବଳ ଭ୍ରମଣ ଅନୁଭୂତି ନୁହେଁ, ଶ୍ରୀଲଙ୍କାର ଇତିହାସ, ଭୌଗୋଳିକ ସ୍ଥିତି, ଭାଷା, ସଂସ୍କୃତି, ପରମ୍ପରା, ଚାଲିଚଳଣି, ଦର୍ଶନୀୟ ସ୍ଥାନ ଆଦି ସଂପର୍କରେ ବର୍ଣ୍ଣନା କରାଯାଇଛି । ■

### ଫୁଲ ହୋଇ ଫୁଟିବି

କୁମୁଦିନୀ ଘି




ନୂଆପଡ଼ା, ହିଁଜିଳିବାହାଲି
କଳାହାଣ୍ଡି
ପ୍ରଥମ ସଂସ୍କରଣ: ୨୦୨୬
ମୂଲ୍ୟ: ୨୦୦ ଟଙ୍କା

"ମା' ଗୋ ଇଷ୍ଟଦେବୀ ଲଙ୍କେଶ୍ୱରୀ ମା'ଗୋ/ ମୋ ଦେଶ ମୋ ଗାଁ ଘଣ୍ଟ ଘୋଡ଼େଇ ଥା' ଗୋ/ ଡାକୁଚି ଆକୁଳ ମନେ/ ଦରଶନ ଦେବୁ ମାଗୋ ବିପଦେ ବିଜନେ ।" (ମା' ଗୋ ଲଙ୍କେଶ୍ୱରୀ) ଦେଶକୁ, ମଣିଷ ସମାଜକୁ ସର୍ବଦା ବିପଦରୁ ଉଦ୍ଧାର କରିବା ନିମନ୍ତେ ଇଷ୍ଟ ଦେବୀଙ୍କଠାରେ ପ୍ରାର୍ଥନା କରେ ଅଷ୍ଟମ ଶ୍ରେଣୀର କୁନି ଝିଅଟିଏ । ଏଭଳି ଅନେକ ଭକ୍ତିରସାଶ୍ରିତ କବିତା ସଂକଳିତ ହୋଇଛି କୁମୁଦିନୀ ଘିଙ୍କ 'ଫୁଲ ହୋଇ ଫୁଟିବି' ପୁସ୍ତକରେ । ଏହି ପୁସ୍ତକର 'ହେ କରୁଣା ସାଗର', 'ଜୟ ମା' ମାଣିକେଶ୍ୱରୀ', 'ମା' ଗୋ ଲଙ୍କେଶ୍ୱରୀ', 'ହେ ଗଜାନନ ବିଘ୍ନ ବିନାଶନ', 'ସରସ୍ୱତୀ ବନ୍ଦନା', 'ଅଗଷ୍ଟ ପନ୍ଦର', 'ପ୍ରକୃତି ପ୍ରେମରେ', 'ଗାଁରେ ସକାଳ', 'ପରିବେଶ ସୁରକ୍ଷା', ନୂଆଁଖାଇ, 'ଦୀପାବଳି' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଇଷ୍ଟ ଦେବଦେବୀଙ୍କ ପ୍ରତି ଭକ୍ତି ଭାବନା, ଦେଶପ୍ରୀତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ପର୍ବପର୍ବାଣି, ମଣିଷ ଜୀବନର ସୁଖଦୁଃଖକୁ ନେଇ ରଚିତ କବିତାଗୁଡ଼ିକ ଆକର୍ଷଣୀୟ ହୋଇଛି । କବିତାଗୁଡ଼ିକର ଭାବ, ଭାଷା, ଶବ୍ଦ ବିନ୍ୟାସ, ଉପସ୍ଥାପନା ଶୈଳୀ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## କରାଚୀରେ ବିସ୍ଫୋରଣ ପରେ ଗୁଳିବିନିମୟ; ୮ ମୃତ

କରାଚୀ, ୨୭।୬(ଏଜେନ୍ସି): ପାକିସ୍ତାନର କରାଚୀ ସହର ଶନିବାର ଏକ ଭୟାବହ ଆତ୍ମଘାତୀ ଆକ୍ରମଣରେ ଥରିଉଠିଛି। ଏହି ଆକ୍ରମଣରେ ସହରର ଗୁଲିସ୍ତାନ-ଇ-ଜୋହର ଅଞ୍ଚଳରେ ଥିବା ପାରାମିଲିଟାରୀ ଫୋର୍ସ 'ସିନ୍ଧୁ ରେଞ୍ଜର୍ସ'ଙ୍କ ମୁଖ୍ୟାଳୟକୁ ଟାର୍ଗେଟ୍ କରି କରାଯାଇଥିବା ଜଣାପଡ଼ିଛି। ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଜଣେ ଆତ୍ମଘାତୀ ବୋମା ବିସ୍ଫୋରଣକାରୀ ରେଞ୍ଜର୍ସ କମ୍ପାଉଣ୍ଡକୁ ଟାର୍ଗେଟ୍ କରି ନିଜକୁ ଉଡ଼ାଇ ଦେଇଥିଲେ। ବିସ୍ଫୋରଣ ପରେ ଅନ୍ୟ କିଛି ଆତଙ୍କବାଦୀ ସୁରକ୍ଷାକର୍ମୀଙ୍କ ଉପରକୁ ଅତର୍କିତ ଗୁଳିଚାଳନା କରିଥିଲେ। ଫଳରେ ସେଠାରେ ପ୍ରାୟ ୩୦ ମିନିଟ୍ ଧରି ପ୍ରବଳ ଗୁଳିବିନିମୟ ଜାରି ରହିଥିଲା। ଏହି ସମୟରେ ପ୍ରଥମେ ଏକ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା ଏବଂ ପରେ ଆହୁରି ୨ଟି ଛୋଟ ଧରଣର ବିସ୍ଫୋରଣ ଶବ୍ଦ ଶୁଣାଯାଇଥିଲା। ଆକ୍ରମଣ ସ୍ଥଳ ନିକଟରେ ଅନେକ ବିଶ୍ୱବିଦ୍ୟାଳୟ ଏବଂ ପାକିସ୍ତାନ ପାଣିପାଗ ବିଭାଗକୁ ସଂଯୋଗ କରୁଥିବା ୟୁନିଭର୍ସିଟି ରୋଡ୍ ନିକଟରେ ଅବସ୍ଥିତ। ସୂଚନା ପାଇ ପୁଲିସ, ରେଞ୍ଜର୍ସ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ସମଗ୍ର ଅଞ୍ଚଳକୁ ସିଲ୍ କରିଦେଇଛନ୍ତି। ଏହାପରେ ଆହତମାନଙ୍କୁ ତୁରନ୍ତ ଡାକ୍ତରଖାନା ଭର୍ତ୍ତି କରାଯାଇଛି। ସିନ୍ଧୁ ପ୍ରଦେଶର ମୁଖ୍ୟମନ୍ତ୍ରୀ ସୟଦ ମୁରାଦ ଅଲି ଶାହ ପୁଲିସ ଅଧିକାରୀଙ୍କଠାରୁ ରିପୋର୍ଟ ତଲବ କରିଛନ୍ତି। ବର୍ତ୍ତମାନ ସୁଦ୍ଧା କୌଣସି ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣ ପାଇଁ ଆନୁଷ୍ଠାନିକ ଭାବେ ନିଜକୁ ଦାୟୀ କରିନାହାଁନ୍ତି। ସୋସିଆଲ ମିଡିଆରେ ଜମାତ-ଉଲ-ଅହରାରକୁ ଏଥିପାଇଁ ଦାୟୀ କରାଯାଇଥିଲେ ମଧ୍ୟ ଏହାର ସତ୍ୟତା ଏବେ ଯାଞ୍ଚ ହୋଇପାରି ନାହିଁ। ବିସ୍ଫୋରଣ ପରେ ସହରରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା ଜଣାପଡ଼ିଛି।

## ଆଫଗାନିସ୍ତାନରେ ଭୂକମ୍ପ; ଥରିଲା ୮ ଦେଶ

ନୂଆଦିଲ୍ଲୀ, ୨୭।୬ (ଏଜେନ୍ସି): ଆଫଗାନିସ୍ତାନର ହିନ୍ଦୁକୁଶ ଅଞ୍ଚଳରେ ଶନିବାର ଏକ ଶକ୍ତିଶାଳୀ ଭୂକମ୍ପ ହୋଇଛି। ଏହାର ପ୍ରଭାବ ଭାରତ, ପାକିସ୍ତାନ ଏବଂ ମଧ୍ୟ ଏସିଆର ଅନେକ ଅଞ୍ଚଳରେ ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହି ଭୂକମ୍ପର ତୀବ୍ରତା ୬.୨ ରହିଥିଲା। ଭାରତୀୟ ସମୟ ସନ୍ଧ୍ୟା ୭.୦୪ରେ ଏହି କମ୍ପନ ଅନୁଭୂତ ହୋଇଥିଲା। ଭୂପୃଷ୍ଠରୁ ପ୍ରାୟ ୨୧୫ କିଲୋମିଟର ଗଭୀରରେ ଏହି କମ୍ପନ ସୃଷ୍ଟି ହୋଇଥିଲା। ଭୂକମ୍ପ ଯୋଗୁଁ ଭାରତର ରାଜଧାନୀ ଦିଲ୍ଲୀ-ଏନସିଆର ଏବଂ ଜମ୍ମୁ-କାଶ୍ମୀରରେ ଶକ୍ତିଶାଳୀ ଝଟକା ଅନୁଭୂତ ହୋଇଛି। ଭାରତ ବ୍ୟତୀତ ପାକିସ୍ତାନ, ଚୀନ୍, ତାଜିକିସ୍ତାନ, ଉଜବେକିସ୍ତାନ, କିର୍ଗିଜିସ୍ତାନ ଏବଂ ତୁର୍କମେନିସ୍ତାନ ସମେତ ପ୍ରାୟ ୮ରୁ ଅଧିକ ଦେଶରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଗତ ୨୪ ଘଣ୍ଟା ମଧ୍ୟରେ ଭାରତୀୟ ଉପମହାଦେଶରେ ଅନେକ ଥର ଭୂକମ୍ପ ହୋଇଛି। ଶନିବାର ସକାଳେ ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ୩.୨ ତୀବ୍ରତାର ଏକ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିଲା। ସେହିପରି ପାକିସ୍ତାନରେ ଗତ ୨୪ ଘଣ୍ଟା ମଧ୍ୟରେ ୪ଟି ଭୂକମ୍ପ ହୋଇଥିବା ରେକର୍ଡ କରାଯାଇଛି। ଭେନେଜୁଏଲାରେ ଭୂକମ୍ପର ପ୍ରଳୟଙ୍କରୀ ତାଣ୍ଡବ ପରେ ପରେ ୮ଟି ଦେଶରେ ଅନୁଭୂତ ହୋଇଛି।

## ପୁଣି ପ୍ରଶ୍ନପତ୍ର ଲିକ୍, ଏଥର ମହାରାଷ୍ଟ୍ରରେ ସ୍ଥଗିତ ହେଲା ଶିକ୍ଷକ ଯୋଗ୍ୟତା ପରୀକ୍ଷା

ପୁଣେ, ୨୭।୬(ଏଜେନ୍ସି): ପୁଣି ପ୍ରଶ୍ନପତ୍ର ଲିକ୍ । ଏଥର ମହାରାଷ୍ଟ୍ରରେ। ଆସନ୍ତାକାଲି ମହାରାଷ୍ଟ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା ହେବାକୁ ଯାଉଥିବା ବେଳେ ଆଜି ପ୍ରଶ୍ନପତ୍ର ଲିକ୍ ହୋଇଛି। ଫଳରେ ଏହି ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଏହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ କେନ୍ଦ୍ର ସରକାର ଅଡୁଆରେ ପଡ଼ିଥିବା ବେଳେ ମହାରାଷ୍ଟ୍ରପରେ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବାରୁ ତ୍ରୁଟିଶୂନ୍ୟ ପରୀକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଲାଣି। ପରୀକ୍ଷାର ଠିକ୍ ଦିନକ ପୂର୍ବରୁ ଥାଣେ ଜିଲ୍ଲାରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ନେଇ ଅଭିଯୋଗ ଆସିବା ପରେ ମହାରାଷ୍ଟ୍ର ରାଜ୍ୟ ପରୀକ୍ଷା ପରିଷଦ ପକ୍ଷରୁ ଏହି ପରୀକ୍ଷା ବାତିଲ କରାଯାଇଛି। ପୁଲିସ୍ ଚଢ଼ାଉ ବେଳେ ଜବତ ହୋଇଥିବା ପ୍ରଶ୍ନଗୁଡ଼ିକ ମୂଳ ପ୍ରଶ୍ନପତ୍ର ସହ ମିଶିଯାଉଥିବାରୁ ଏହି ପଦକ୍ଷେପ ନିଆଯାଇଛି। ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି ଯେ ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ପାଖରୁ ମିଳିଥିବା କେତେକ ପ୍ରଶ୍ନ, ଆସନ୍ତାକାଲି ହେବାକୁ ଥିବା ଶିକ୍ଷକ ଯୋଗ୍ୟତା ପରୀକ୍ଷାର ପ୍ରଶ୍ନ ସହ ହୁବହୁ ମେଳ ଖାଉଛି।


**REQUIREMENT**

Civil Engg. Diploma / Degree Required Experience-10yrs in building construction. Site-Cuttack, Project- CPWD project Joining within 10days. Salary: 15-30K, Company will give Accommodation & Fooding.

**Contact No.: 9547756937**
**Mr. Santu Mondol**


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଶିମିଳିପାଳର ଶୋଭା...

ଭିତରେ ୨୦ କିଲୋମିଟର ପରିଧି ମଧ୍ୟରେ ୨୦ରୁ ଅଧିକ କ୍ୟାମେରା ଟ୍ରାପ୍ ଲଗାଇଛନ୍ତି। ଏଥିସହିତ ବାଘୁଣୀ ଜିନତର ଗତିବିଧି ଜାଣିବା ପାଇଁ ତାକୁ ଏକ ସାଟେଲାଇଟ୍ କଲାର୍ ପିନ୍ଧାଯାଇଛି ଓ ଭିଏଚଏଫ୍ ଟ୍ରାକିଂ ସିଗ୍ନାଲ୍ ମାଧ୍ୟମରେ ତଦାରଖ କରାଯାଉଛି। ବନ ବିଭାଗ ଅଧିକାରୀ କହିଛନ୍ତି ଯେ କୋର୍ ଜଙ୍ଗଲ ଅଞ୍ଚଳରେ ଲଗାଯାଇଥିବା କ୍ୟାମେରା ଟ୍ରାପ୍ ମାଧ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ବାଘୁଣୀ ଓ ତା'ର ଶାବକଙ୍କ ଉପରେ କ୍ରମାଗତ ନଜର ରଖିଛନ୍ତି। ମଣିଷମାନଙ୍କ ଯୋଗୁଁ ଯେପରି କୌଣସି ବାଧା ଉପୁଜିବ ନାହିଁ ଓ ସେମାନଙ୍କ ସୁରକ୍ଷା ନିଶ୍ଚିତ ହେବ, ସେଥିପାଇଁ ଅଭୟାରଣ୍ୟର ଆଖପାଖ ଅଞ୍ଚଳରେ ପାଟ୍ରୋଲିଂ ବୃଦ୍ଧି କରାଯାଇଛି।

ସୂଚନାଯୋଗ୍ୟ, ବିଶ୍ୱପ୍ରସିଦ୍ଧ ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ ବାଘ ବଂଶ ବୃଦ୍ଧି ଓ ଜେନେଟିକ୍ ବିବିଧତା (ଆନୁବଂଶିକ ବିବିଧତା) ରକ୍ଷା କରିବା ପାଇଁ ୨୦୨୪ ନଭେମ୍ବର ୧୪ ତାରିଖରେ ମହାରାଷ୍ଟ୍ର ତଡ଼ବା ଅଭୟାରଣ୍ୟରୁ ଶିମିଳିପାଳକୁ ପର୍ଯ୍ୟାୟକ୍ରମେ ଆସିଥିବା ୨ଟି ବାଘୁଣୀ ମଧ୍ୟରୁ ଜିନତ ୪ଟି ସୁସ୍ଥ ଶାବକକୁ ଜନ୍ମ ଦେଇଥିଲା। ଏହି ସଫଳତା ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପରେ କଳାବାଘ ସଂଖ୍ୟା ନିୟନ୍ତ୍ରଣ ସହିତ ବାଘ ସଂଖ୍ୟାରେ ବୃଦ୍ଧି ଯୋଜନାର ଲକ୍ଷ୍ୟ ହାସଲ ହୋଇଛି। ତତ୍‌ସହିତ ଏହି ୪ ଶାବକକୁ ମିଶାଇ ବର୍ଷକ ମଧ୍ୟରେ ଶିମିଳିପାଳରେ ୧୬ଟି ବାଘ ଶାବକ ଜନ୍ମ ନେଇଛନ୍ତି। ୫ଟି ମାଇ ବାଘୁଣୀ ଔରସରୁ ଏହି ଶାବକ ଜନ୍ମ ହୋଇଥିବାବେଳେ ସେଥିମଧ୍ୟରୁ ମହାରାଷ୍ଟ୍ର ବାଘୁଣୀ ଜିନତ୍ ୪ଟି ଶାବକ ଜନ୍ମ ଦେଇଛି।

### ପୋତି ହୋଇଗଲା...

ଜୁଲାଇ ୫ ସୁଦ୍ଧା ଏହା ବାକି ଅଞ୍ଚଳକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିବ ବୋଲି ପୂର୍ବାନୁମାନ କରାଯାଇଛି। ବିହାର ସୀମାରେ ପ୍ରାୟ ୧୫ ଦିନ ଧରି ଅଟକି ରହିବା ପରେ ଆସନ୍ତା ୨ ଦିନ ମଧ୍ୟରେ ଏହା ଉତ୍ତର ପ୍ରଦେଶରେ ପ୍ରବେଶ କରିବ। ମୌସୁମୀ ବର୍ଷା ସତ୍ତ୍ୱେ ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ, ହରିଆଣା, ଦିଲ୍ଲୀ ଏବଂ ଗୁଜରାଟର କେତେକ ସହରରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଛି। ହରିଆଣାର ରୋହତକଠାରେ ଦେଶର ସର୍ବାଧିକ ତାପମାତ୍ରା ୪୩.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଉତ୍ତର ପ୍ରଦେଶର ଲଖିମପୁର ଖେରିରେ ୪୩.୨ଡିଗ୍ରୀ, ବାନ୍ଦା ଓ ଆଗ୍ରାରେ ୪୩ ଡିଗ୍ରୀ, ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ୪.୧ ଡିଗ୍ରୀ ଏବଂ ଗୁଜରାଟର ଅହମଦାବାଦରେ ୪୧.୭ଡିଗ୍ରୀ ତାପମାତ୍ରା ରହିଛି। ଆଗାମୀ ୨ ଦିନରେ ଆସାମ, ମେଘାଳୟ, ପଶ୍ଚିମବଙ୍ଗ ଏବଂ ସିକିମରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗୋଆ, ତେଲଙ୍ଗାନା ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଝାଡ଼ଖଣ୍ଡରେ ମଧ୍ୟ ପ୍ରବଳ ବର୍ଷା ନେଇ ଚେତାବନୀ ଦିଆଯାଇଛି। ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, କେରଳ, ଗୋଆ, ତାମିଲନାଡୁ ଏବଂ ପୂର୍ବୋତ୍ତର ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷା ହୋଇପାରେ। ବିହାର, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ରାଜସ୍ଥାନରେ ଘଣ୍ଟାପ୍ରତି ୩୦ ରୁ ୬୦ କିଲୋମିଟର ବେଗରେ ପବନ ବହିବାର ଆଶଙ୍କା ରହିଛି। ଚଳିତ ବର୍ଷ ମୌସୁମୀର ଗତିପଥ ଅସମାନ ରହିଥିବାରୁ ଦେଶର କେତେକ ସ୍ଥାନରେ ପ୍ରବଳ ବର୍ଷା ଓ ବାଦଲଫଟା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଅନ୍ୟ କେତେକ ଅଞ୍ଚଳରେ ଲୋକେ ଏବେ ମଧ୍ୟ ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହେଉଛନ୍ତି। ପାଣିପାଗ ବିଭାଗ ଆଗାମୀ କିଛି ଦିନ ମଧ୍ୟରେ ଅଧିକାଂଶ ରାଜ୍ୟରେ ବର୍ଷା ହେବା ସହ ତାପମାତ୍ରାରେ ହ୍ରାସ ଘଟିବ ବୋଲି ଆଶା ପ୍ରକଟ କରିଛି।

### କାକୁଡ଼ି ଚାଷ...

ସମାଲୋଚନା କରିଛନ୍ତି। ଅନ୍ୟପଟେ କେନ୍ଦ୍ର ମନ୍ତ୍ରୀ ଭାଗୀରଥ ଚୌଧୁରୀ ଶନିବାର ଦିନ ଏହି ଅଭିଯୋଗ ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି ଯେ ସେ ପିଲାଦିନରୁ ଚାଷ କାର୍ଯ୍ୟ ସହ ଜଡ଼ିତ ଏବଂ ଜଣେ ସାଧାରଣ କୃଷକ ଭାବରେ ୨୦୧୮ ମସିହାରେ (ମନ୍ତ୍ରୀ ହେବା ପୂର୍ବରୁ) ଏହି ସବସିଡି ପାଇଁ ଆବେଦନ କରିଥିଲେ। ସେ ନିଜ ଜମିରେ ପଲିହାଉସ୍ ନିର୍ମାଣ କରିଛନ୍ତି ଏବଂ ସେଠାରେ ସବସିଡି ଓ ଋଣ ସମ୍ପର୍କିତ ସମସ୍ତ ସୂଚନାର ବୋର୍ଡ ଲଗାଇଛନ୍ତି, ତେଣୁ ଏଥିରେ କିଛି ଲୁଚାଇବାର ନାହିଁ। ସୂଚନାଯୋଗ୍ୟ ଯେ, ଏହି ସମାନ ସ୍କିମ୍‌ରେ କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ନରେଶ ପାଲ୍ ଗାଙ୍ଗୱାରଙ୍କ ପରିବାର (ମାଆ, ପତ୍ନୀ ଓ ପୁଅ) ମଧ୍ୟ ୧.୧୬ କୋଟିରୁ ଅଧିକ ଟଙ୍କାର ସବସିଡି ପାଇଥିବା ରିପୋର୍ଟରେ ପ୍ରକାଶ ପାଇଛି।

### ୨ ମାସରେ ଖର୍ଚ୍ଚ...

ଝାଡ଼ଖଣ୍ଡର ପୁଞ୍ଜି ବ୍ୟୟ କ୍ଷେତ୍ରରେ ୦.୦୫%ର ନେଟ୍-ନେଗେଟିଭ୍ ହାର ହାସଲ କରିଛି। ଅନ୍ୟପକ୍ଷରେ, ତ୍ରିପୁରା ଏହାର ପୁଞ୍ଜି ଆବଣ୍ଟନର କେବଳ ୦.୩୪% ବ୍ୟବହାର କରିଥିବାବେଳେ ମେଘାଳୟ (୧.୫୫%), ଉତ୍ତରାଖଣ୍ଡ (୧.୬୭%) ଏବଂ ମହାରାଷ୍ଟ୍ର (୧.୮୫%) ମଧ୍ୟ ସବୁଠାରୁ ଦୁର୍ବଳ ପ୍ରଦର୍ଶନକାରୀଙ୍କ ମଧ୍ୟରେ ରହିଥିଲେ। ଏଥିରେ ସୁବଠାରୁ କୌତୂହଳର ବିଷୟ ହେଉଛି, ପୁଞ୍ଜି ବ୍ୟୟ ଦୃଷ୍ଟିରୁ ଦେଶର ତିନି ବୃହତ ରାଜ୍ୟ ଉତ୍ତର ପ୍ରଦେଶ (୨.୯୮%), ତାମିଲନାଡୁ (୩.୯୨%) ଏବଂ କର୍ଣ୍ଣାଟକ (୩.୯୬ %) କରି ପଛରେ ରହିଛନ୍ତି। ସର୍ବବୃହତ ବଜେଟ୍ ଥିବା ରାଜ୍ୟ ଉତ୍ତର ପ୍ରଦେଶ ଚଳିତ ଆର୍ଥକବର୍ଷର ପ୍ରଥମ ଦୁଇ ମାସରେ ପ୍ରାୟ ୧.୭୮ ଲକ୍ଷ କୋଟି ଟଙ୍କାର ବାର୍ଷିକ ପୁଞ୍ଜି ଖର୍ଚ୍ଚ ଆବଣ୍ଟନର ୩ ପ୍ରତିଶତରୁ କମ୍ ଖର୍ଚ୍ଚ କରିଛି। ବିଶେଷକରି, ମହାରାଷ୍ଟ୍ର ଏବଂ ଓଡ଼ିଶା ଉଭୟ ଏପ୍ରିଲରେ ନିଟ୍ ନକାରାତ୍ମକ ପୁଞ୍ଜି ଖର୍ଚ୍ଚ ରେକର୍ଡ କରିଥିଲେ। କିନ୍ତୁ ମେ' ମାସରେ ବ୍ୟୟରେସକାରାତ୍ମକ ପାଲଟିଛନ୍ତି। ମହାରାଷ୍ଟ୍ର ମେ' ମାସରେ ପ୍ରାୟ ୨,୫୩୦ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଓଡ଼ିଶା ପ୍ରାୟ ୨,୪୨୫ କୋଟି ଟଙ୍କା ବ୍ୟୟ କରିଛି।

### ପୁଣି ଆମେରିକା-ଇରାନ...

ଉପକୂଳବର୍ତ୍ତୀ ରାଡାର କେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣ କରାଯାଇଥିଲା। ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଚେତାବନୀ ଦେଇ କହିଛନ୍ତି ଯେ, 'ଇରାନ ସହିତ ଅସ୍ତ୍ରବିରତି ଚୁକ୍ତି ହୋଇଥିଲା ଏବଂ ଆମେ ତାହାକୁ ସମ୍ମାନ ଜଣାଇଛୁ। ଯଦି ସେମାନଙ୍କର କୌଣସି ଆପତ୍ତି ଥିଲା, ତେବେ ସେମାନେ ଆଲୋଚନା କରିପାରିଥାନ୍ତେ। କିନ୍ତୁ ମନେରଖିବା ଉଚିତ ଯେ ହିଂସାର ଜବାବ ସର୍ବଦା ହିଂସାରେ ହିଁ ଦିଆଯିବ। ଅପରପକ୍ଷରେ, ଆମେରିକାର ଏହି ଆକ୍ରମଣକୁ ନେଇ ଇରାନ ଉଦବେଗ ପ୍ରକାଶ କରିଛି। ଇରାନ ସଂସଦର ଜାତୀୟ ସୁରକ୍ଷା କମିଟିର ମୁଖ୍ୟ ଇବ୍ରାହିମ ଅଜିଜି ଆମେରିକାକୁ ଚେତାବନୀ ଦେଇ କହିଛନ୍ତି ଯେ, ଆଲୋଚନା ଚାଲିଥିବା ସମୟରେ ଆକ୍ରମଣ କରି ଆମେରିକା ନିଜର ବିଶ୍ୱସନୀୟତା ହରାଇଛି। ଏହି ବେଆଇନ ଆକ୍ରମଣ ପାଇଁ ଆମେରିକାକୁ ଶେଷରେ 'ପଛକୁ ହଟିବାକୁ ହେବ ଏବଂ ଅନୁତାପ କରିବାକୁ ପଡ଼ିବ।' ଇରାନ ଗଣମାଧ୍ୟମ ଅନୁସାରେ, ଆମେରିକାର ଆକ୍ରମଣରେ ସିରିକ ବନ୍ଦର ନିକଟସ୍ଥ ଅଞ୍ଚଳ ପ୍ରଭାବିତ ହୋଇଛି ଏବଂ ଏହାର ଜବାବରେ ଇରାନ ସେନା ମଧ୍ୟ ଆମେରିକୀୟ ଘାଟି ଉପରେ ଆକ୍ରମଣ କରିଛି। ଏହି ସାମରିକ ଗତିରୋଧ କାରଣରୁ ବିଶ୍ୱର ସବୁଠାରୁ ବ୍ୟସ୍ତବହୁଳ ସାମୁଦ୍ରିକ ବାଣିଜ୍ୟ ପଥ 'ହର୍ମୁଜ ପ୍ରଣାଳୀ' ଏବେ ସଂଘର୍ଷର କେନ୍ଦ୍ରବିନ୍ଦୁ ପାଲଟିଛି। ବିଶ୍ୱର ପ୍ରାୟ ଏକ-ପଞ୍ଚମାଂଶ ତେଲ ଏବଂ ଗ୍ୟାସ୍ ଯୋଗାଣ ଏହି ସଂକୀର୍ଣ୍ଣ ଜଳପଥ ଦେଇ ହୋଇଥାଏ। ତେଣୁ ଏହି ଅଞ୍ଚଳରେ ଯଦି ଯୁଦ୍ଧ ସ୍ଥିତି ଲାଗିରହେ, ତେବେ ସାରା ବିଶ୍ୱରେ ପୁଣି ଇନ୍ଧନ ସଙ୍କଟ ଦେଖାଦେବାର ଆଶଙ୍କା ରହିଛି। ମିଳିଥିବା ସୂଚନା ଅନୁଯାୟୀ ଇରାନ ହର୍ମୁଜ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଚେଷ୍ଟା କରୁଛି, ଯାହାକୁ ଆମେରିକା ଏବଂ ଆରବ ସାଗରୀୟ ଦେଶଗୁଡ଼ିକ ବିରୋଧ କରୁଛନ୍ତି।

### ଓଟିଏଏସ୍ ଅଧିକାରୀ...

ତାଙ୍କୁ ଜୁଡିସିଆଲ୍ କଷ୍ଟୋଡିକୁ ପଠାଯାଇଛି। ଅପରାଧିକ ମାମଲାରେ ୪୮ ଘଣ୍ଟାରୁ ଅଧିକ ସମୟଧରି ପୁଲିସ ଦ୍ୱାରା ଅଟକ ଥିବାରୁ ଆଇନ ଅନୁଯାୟୀ ପଦକ୍ଷେପ ନିଆଯାଇ ତାଙ୍କୁ ସିଧାସଳଖ ସରକାରୀ ସେବାରୁ ବରଖାସ୍ତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ ଯେ ଚନ୍ଦ୍ରିକା ଓ ଭୀମସେନ ଛୋଟ ବେଳୁ ଏକାଠି ଗୋଟିଏ ସ୍କୁଲରେ ପଢୁଥିଲେ। ଏହାପରେ କଟକର ଏକ କଲେଜରେ ଉଭୟ ଯୁକ୍ତ ବିଜ୍ଞାନ ବିଭାଗରେ ନାମ ଲେଖାଇଥିଲେ। ଦୀର୍ଘ ୧୫ ବର୍ଷ ଧରି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ସେମାନେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୨୭ ଡିସେମ୍ବରରେ ଉଭୟ ବିବାହ କରିବେ ବୋଲି ମଧ୍ୟ ନିଷ୍ପତ୍ତି ନେଇଥିଲେ। ଦୁହେଁ ଅନେକ ସମୟରେ ଏକାଠି ବୁଲାବୁଲି କରୁଥିଲେ ଓ ରହୁଥିଲେ। ହେଲେ ଭୀମସେନଙ୍କ ଜୀବନରେ ଆଉ ଜଣେ ଯୁବତୀ ପ୍ରବେଶ କରିବା ପରେ ଚନ୍ଦ୍ରିକାଙ୍କ ସହିତ ତାଙ୍କର ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ଏପରିକି ଚନ୍ଦ୍ରିକାଙ୍କୁ ଭୀମସେନ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ଏହାପରେ ଚନ୍ଦ୍ରିକା କଟକ ତ୍ରିଶୂଳିଆଠାରେ ଆତ୍ମହତ୍ୟା କରିଥିବା ବେଳେ ଝିଅର ମୃତ୍ୟୁ ପାଇଁ ତାଙ୍କ ମାଆ ଭୀମସେନଙ୍କୁ ଦାୟୀ କରିଥିଲେ। ମାନସିକ ନିର୍ଯାତା କାରଣରୁ ଝିଅ ଆତ୍ମହତ୍ୟା କରିଥିବା ନେଇ ଚନ୍ଦ୍ରିକାଙ୍କ ମାଆ ଏତଲାରେ ଉଲ୍ଲେଖ କରିଥିଲେ। ଚନ୍ଦ୍ରିକାଙ୍କ ମୃତ୍ୟୁ ପାଇଁ ଭୀମସେନ ଦାୟୀ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ପେଟ୍ରୋଲ ଢାଳି...

ବାରମ୍ବାର ପ୍ରେମ ନିବେଦନ କରିଆସୁଥିଲା। । ମାତ୍ର ଯୁବତୀ ଜଣଙ୍କ ଏହାକୁ ପ୍ରତ୍ୟାଖ୍ୟାନ କରି ଆସୁଥିଲେ। ଫଳରେ ପ୍ରେମ ପାଗଳ ଯୁବକ ରଜତ ଶେଷରେ ପ୍ରତିଶୋଧପରାୟଣ ହୋଇ ପଡ଼ିଥିଲା। ରାତି ପ୍ରାୟ ସାଢେ ୧୧ଟା ବେଳେ ଅଭିଯୁକ୍ତ ଯୁବକ ରଜତ ପେଟ୍ରୋଲ ବୋତଲ ଧରି ସମ୍ପୃକ୍ତ ଯୁବତୀଙ୍କ ଘର ନିକଟରେ ପହଞ୍ଚି ଥିଲା। ଯୁବତୀ ଜଣଙ୍କ ଶୋଇଥିବାବେଳେ ଝରକା ବାଟେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲା। । ହୁତୁ ହୁତୁ ହୋଇ ବିଛଣା ସହ ଯୁବତୀ ଜଣକ ଜଳୁଥିବା ବେଳେ ଘରେ ଥିବା ସମସ୍ତ ଆସବାବପତ୍ରରେ ନିଆଁ ଲାଗି ପାଉଁଶ ହୋଇ ଯାଇଥିଲା। ଝିଅର ଚିତ୍କାର ଶୁଣି ପରିବାର ଲୋକେ ଏବଂ ପଡୋଶୀ ନିଦରୁ ଉଠି ପଡ଼ିଥିଲେ। ପ୍ରଥମେ ମୋଟର ଦ୍ୱାରା ପାଇପରେ ପାଣି ପକାଇ ନିଆଁକୁ ଲିଭାଇ ଝିଅକୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିବାବେଳେ ଝିଅର ଅବସ୍ଥା ଗୁରୁତର ଥିବାରୁ ଡାକ୍ତରମାନେ ତାଙ୍କୁ ବୁର୍ଲା ପଠାଇ ଦେଇଥିଲେ। ବୁର୍ଲାରେ ମଧ୍ୟ ବର୍ଣ୍ଣ ବିଭାଗରେ ବେଡ୍ ନାହିଁ ବୋଲି କହି ସେଠିକାର ଡାକ୍ତରମ ରାଉରକେଲାର ଏକ ଘରୋଇ ଡାକ୍ତରଖାନାକୁ ରେଫର କରି ଦେଇଥିଲେ। ପରିବାର ଲୋକ ପୁନର୍ବାର ଝିଅକୁ ବୁର୍ଲାରୁ ରାଉରକେଲା ଫେରାଇ ଆଣି ଆଜି ଦିନ ସାଢେ ୧୧ଟାରେ ସମ୍ପୃକ୍ତ ଘରୋଇ ହସ୍ପିଟାଲରେ ଭର୍ତ୍ତି କରି ଚିକିତ୍ସା ଆରମ୍ଭ କରିଛନ୍ତି। ଏ ବିଷୟରେ ତାଙ୍କ ପରିବାର ଲୋକଙ୍କ କହିବା କଥା ଯେ, ରଜତ ତାଙ୍କ ଝିଅକୁ ବାରମ୍ବାର ହଇରାଣ କରି ଆସୁଥିଲା। ତାକୁ ଏ ନେଇ ବୁଝାସୁଝା କରାଯାଇଥିଲା। ଏହା ସତ୍ତ୍ୱେ ବି ସେ ନ ମାନି ଏପରି କାଣ୍ଡ କରିଛି। ତାକୁ କଠୋର ଦଣ୍ଡ ଦେବାକୁ ଦାବି କରିବା ସହ ତାଙ୍କର ହୋଇଥିବା କ୍ଷତିର ଭରଣା ପାଇଁ ପରିବାର ପକ୍ଷରୁ ଦାବି କରାଯାଇଛି।

### ୩୮୦ କୋଟି...

ଏସ୍‌ସିଇଆର୍‌ଟି କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କୁ ସେ ଦୁର୍ବ୍ୟବହାର କରୁଥିଲେ। ଉଭୟ ପୁରୁଷ ଓ ମହିଳା କର୍ମଚାରୀଙ୍କ ପ୍ରତି ଖରାପ ଭାଷା ପ୍ରୟୋଗ କରୁଥିଲେ। ଏପରିକି ଇଡିଅଟ୍, ନନ୍‌ସେନସ୍, ଗେଟ୍ ଆଉଟ୍ ବୋଲି କହୁଥିଲେ। ଫଳରେ କର୍ମଚାରୀମାନେ ଧାରଣାରେ ବସିବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାରୁ କାର୍ଯ୍ୟସ୍ଥଳରେ ଏକ ପ୍ରତିକୂଳ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ତାଙ୍କର ୨ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ନଥିବା ବିଧାୟକମାନେ ଅଭିଯୋଗ କରିଥିଲେ। ସବୁଠାରୁ ଚାଞ୍ଚଲ୍ୟକର ଅଭିଯୋଗ ହେଲା, ତତ୍କାଳୀନ ମୟୂରଭଞ୍ଜ ସାଂସଦଙ୍କ ଅଭିଯୋଗ କ୍ରମେ ଶ୍ରୀ ପାଢ଼ୀଙ୍କୁ କାର୍ଯ୍ୟାନ୍ତର କରାଯାଇଥିଲେ ମଧ୍ୟ ପରେ ତାଙ୍କୁ ସେହି ପଦରେ ହିଁ ପୁନଃ ଅବସ୍ଥାପିତ କରାଯାଇଥିଲା। ତାଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଏତିକିରେ ସରିନାହିଁ। ସେ କର୍ମଚାରୀ ଓ ଭେଣ୍ଡରଙ୍କ ଠାରୁ ଚାନ୍ଦା ଆଦାୟ କରୁଥିବା ମଧ୍ୟ ବିଧାୟକମାନେ ଅଭିଯୋଗ କରିଥିଲେ। ଏହାର ଭିଡ଼ିଓ ମଧ୍ୟ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବିକାଶ ପାଇଁ ମଞ୍ଜୁରୀ ଅର୍ଥରୁ ପିସି ନେଉଥିବା ମଧ୍ୟ ଅଭିଯୋଗରେ ଦର୍ଶାଇଥିଲେ। ଏଣୁ ତାଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ଅପସାରିତ କରି ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ପଦରୁ ହଟାଇବାକୁ ସମସ୍ତ ୧୫ ବିଧାୟକ ଦାବି କରିଥିଲେ।

ଏହି ଘଟଣା ପଦାକୁ ଆସିବା ପରେ ସରକାରଙ୍କ ଭୂମିକା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏସ୍‌ସିଆର୍‌ଟି କର୍ମଚାରୀଙ୍କ ଆନ୍ଦୋଳନ ଏବଂ ୧୫ ଜଣ ବିଧାୟକଙ୍କ ଅଭିଯୋଗ ପରେ ମଧ୍ୟ ସରକାର କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ସମ୍ପ୍ରତି ପୁସ୍ତକ ତ୍ରୁଟି ଘଟଣାର ମାଷ୍ଟରମାଇଣ୍ଡ କୁହଯାଉଥିବା ଶ୍ରୀ ପାଢ଼ୀଙ୍କ ବିରୋଧରେ ସେହି ସମୟରେ କାର୍ଯ୍ୟାନୁଷ୍ଠାନ ହୋଇଥିଲେ ଏତେବଡ଼ ବିଭ୍ରାଟ ହୋଇ ନ ଥାନ୍ତା ବା ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଭବିଷ୍ୟତ ବାଜିରେ ଲାଗି ନ ଥାନ୍ତା ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି।

### ଶିକ୍ଷାବିତ୍‌ଙ୍କ ବିରୋଧରେ...

ସାତଖୁଣ ମାଫ୍ କଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିର ପାଠ୍ୟକ୍ରମ ଚୟନ ଓ ସମୀକ୍ଷା ପାଇଁ ଖୋଦ୍ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୨୪ ଜଣିଆ କମିଟି ଗଠନ କରାଯାଇଥିଲା। ତନ୍ମଧ୍ୟରେ ଦେଶ ଓ ରାଜ୍ୟର ୧୦ ଶିକ୍ଷାବିତ୍‌ଙ୍କ ସମେତ ୧୪ ଜଣ ପ୍ରଶାସନିକ ଅଧିକାରୀ ସଦସ୍ୟ ରହିଥିଲେ। ଶିକ୍ଷାବିତ୍‌ଙ୍କ ମଧ୍ୟରେ ଭୋପାଳସ୍ଥିତ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଅବସରପ୍ରାପ୍ତ ସଂସ୍କୃତ ପ୍ରାଧ୍ୟାପକ ଡ. ଗୋପାଳ ପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷାବିତ୍ (ବିଜ୍ଞାନ) ଡ. କିଶୋର ଚନ୍ଦ୍ର ମହାନ୍ତି। ଏନ୍‌ସିଇଆର୍‌ଟିର ମୁଖ୍ୟ ପରାମର୍ଶଦାତା ଡ. ବିନୟ ପଟ୍ଟନାୟକ, ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ସଭାପତି ଡ. ସୁସାନ୍ତ କୁମାର ଦାସ, ଭୁବନେଶ୍ୱର ଏକାମ୍ର କଲେଜର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ. ଲଳିତ କୁମାର ଲେଙ୍କା, ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତତ୍କାଳୀନ ଅଧକ୍ଷା ସରୋଜଲକ୍ଷ୍ମୀ ସିଂ, ବରଗଡ଼ ପଦ୍ମପୁର କଲେଜର ଅଧକ୍ଷ ତଥା ଇଂରାଜୀ ବିଶେଷଜ୍ଞ ଡ. ଖଗେଶ୍ୱର ଦାସ, ଓୟୁଏଟିର ମାଇକ୍ରୋବାଇଓଲୋଜୀ ପ୍ରାଧ୍ୟାପକ ଡ. ବଳରାମ ସାହୁ ଏବଂ ଗଞ୍ଜାମ ଖଲ୍ଲିକୋଟ ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧକ୍ଷ ତଥା ପଦାର୍ଥ ବିଜ୍ଞାନ ବିଶେଷଜ୍ଞ ଡ. ଗୌରାଙ୍ଗ ମହାନ୍ତି ପ୍ରମୁଖ କୋର୍ କମିଟିର ସଦସ୍ୟ ରହିଥିଲେ। ମାତ୍ର ପୁସ୍ତକ ପ୍ରସ୍ତୁତି ବା ଲେଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଶିକ୍ଷାବିତ୍‌ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଯଦି କାର୍ଯ୍ୟକୁ ତଦାରଖ କରୁଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି, ତା'ହେଲେ ଶିକ୍ଷାବିତ୍‌ଙ୍କ ଉପରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

### ବିକଳ୍ପ ଇନ୍ଧନ...

ମକା କ୍ଷେତ୍ରରେ ପ୍ରତି ଲିଟର ଇଥାନଲ୍ ପାଇଁ ପ୍ରାୟ ୪୬୭୦ ଲିଟର ଏବଂ ଆଖୁ ପାଇଁ ପ୍ରାୟ ୩୬୩୦ ଲିଟର ପାଣି ଆବଶ୍ୟକ ହୁଏ। ଏହାଛଡା ଇଥାନଲ୍ ମିଲ୍‌ରୁ ନିର୍ଗତ ପ୍ରଚୁର ପରିମାଣର ଭିନାସ୍‌କୁ ଯଦି ସଠିକ୍ ଭାବରେ ବିଶୋଧନ ନ କରାଯାଏ, ତେବେ ପୃଷ୍ଠ ଏବଂ ଭୂତଳ ଜଳକୁ ପ୍ରଦୂଷିତ କରିପାରେ। ଅପରପକ୍ଷେ ନୀତି ଆୟୋଗର କମ୍ପୋଜିଟ୍ ଜଳ ପରିଚାଳନା ସୂଚକାଙ୍କ (ସିଡବ୍ଲ୍ୟୁଏମ୍‌ଆଇ) ସତର୍କ କରାଇ ଦେଇଛି ଯେ ୨୦୩୦ ସୁଦ୍ଧା ଦିଲ୍ଲୀ, ବେଙ୍ଗାଲୁରୁ ଏବଂ ଚେନ୍ନାଇ ସମେତ ୨୧ଟି ପ୍ରମୁଖ ସହରରେ ଭୂତଳ ସ୍ତର ଶୂନ୍ୟରେ ପହଞ୍ଚିପାରେ। ଭାରତର ମୋଟ ଇଥାନଲ୍ ଉତ୍ପାଦନ କ୍ଷମତା ୧୮୨୨ କୋଟି ଲିଟର, ଯାହାର ପୂର୍ବରୁ ଜଳ ସଙ୍କଟ ସହିତ ଜଡ଼ିତ ରାଜ୍ୟଗୁଡ଼ିକର ଏକ ବଡ଼ ଅଂଶ। ଉଦାହରଣ ସ୍ୱରୂପ, ମହାରାଷ୍ଟ୍ରରେ ୩୯୬ କୋଟି ଲିଟର ମିଳିତ କ୍ଷମତା ସହିତ ପ୍ଲାଣ୍ଟ ଅଛି, ଯେତେବେଳେ କି ବିଦର୍ଭ ଏବଂ ମରହଟ୍ଟୱାଡାର ଚାଷୀମାନେ ପାନୀୟ ଜଳ ପାଇଁ ସଂଘର୍ଷ କରୁଛନ୍ତି। ଏହି ସମୟରେ, ଉତ୍ତର ପ୍ରଦେଶ ଏବଂ କର୍ଣ୍ଣାଟକରେ ଇଥାନଲ୍ ପ୍ଲାଣ୍ଟରେ ଭୂତଳର ସଂରକ୍ଷିତ ଜଳକୁ ବ୍ୟବହାର କରାଯାଉଛି, ଯାହା ଗୁରୁତର ଭାବରେ ହ୍ରାସ ପାଇଥିବା ଘୋଷଣା କରାଯାଇଛି। ଭାରତରେ ଇଥାନଲ୍ ମିଶ୍ରଣରେ ଚାଉଳର ବ୍ୟବହାର ଏ ପର୍ଯ୍ୟନ୍ତ ପ୍ରାଥମିକ ଅବସ୍ଥାରେ ଅଛି। କାରଣ ଏଥିରେ ଦେଶ ମୁଖ୍ୟତଃ ଆଖୁ ଉପରେ ନିର୍ଭର କରୁଛି। ତଥାପି, ଆଖୁ ଚାଷରେ ଚୁର ପାଣି ବ୍ୟବହାର କରାଯାଇଥାଏ। ଏଥିରେ ପ୍ରତି ଲିଟର ଇଥାନଲ୍ ପାଇଁ ୩୬୩୬ ଲିଟର ପାଣି ବ୍ୟବହାର ହୋଇଥାଏ। ଅନେକ ଇଥାନଲ୍ ପ୍ଲାଣ୍ଟ ଆଖୁ ଚାଷ କରୁଥିବା ଅଞ୍ଚଳରେ ଅବସ୍ଥିତ କାରଣ କଞ୍ଚାମାଲ ସେଠାରେ ସହଜରେ ଉପଲବ୍ଧ। ଶକ୍ତି ଅର୍ଥନୀତି ଏବଂ ଆର୍ଥିକ ବିଶ୍ଳେଷଣ ପ୍ରତିଷ୍ଠାନର ଶକ୍ତି ବିଶେଷଜ୍ଞ ସ୍ୱାତୀ ଶେଷାଦ୍ରି କହିଛନ୍ତି ବର୍ଷ ବର୍ଷ ଧରି ଆଖୁ ଚାଷ ଏହି ଅଞ୍ଚଳଗୁଡ଼ିକରେ ଜଳସ୍ତରକୁ ହ୍ରାସ କରିସାରିଛି। ବର୍ତ୍ତମାନ ଇଥାନଲ୍ ପ୍ଲାଣ୍ଟଗୁଡ଼ିକ ପରିସ୍ଥିତିକୁ ଆହୁରି ଖରାପ କରିଦେଇଛି। ଏହା ବ୍ୟତୀତ, ଆଖୁ ମୁଖ୍ୟତଃ ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଚାଷ କରାଯାଏ, ଯେଉଁଠାରେ ଭୂତଳ ଜଳ ଅଭାବ ପୂର୍ବରୁ ଗୁରୁତର।

### ମହାନଦୀରେ ପାଣି...

ଏବଂ ଛତିଶଗଡ଼ ୨୭ ମିଲିୟନ ଏକର ଫୁଟ ପାଣି ଆବଶ୍ୟକ କରୁଥିବା ଦାବିକୁ ଯଦି ଓଡ଼ିଶା ସରକାର ମାନି ନେଇଥା'ନ୍ତି, ତା'ହେଲେ ଏହା ଓଡ଼ିଶା ପାଇଁ ଆତ୍ମଘାତୀ ହେବ ବୋଲି ସେ କହିଛନ୍ତି। ସେହିପରି ପୂର୍ବରୁ ଆମେ ଛତିଶଗଡ଼ ପାଖରେ ସମର୍ପଣ କରିସାରିଛୁ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି ଶ୍ରୀ ଦାସ। ସେ କହିଛନ୍ତି ଯେ ମହାନଦୀରେ କେତେ ପାଣି ଉପଲବ୍ଧ ତାହାକୁ ନେଇ ଉଭୟ ରାଜ୍ୟ ବିଗତ ଶୁଣାଣିରେ ଯେଉଁ ତଥ୍ୟ ଦେଇଥିଲେ, ତାହା ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ। ପ୍ରଦତ୍ତ ଡାଟା ଅନୁଯାୟୀ ମହାନଦୀରେ ମୋଟ ଉପଲବ୍ଧ ଜଳର ପରିମାଣ ୬୨. ୩୬ ମିଲିୟନ ଏକର ଫୁଟ ଅଟେ। ତନ୍ମଧ୍ୟରେ ନରାଜ ପାଖରେ ୫୬. ୨୯ ମିଲିୟନ ଏକର ଫୁଟ ହୀରାକୁଦ ଉପର ମୁଣ୍ଡରେ ୩୨. ୮୩ ମିଲିୟନ ଏକର ଫୁଟ ଓ ଛତିଶଗଡ଼ ଓଡ଼ିଶା ସୀମାରେ ୨୮. ୪୮ ମିଲିୟନ ଏକର ଫୁଟ ପାଣି ଉପଲବ୍ଧ। ବର୍ଷ ସାରା ମହାନଦୀରେ ଉପଲବ୍ଧ ପାଣିର ହାରାହାରି ହିସାବକୁ ନେଇ ଏହି ଡାଟା ବା ତଥ୍ୟ ପ୍ରସ୍ତୁତ ହୋଇଛି। ଯାହା ଅଣ ମୌସୁମୀ ସମୟରେ ଓଡ଼ିଶାର ଜଳ ସଂକଟକୁ ଅଣ ଦେଖାକରିଛି। ଏହି ତଥ୍ୟକୁ ଗ୍ରହଣ କରି ଆମେ ଆତ୍ମଘାତୀ କାମ କରିଛନ୍ତି। ଏହାର ଅର୍ଥ ହେଉଛି ଆମ ପାଖରେ ପ୍ରଚୁର ପାଣି ରହିଛି ଏବଂ ଆମର କୌଣସି ବିବାଦ ନାହିଁ। ତେଣୁ ଆଜିର ବୈଠକରେ ନିର୍ଦ୍ଦିଷ୍ଟ କେଉଁ ପ୍ରସଙ୍ଗରେ ଆଲୋଚନା ହେଲା, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଶ୍ରୀ ଦାସ ଦାବି କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଜଳ ବିବାଦରେ ସହମତି ଆଣିବା ପାଇଁ ଟ୍ରିବ୍ୟୁନାଲ ପୂର୍ବ ଶୁଣାଣିରେ ଉଭୟ ରାଜ୍ୟର ବୈଷୟିକ ଏବଂ ଆଇଗତ ଟିମକୁ ଏକ ଲମ୍ବା ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ଏହାକୁ ଆଧାର କରି ଉଭୟ ରାଜ୍ୟର ମଧ୍ୟରେ ଗତ ୧୬ ତାରିଖ୍ରୁ ୧୧ ଦିନିଆ ଆଲୋଚନା ଆରମ୍ଭ ହୋଇଥିଲା। ଏହି ୧୧ ଦିନିଆ ଆଲୋଚନା ବେଳେ ମହାନଦୀ ଜଳରେ ଓଡ଼ିଶା ଓ ଛତିଶଗଡ଼ର ପ୍ରାପ୍ୟ ଅଂଶ କେତେ ରହିବ ଏବଂ ଜଳ ବଣ୍ଟନର ଉଚିତ ମାନଦଣ୍ଡ କଣ ହେବ ତାହା ନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା କରାଯାଇଛି। ଆଗକୁ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ସଚିବ ତଥା ମୁଖ୍ୟ ଶାସନ ସଚିବ ସ୍ତରୀୟ ଆଲୋଚନନା ହେବ ବୋଲି ଜଣାପଡ଼ିଛି।


34001/397/2627 | ID: ee.randbjyp@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE**
**e-Procurement Notice**
**Bid Identification No. S.E (R&B)-08/2026-27/JYP(K)**
No. 3889 Date.

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. Name of the Work : Building Work as mentioned in DTCN.
2. No. of Works : 7 Nos.
3. Estimated Cost : Rs. 3.98 Lakhs to 11.85 lakhs
4. Period of completion : 2 (Two) Months
5. Date & Time of Bidding : From 11.00 hours of **01.07.2026** Up-to 17.00 hours of **10.07.2026**
6. Last date & time for receipt of bids in portal : 17.00 hours of **11.07.2026.**
7. Bids received online shall be opened on : 11.00 hours of **13.07.2026.**
8. Name and address of the officer inviting Bid : Superintending Engineer, Jeypore (R&B) Division, Jeypore

Further details can be seen from the www.tendersodisha.gov.in

Superintending Engineer,
*Jeypore (R&B) Division*

OIPR-34001/34027/1/26-27/0008



25001/531/2627 | PHONE: OFF: (06852) 251263 Email: eerwkoraput@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION: KORAPUT**
**Through GePNIC e-Procurement Notice**
**Bid Identification No.:** SERWKPT-Online-04/2026-27
**Letter No.:** 2215, **Date:** 19.06.2026

1 Name of the Work — **Special Repair of Road Works for the year 2026-27 (Renewal Coat of SDBC with WMM Profile Correction)**
2 Total Number of Works — **05 Nos.**
3 Approximate Estimate Cost — **Rs. 62.16 Lakhs to Rs. 70.24 Lakhs (Approximately)**
4 Class of Contractor — **"B" Class**
5 Period of Completion — **2 Months**
6 Detail of Projects — **As per Annexure attached**

**Other Details as follows:**

| Procurement Officer | Bid Identification No. | No. of Works | Availability of tender online bidding | | Date & Time of opening of tender in O/o the SERW Division, Koraput | |
|---|---|---|---|---|---|---|
| | | | (From) | (To) | Technical Bid | Financial Bid |
| Superintending Engineer, R.W. Division, Koraput | SERWKPT-ONLINE-04/2026-27 | 05 (Five) Nos. | 30.06.2026 at 11.00 A.M. | 13.07.2026 up to 5.30 P.M. | 14.07.2026 at 11.00 A.M. | To be intimated separately |

Further details can be seen from the website: www.tendersodisha.gov.in/nicgep/app
All amendments, time extensions, clarifications, etc., will be uploaded on the website only. Bidders should regularly visit the above website to keep themselves updated.
**N.B.:** Any Addendum or Corrigendum will be available on the website only.

Executive Engineer
Rural Works Division, Koraput

OIPR-25001/25088/1/26-27/0004



**ଶପଥପତ୍ର**

ଏହି ଶପଥପତ୍ର ନୋଟାରୀ ପବ୍ଲିକ୍ ଭୁବନେଶ୍ୱରଙ୍କ ସମ୍ମୁଖରେ ନିଷ୍ପାଦନ କରାଯାଇଛି କି, ମୁଁ ସୋପ୍ନା ସରିତା ପତି, ସ୍ୱାମୀ - ଶ୍ରୀକାନ୍ତି ପତି, ଗ୍ରାମ - ଆଚାର୍ଯ୍ୟନଗର, ଜଗନ୍ନାଥପୁର, ଥାନା - ଭଦ୍ରକ, ଜିଲ୍ଲା - ଭଦ୍ରକ, ଓଡ଼ିଶା ସର୍ବସାଧାରଣ ଅବଗତି ନିମନ୍ତେ ଘୋଷଣା କରୁଛି କି ମୋର ରେଜିଷ୍ଟ୍ରିଭୁକ୍ତ ବିକ୍ରୟ ଦଲିଲ୍ ନଂ. ୧୦୨୩୧୯୦୪୧୭୫, ତା ୧୬.୧୦.୨୦୧୯, ପଟ୍ଟା ନଂ. ୧୩୪୫/୩୬୦୨ ମୁଁ ତା ୧୫.୧୦.୨୦୨୫ ରିଖରେ ଜଗନ୍ନାଥପୁରରେ ଥିବା ସମୟରେ କେଉଁଠାରେ ହଜିଯାଇଛି। ଯଦି କୌଣସି ବ୍ୟକ୍ତି ଉକ୍ତ ଦଲିଲକୁ ପାଇଥାନ୍ତି ଦୟାକରି ନିମ୍ନଲିଖିତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋବାଇଲ୍ ନମ୍ବର - ୯୧୨୪୦୦୮୨୯୯ (ରଶ୍ମିରଞ୍ଜନ ପାଣିଗ୍ରାହୀ)।



**AFFIDAVIT**

I, PANKAJINI MOHAPATO, W/O SATYA NARAYAN MOHAPATRO resident of At - Dash Street, PO/PS - Jeypore, Dist - Koraput - 764001, Odisha declare by this Affidavit No. 2852 Dated 25/06/2026, that now onwards I shall be known as **ANNAPURNA MAHAPATRA** for all future purposes.



**LOST**

ମୁଁ ଅମରେଶ ନାୟକ, ବୟସ ୩୩, ପିତା-ଅରବିନ୍ଦ ଚରଣ ନାୟକ, ନୂଆ ସାହି, ଗୋଶାଳା ରୋଡ, ପୋଷ୍ଟ-ନୟାବଜାର, ଥାନା-ମଧୁପାଟଣା, ଜିଲ୍ଲା - କଟକ, ବିକ୍ରୟ ଦଲିଲ କ୍ରମାଙ୍କ - 2726,ତା. 31/05/2004, ପ୍ଲଟ ନମ୍ବର - 177/3963,178/3962, ମୌଜା - ସାର୍ଥିକ, ପୋ -ନୟା ବଜାର, ଜିଲ୍ଲା -କଟକ, ସମ୍ବନ୍ଧିତ ଦଲିଲ ଟି କେଉଁଠାରେ ହଜିଯାଇଛି । ଯଦି କେହି ସହୃଦୟ ବ୍ୟକ୍ତି ଦଲିଲ ଟିକୁ ପାଆନ୍ତି ତେବେ ଦୟାକରି ମୋତେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ । ମୋ-7205805375.



**AFFIDAVIT**

By virtue of an affidavit sworn before Notary Public Bhubaneswar, S.L. No. 283 on dated 25/06/2026, I **AMEETA SRICHANDAN**, W/o Prasanta Srichandan resident of At- Plot No. 64/2954, Vill. Sundarpada, P.S: Airfield, Dist: Khordha, Odisha, PIN: 751002, declare that I have changed my minor Son's name from **JASHPRIT SRICHANDAN (Old Name)** to **ANSUMAN SRICHANDAN (New Name)**. Henceforth, he shall be known as **ANSUMAN SRICHANDAN** for all purposes.
Sd- **AMEETA SRICHANDAN**



**AFFIDAVIT**

By virtue of an affidavit before the Notary Public, Phulbani, Kandhamal, dtd. 24.06.2026, I, Prashant Majhi, At - Sakhipada Po - Sakhipada, Dist- Kandhamal do hereby declare that my minor daughter's name has been changed from "Sukanti Majhi" to "Priyanka Majhi". Henceforth, she shall be known as **"Priyanka Majhi"** for all purposes.
**Prashant Majhi**



**AFFIDAVIT**

By virtue of an affidavit (CF No. 1932, dtd- 22/06/2026) sworn before The Executive Magistrate, Khordha. I, **Shaikh Sajid,** S/o- Shaikh Mahimud, resident of At/Po: Saradhapur, PS: Khordha, Dist: Khordha, Odisha declare that I have changed my name & my father's name from **Mahammad Sajid, S/o Abdul Samad** to **Shaikh Sajid, S/o Shaikh Mahimud** in my Aadhar Card (vide No. 8491 7007 7851). Henceforth, I shall be known as **Shaikh Sajid, S/o Shaikh Mahimud** for all purposes.
**Shaikh Sajid**



**AFFIDAVIT**

I, R Bhagirathy Reddy, aged about 48 years, S/o- Rika Chineya Reddy, resident of At- New Sindhigam (TATA Colony), Badapur, Ps- Gopalpur, Berhampur, Dist- Ganjam, Odisha, Pin- 760007, do hereby declare by this affidavit No. 1307, dtd- 26.06.2026, that now onwards I shall be known as **R BHAGIRATHI REDDY** for all future purposes.

# କୁଜଙ୍ଗ-ଚଟୁଆ ରାସ୍ତା ନିର୍ମାଣର ତିନିମାସ ପରେ ଫାଟି ଆଁ’

କୁଜଙ୍ଗ,୨୭।୬(ସମିସ)



କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟଠାରୁ ମାତ୍ର ୫ ମିଟର ଦୂରରେ ରହିଥିବା ଚଟୁଆ-କୁଜଙ୍ଗ ରାସ୍ତା ନିର୍ମାଣର ତିନିମାସ ପରେ ଫାଟି ଆଁ କରିଛି। ଏପରି ସ୍ଥଳେ ଆଭ୍ୟନ୍ତରିଣ ଅଞ୍ଚଳରେ କାର୍ଯ୍ୟର ମାନ କିପରି ରହିଥିବା ତାହା ସହଜରେ ଅନୁମାନ କରାଯାଇପାରେ। ତେବେ ଏହି ରାସ୍ତା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟସ୍ତ ବହୁଳ ରାସ୍ତା ହୋଇଥିବାରୁ ଏହାର ଦୂରାବସ୍ଥା ଯୋଗୁ ହଜାର ହଜାର ଯାତ୍ରୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଏ ନେଇ ବିଭାଗୀୟ ଏସ୍‌ଡିଓଙ୍କୁ ପଚାରିବାରୁ ଖରାପ ହୋଇଥିଲେ ପୁଣି ମରାମତି କରାଯିବ ବୋଲି ଦେଉଥିବା ମତାମତ ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ପ୍ରକାଶ ଯେ, କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ଏମଆରଏଲ-୧୨ କୁଜଙ୍ଗ-ଚଟୁଆ ।ସ୍ତାର ବିପିନ ବାବୁଛକ ଠାରୁ ବଡ଼ଙ୍ଗ ପର୍ଯ୍ୟନ୍ତ ରାସ୍ତା ଗତ ତିନିମାସ ତଳେ ଠିକାଦାର ସମ୍ପନ୍ନ କରିଥିଲେ। ୪ କୋଟି ୩୦ ଲକ୍ଷ ୭୭ ହଜାର ଟଙ୍କା ବିନିମୟରେ ୭.୧୪୦ କିମି ଦୈର୍ଘ୍ୟ ବିଶିଷ୍ଟ ରାସ୍ତାକୁ ଠିକାଦାର ପୂର୍ବରୁ ଶେଷ କରିଥିବା ବେଳେ ଗତ ତିନିମାସ ତଳେ ବିପିନବାବୁ ଛକଠାରୁ ବଡ଼ଙ୍ଗ ଛକ ଯାଏ ପ୍ରାୟ ଦୁଇଶହ ମିଟର ରାସ୍ତା ପୂର୍ବର କଂକ୍ରିଟ ରାସ୍ତା ଉପରେ ନିର୍ମାଣ କରାଯାଇଥିଲା। ମାତ୍ର ବିଭାଗୀୟ ଯନ୍ତ୍ରୀଙ୍କ ଉପଯୁକ୍ତ ତଦାରଖ ଅଭାବରୁ ଠିକାଦାର ନିଜ ମନ ମୁତାବକ ରାସ୍ତା ନିର୍ମାଣ କରିଥିଲା। ରାସ୍ତା କରିବା ପରେ ଏହାକୁ ଯାତାୟତ ପାଇଁ ବନ୍ଦ ନରଖି ଖୋଲା ଛାଡି ଦିଆଯାଇଥିଲ। ଫଳରେ ମୋଟର ସାଇକଲ ଓ ଚାରିଚକିଆ ଗାଡି କଞ୍ଚା ରାସ୍ତା ଉପରେ ଚଢ଼ାଇ ଯାତାୟତ କରିଥିଲେ। ଫଳରେ ରାସ୍ତାରେ ଏବେ ବଡ଼ବଡ ଖାଲ ସହିତ ଚକାର ସରି ଅନାବଶ୍ୟକ ଭାବେ ରହିଛି। ଫଳରେ ରାତିରେ କୁହୁଡି ସମୟରେ ଓ ଅଜଣା ଆରୋହୀମାନେ ଏହି ସରିରେ ପଡି ଗୁରୁତର ଆହତ ହେଉଥିବା ଜଣାପଡିଛି। ଏହାଠାରୁ ଆହୁରି ଗୁରୁତର କଥା ହେଉଛି ଯେ, ରାସ୍ତାର କଙ୍କ୍ରିଟ ଫାଳଫାଳ ହୋଇ ଫାଟି ଉଠି ଯାଉଛି। ସେହିପରି ରାସ୍ତାର ଯୋଡ ନିକଟରେ ମଧ୍ୟ ଗାଡ଼ିର ଚକା ମାଡ ହୋଇ ସିମେଣ୍ଟ କଙ୍କ୍ରିଟ ଖଣ୍ଡ ଉଠି ଯାଉଥିବା ଦେଖିବାକୁ ମିଳିଛି। ଏ ନେଇ ସମାଜସେବୀ ଅକ୍ଷୟ ଦାସ ବିଭାଗୀୟ ଏସଡିଓ ସୌଭାଗ୍ୟ ମହାପାତ୍ରଙ୍କ ସହିତ ହୋଇଥିବା ବାର୍ତ୍ତାଳାପ ଓ ରାସ୍ତାର ଫଟୋ ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେଉଥିବା ଜଣାପଡିଛି।

## ସ୍ନେହା ପ୍ରଧାନ ଆଇଜରରୁ ସମ୍ମାନିତ



କୁଜଙ୍ଗ,୨୭।୬(ସମିସ): କୁଜଙ୍ଗ ବ୍ଲକ ଫତେପୁର ଗ୍ରାମ ନିବାସୀ କବି ନବୀନ କୁମାର ପ୍ରଧାନ ଓ ଜ୍ୟୋସ୍ନାରାଣୀ ପ୍ରଧାନଙ୍କ ବଡ଼ ନାତୁଣୀ ସ୍ନେହା ପ୍ରଧାନ ଆଇଜର କୋଲକତାରୁ ଜୈବିକ ବିଜ୍ଞାନ ପାଠରେ ସ୍ନାକୋତ୍ତର ମାଷ୍ଟର୍ସ ଡିଗ୍ରୀରେ ଉଚ୍ଚମାନର ଫଳାଫଳ ହାସଲ ସହ ସମ୍ମାନିତ ହୋଇଛନ୍ତି। ଏକ ସ୍ୱତନ୍ତ୍ର ଉତ୍ସବରେ ଆଇଜର କୋଲକତାର ନିର୍ଦ୍ଦେଶକ ପ୍ରଫେସର ସୁନିଲ କୁମାର ଖରେ ଓ ଅନ୍ୟ ଅତିଥିମାନେ ତାଙ୍କୁ ସମ୍ମାନିତ କରିଥିବା ସୂଚନା ମିଳିଛି। ଭବିଷ୍ୟତରେ ଜଣେ ଜୀବବିଜ୍ଞାନୀ ହୋଇ ଉଚ୍ଚତର ଗବେଷଣା ସହ ଏହି କ୍ଷେତ୍ରରେ ସମର୍ପିତ ହୋଇ କାମ କରିବେ ବୋଲି ସ୍ନେହା ମତ ଦେଇଥିବା ବେଳେ ତାଙ୍କର ଏହି ସଫଳତା ପାଇଁ ପିତା ଜ୍ଞାନ ରଞ୍ଜନ ପ୍ରଧାନ, ମା’ ଦିପ୍ତିମୟୀ ପ୍ରଧାନ, ମାମୁ ନିତ୍ୟାଶିଷ ପ୍ରଧାନ ଓ ଦେବାଶିଷ ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇବା ସହ ସଫଳତା କାମନା କରିଛନ୍ତି।

## ମନୋରମା ନାୟକଙ୍କ ସ୍ମୃତିରେ ମେଧାବୃତ୍ତି ପ୍ରଦାନ



ଜଗତସିଂହପୁର,୨୭।୬(ସମିସ): କଲ୍ୟାଣ ଫାଉଣ୍ଡେସନ ତରଫରୁ ଏରସମା ବ୍ଲକର ପଏଦା ପଞ୍ଚାୟତର ହାଇସ୍କୁଲଗୁଡିକରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଜଣଙ୍କୁ ମନୋରମା ମେଧାବୃତ୍ତି ପ୍ରଦାନ କରାଯାଇଥାଏ। ଏହି କ୍ରମରେ ଚଳିତ ବର୍ଷ ସର୍ବାଧିକ ନମ୍ବର ରଖିଥିବା ଚମ୍ପେଶ୍ୱର ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନୀ ନାୟକଙ୍କୁ ପ୍ରଦାନ କରାଯାଇଛି। ଯାଜ୍ଞସେନୀ ନାୟକଙ୍କ ଘର କୃଷ୍ଣଚନ୍ଦ୍ର ପଞ୍ଚାୟତର ଭିରଙ୍ଗ ଗ୍ରାମରେ। ମନୋରମା ନାୟକଙ୍କ ୨ୟ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ପଣ୍ଡିତ ତପନ କୁମାର ଦାସ ଉପସ୍ଥିତ ରହି ମନୋରମା ମେଧାବୃତ୍ତି ପ୍ରଦାନ କରି ଥିଲେ। ଛାତ୍ରୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ମାନପତ୍ର ଓ ପାଞ୍ଚ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅଭୟ କୁମାର ସ୍ୱାଇଁ ମୁଖ୍ୟବକ୍ତା ଯୋଗ ଦେଇଥିଲେ। ମନୋରମା ନାୟକଙ୍କ ସ୍ୱାମୀ ତଥା ଅବସରପ୍ରାପ୍ତ ଶିକ୍ଷା ଅନୂନିରୀକ୍ଷକ ସୁରେନ୍ଦ୍ର ନାଥ ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନରେନ୍ଦ୍ର ନାଥ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଦିପ୍ତିରାଣୀ ପ୍ରଧାନ, ଦେବେନ୍ଦ୍ର ନାଥ ସ୍ୱାଇଁ, ଶୁଭ୍ରଜ୍ୟୋତି ମହାନ୍ତି, ନଟବର ମହାନ୍ତି, ବେଣୁଧର ପରିଡ଼ା, ସଂଗ୍ରାମ ନାୟକ, ତିଳୋତ୍ତମା ମହାନ୍ତି, ଶିକ୍ଷୟିତ୍ରୀ ସସ୍ମିନା କୁମାରୀ ଦାସ, ସିଦ୍ଧାର୍ଥ ନାୟକ, ଆଇନଜୀବୀ ଅଞ୍ଜନ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତରେ ଏକ ମଇଁଷି ମୃତ

ବାଲିକୁଦା,୨୭।୬(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ମରିଚପୁର ପଞ୍ଚାୟତର ଧନୁହର ବେଲାରୀ ଗ୍ରାମରେ ବଜ୍ରପାତରେ ଏକ ମଇଁଷିର ମୃତ୍ୟୁ ଘଟିଛି। ଶୁକ୍ରବାର ଅପରାହ୍ନରେ ଶଶିଙ୍କ ମଇଁଷି ପଲ ଗ୍ରାମ ନିକଟସ୍ଥ ଗହୀରରେ ଚରୁଥିଲେ। ଏହି ସମୟରେ ହଠାତ୍ ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ଗୋଟିଏ ମଇଁଷି ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଥିଲା। ସେତେବେଳେ ଶ୍ରୀ ଦାସ ମଇଁଷି ପଲକୁ ଘଉଡ଼ାଇ ନିକଟସ୍ଥ ଉଚ୍ଚ ବିଦ୍ୟାଳୟ ପାଖରେ ବର୍ଷା ଦାଉରୁ ସୁରକ୍ଷା ପାଇଁ ରହିଥିବା ବେଳେ ଏହି ଅଘଟଣ ଘଟିଥିଲା। ପଶୁପାଳନ ଉପରେ ନିର୍ଭରଶୀଳ ଶଶି ଦାସଙ୍କୁ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ରରେ ପଶିଯାଉଛି ବର୍ଷା ଜଳ

ବାଲିକୁଦା,୨୭।୬(ସମିସ): ବାଲିକୁଦା ବ୍ଲକ ଅନ୍ତର୍ଗତ ମାଛଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ଷା ଜଳ ପଶି ଯାଉଥିବାରୁ ଚିକିତ୍ସା ସେବା ବ୍ୟାହତ ହେଉଛି। ପ୍ରତିଦିନ ଚିକିତ୍ସା ପାଇଁ ଆସୁଥିବା ଶତାଧିକ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଏହାଦ୍ୱାରା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରର ବିଭିନ୍ନ କକ୍ଷରେ ବର୍ଷା ଜଳ ଜମି ରହୁଥିବାରୁ ରୋଗୀଙ୍କ ଯାତାୟତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଯାଉଛି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇପାରିନଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଓ ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ମେଡିକାଲ ଉପରେ ବାଲିକୁଦା ବ୍ଲକର ମାଛଗାଁ, ତରାସାହି, ଆମ୍ବଶାଳ, ଖାଲଗାଁ, ଅଢଙ୍ଗା, ନାଉଗାଁ ବ୍ଲକର ଡାବର, ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତର ଶତାଧିକ ରୋଗୀ ନିର୍ଭର କରିଥାନ୍ତି। ଏନେଇ ମାଛଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସ୍ୱସ୍ତିରଞ୍ଜନ ମହାପାତ୍ର କହିଛନ୍ତି, "ଅଧିକ ବର୍ଷା ହେଲେ ହସ୍ପିଟାଲ ପରିସରର ତଳିଆ ସ୍ଥାନରେ ପାଣି ଜମି ଭିତରକୁ ପ୍ରବେଶ କରିଥାଏ। ଏହି ସମସ୍ୟା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ବୈଷୟିକ ଅଧିକାରୀଙ୍କ ସହ ଆଲୋଚନା କରି ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନିଆଯିବ। ଏହାସହ ହସ୍ପିଟାଲ ପଛପଟେ ନୂତନ ମେଡିକାଲ ଭବନ ନିର୍ମାଣ କାର୍ଯ୍ୟ ଚାଲିଛି। ଏହା ସମ୍ପୂର୍ଣ୍ଣ ହେବା ପରେ ବର୍ତ୍ତମାନର ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ତେବେ ସ୍ୱାସ୍ଥ୍ୟ ସେବା ପରି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏଭଳି ମୌଳିକ ସମସ୍ୟା ବର୍ଷ ବର୍ଷ ଧରି ଅମିମାଂସିତ ରହିବା ଚିନ୍ତାର ବିଷୟ। ଆଗକୁ ବର୍ଷା ଋତୁକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ବିଭାଗ ଶୀଘ୍ର ସ୍ଥାୟୀ ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



## ଇଫ୍‌କୋରେ କୃଷକ ତାଲିମ କାର୍ଯ୍ୟକ୍ରମ

ପାରାଦୀପ,୨୭।୬(ସମିସ): ଇଫକୋ ପାରାଦୀପ ୟୁନିଟ୍ ପରିସରରେ ସ୍ୱର୍ଣ୍ଣଜୟନ୍ତୀ ସଭାଗୃହରେ ଏକ ଦିନିକିଆ କୃଷକ ତାଲିମ ଏବଂ ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ଏବଂ ମାର୍ଶାଘାଇ ବ୍ଲକର ପ୍ରାୟ ୭୫ ଜଣ ପ୍ରଗତିଶୀଳ ଚାଷୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପାରାଦୀପ କୋର୍ଡେଟର ପ୍ରଧାନଶିକ୍ଷକ କୁଳମଣି ମାଝୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ନିଶ୍ଚିନ୍ତକୋଇଲି ବ୍ଲକର କୃଷି ରପ୍ତାନିକାରୀ ଅରବିନ୍ଦ କୁମାର ସାହୁ, ଇଫକୋ ପାରାଦୀପର ପ୍ରଶାସନିକ ଅଧିକାରୀ ଜୟନ୍ତ ଜେନା, ଭୂତମୁଣ୍ଡଇ ଗ୍ରାମ ପଞ୍ଚାୟତର କୃଷିମିତ୍ର ଅରକ୍ଷିତା ସାହୁ, ଏବଂ ଇଫକୋ ପାରାଦୀପର ଜୈବ-ସାର କାରଖାନା ଅଧିକାରୀ ଆଭ୍ରୋ ଦେ ପ୍ରମୁଖ ଉପସ୍ଥିତ ଥିଲେ।

ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତ କରି, ବିଶିଷ୍ଟ ବ୍ୟକ୍ତିମାନେ ଆଧୁନିକ କୃଷି ପଦ୍ଧତି, ଉନ୍ନତ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେମାନେ ଫସଲ ଉତ୍ପାଦନ ବୃଦ୍ଧିରେ ନାନୋ ସାରର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ସାର କ୍ଷେତ୍ରକୁ ପ୍ରଭାବିତ କରୁଥିବା ବିଶ୍ୱସ୍ତରୀୟ ଅନିଶ୍ଚିତତା ପରିପ୍ରେକ୍ଷୀରେ ଦକ୍ଷ ପୁଷ୍ଟିକର ପରିଚାଳନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏକ ପାରସ୍ପରିକ ଆଲୋଚନା ଅଧିବେଶନ ଚାଷୀମାନଙ୍କୁ ବିଭିନ୍ନ କୃଷି ଚ୍ୟାଲେଞ୍ଜ ଉପରେ ଆଲୋଚନା କରିବା ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା, ବୈଜ୍ଞାନିକ ସାର ପ୍ରୟୋଗ ଏବଂ ଉନ୍ନତ ଫସଲ ଉତ୍ପାଦନ ପଦ୍ଧତି ଉପରେ ବିଶେଷଜ୍ଞ ମାର୍ଗଦର୍ଶନ ପାଇବାର ସୁଯୋଗ ପ୍ରଦାନ କରିଥିଲା। କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ପରିବେଶ ଅନୁକୂଳ ଏବଂ ସ୍ଥାୟୀ କୃଷି ଇନପୁଟ୍ ଗ୍ରହଣକୁ ଉତ୍ସାହିତ କରିବା ପାଇଁ ଅଂଶଗ୍ରହଣକାରୀ ଚାଷୀମାନଙ୍କ ମଧ୍ୟରେ ଜୈବ-ସାର ତରଳ କନସୋର୍ଟିଆ ବଣ୍ଟନ କରାଯାଇଥିଲା। କୃଷକ ସମ୍ପ୍ରଦାୟର ଲାଭ ପାଇଁ ଏପରି ଅଧିକ କ୍ଷମତା-ନିର୍ମାଣ ପଦକ୍ଷେପ ଆୟୋଜନ କରିବା ପାଇଁ ଧନ୍ୟବାଦ ପ୍ରସ୍ତାବ ଏବଂ ପୁନଃପ୍ରତିବଦ୍ଧତା ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।



## ଓଜେସି ରାଜ୍ୟ ସମ୍ପାଦକ ହେଲେ ତପନ

ଜଗତସିଂହପୁର,୨୭।୬(ସମିସ): ଜଗତସିଂହପୁର ଓଡିଶା ଜନତା କଂଗ୍ରେସ ପକ୍ଷରୁ ସଂଗଠନକୁ ମଜଭୁତ କରିବା ନିମନ୍ତେ ନୂତନ ରାଜ୍ୟ କମିଟି ଘୋଷଣା କରାଯାଇଛି।



ଏହି କମିଟିରେ ଜଗତସିଂହପୁର ଅଞ୍ଚଳର ଜଣେ ଜଣାଶୁଣା ଯୁବନେତା ତଥା ସାମ୍ବାଦିକ ତପନ କୁମାର ରାଉତରାୟଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ଦଳର ଏହି ନିଷ୍ପତ୍ତିକୁ ସଂଗଠନକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଦଳୀୟ ମହଲରେ ମତପ୍ରକାଶ ପାଇଛି। ତପନ କୁମାର ରାଉତରାୟ ଦୀର୍ଘ ଦିନ ଧରି ସଂଗଠନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରି ଆସୁଥିଲେ ଓ ତାଙ୍କର ସାଂଗଠନିକ ଦକ୍ଷତା ଏବଂ ଦଳ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ବିଚାର କରି ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ରାଉତରାୟ ଦଳର ସୁପ୍ରିମୋ ମହମ୍ମଦ ମୋକିମଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି।

## ପାରାଦୀପରେ ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ



ପାରାଦୀପ,୨୭।୬(ସମିସ): ଅନ୍ତର୍ଜାତୀୟ ଏମ୍‌ଏସ୍‌ଏମ୍‌ଇ ଦିବସ ୨୦୨୬ ଅବସରରେ ଶନିବାର ପାରାଦୀପ ଇଫକୋ ଅଡ଼ିଟୋରିୟମ ଠାରେ ୱାର୍ଲ୍ଡ ଟ୍ରେଡ୍ ସେଣ୍ଟର୍ (ଡବ୍ଲୁଟିସି) ଏବଂ ନେସନାଲ୍ ସ୍ମଲ୍ ଇଣ୍ଡଷ୍ଟ୍ରିଜ୍ କର୍ପୋରେସନ୍ (ଏନଏସଆଇସି)ର ମିଳିତ ଆନୁକୂଲ୍ୟରେ ଏମ୍‌ଏସ୍‌ଏମ୍‌ଇ ଟିମ୍‌ର ବାଣିଜ୍ୟ ସକ୍ଷମତା ଏବଂ ମାର୍କେଟିଂ ପଦକ୍ଷେପକୁ ନେଇ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଓଡିଶା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ‘ଦି ଫ୍ୟୁଚର୍ ଜେନେରେସନ୍ ଅଫ୍ ଏମ୍‌ଏସ୍‌ଏମ୍‌ଇ’ ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ପିକେ ମହାପାତ୍ର, ଜଗତସିଂହପୁର ଡିଆଇସି ଜିଏମ ମନୋରଞ୍ଜନ ବିଶୋଇ, ଏନଏସଆଇସି ଜିଏମ ମନୋଜ ମୋହନ ସିହ୍ନା ଓ ଡେପୁଟି ଜିଏମ କମଳ ଲୋଚନ ନାୟକ, ଡବ୍ଲୁଟିସି ଭୁବନେଶ୍ୱର ଶାଖା ଅଧକ୍ଷା ଡ.ରୀନା ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଡବ୍ଲୁଟିସି ଆଞ୍ଚଳିକ ନିର୍ଦ୍ଦେଶିକା ଏ. ରାଜ୍ୟଲକ୍ଷ୍ମୀ ଉଦଯାପନୀ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ଶେଷରେ ଏନଏସଆଇସି ଡିଜିଏମ ସୁଜିତ କୁମାର ଶାହା ଧନ୍ୟବାଦ ଅର୍ପଣ କରିଥିଲେ।

## କଣ୍ଠଶିଳ୍ପୀ ଅଦ୍ୱୈତ ପାତ୍ର ସମ୍ମାନିତ

ଜଗତସିଂହପୁର,୨୭।୬(ସମିସ): ବାର ବର୍ଷ ବିଶ୍ୱାସର, ବିକାଶ ଏବଂ ଜନକଲ୍ୟାଣର କାର୍ଯ୍ୟକ୍ରମରେ ସାଂସଦ ବିଭୁ ପ୍ରସାଦ ତରାଇ ଜଗତସିଂହପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଳାଷୋଳ ମଣ୍ଡଳର ଅବସରପ୍ରାପ୍ତ ଶିକ୍ଷକ ତଥା ବୟୋଜ୍ୟେଷ୍ଠ କଣ୍ଠଶିଳ୍ପୀ ଅଦ୍ୱୈତ ଚରଣ ପାତ୍ରଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତ। ଶ୍ରୀ ପାତ୍ର ଭଜନ ସମ୍ରାଟ ଭିକାରୀ ବଳଙ୍କ ଠାରୁ ସଙ୍ଗୀତ ଶିକ୍ଷା କରିବା ପରେ କଟକ ଆକାଶବାଣୀ କେନ୍ଦ୍ରରେ ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଭାବେ ଅନେକ ଗୀତ ପରିବେଷଣ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର, ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ନଗର ମଣ୍ଡଳ ସଭାପତି ରାଜେନ୍ଦ୍ର ବିଶୋଇ, ଜିଲ୍ଲା ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ଜିଲ୍ଲା ସୋସିଆଲ ମିଡିଆ ସମ୍ପାଦକ ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ସାଂସଦଙ୍କ ପ୍ରତିନିଧି ଶିଶିର ପାତ୍ର, ପଳାଶୋଳ ମଣ୍ଡଳ ସଭାପତି ତ୍ରିଲୋକୀନାଥ ପଣ୍ଡା, ମଣ୍ଡଳ ମହିଳା ମୋର୍ଚ୍ଚା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ଏବଂ ତାପସି ମଲ୍ଲିକ ପ୍ରମୁଖ ଯୋଗଦେଇ ପଳାଶୋଳ ଅଟଳ ବଳଦେବଜୀଉ ମନ୍ଦିର ପରିଦର୍ଶନ କରିବା ସହ ମନ୍ଦିର ପାଶ୍ୱର୍ରେ ବୃକ୍ଷରୋପଣ କରିଥିଲେ। ପରର ଗ୍ରାମର ଯୁବ ଉଦ୍ୟୋଗୀ ଅକ୍ଷୟ କୁମାର ମହାନ୍ତିଙ୍କୁ ତାଙ୍କ ବାସଭବନରେ ସମ୍ମାନିତ କରାଯାଇଥିଲା।



## ବ୍ଲକସ୍ତରୀୟ ‘ବିକାଶ ଧାରା ଓଡ଼ିଶା ସାରା’ କାର୍ଯ୍ୟକ୍ରମ

ଜଗତସିଂହପୁର,୨୭।୬(ସମିସ): ରାଜ୍ୟ ସରକାରଙ୍କ ଦ୍ୱିତୀୟ ବାର୍ଷିକ ପୂର୍ତ୍ତି ଅବସରରେ ଜଗତସିଂହପୁର ବ୍ଲକସ୍ତରୀୟ ‘ବିକାଶ ଧାରା ଓଡିଶା ସାରା’ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା କନକ ପ୍ରଭା ଲେଙ୍କା, ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର, ଏବିଡିଓ ସୁନୀଲ ରାଉତରାୟ, ସିଡିପିଓ ଧନେଶ୍ୱରୀ ନାୟକ, ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ମନୋରଞ୍ଜନ ବିଶ୍ୱାଳ, ଜିଲ୍ଲା ନିଯୁକ୍ତି ନିୟୋଜିତ ଅଧିକାରୀ ଅଜିତ କୁମାର ଉତ୍ତରାୟ, ଓରମାସ ଡେପୁଟି ସିଇଓ ମଧୁସ୍ମିତା ସାହୁ, ମିଶନଶକ୍ତି ବିପିସି କାର୍ତ୍ତିକ ସ୍ୱାଇଁ ଯୋଗ ଦେଇଥିଲେ। ଉକ୍ତ ସଭାକାର୍ଯ୍ୟରେ ଜଗତସିଂହପୁର ବିଡିଓ ଆଶୁତୋଷ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଓଡ଼ିଶା ଜୀବିକା ମିଶନ ବିପିଏମ ପ୍ରତାପ ରୁଦ୍ର ନନ୍ଦ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଜଗତସିଂହପୁର ବିଧାୟକ ଶ୍ରୀ ଦାସ ଏହି ଅବସରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜଗତସିଂହପୁରରେ ନିପୁରରେ ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ ପାଇଁ ଜମି ଅଧିଗ୍ରହଣ ପାଇଁ ପ୍ରଶାସନିକ ସ୍ତରରେ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛ। ଦେବିଦୋଳ ଠାରେ ଦେବୀ ନଦୀରେ ୪୫୦ କୋଟି ଟଙ୍କାରେ ବ୍ୟାରେଜ ହେବାକୁ ଯାଉଛି ବୋଲି କହିଥିଲେ। ଏହା ପରେ ମୁଖ୍ୟଅତିଥିଙ୍କ ଦ୍ୱାରା ଅନ୍ତ୍ୟୋଦୟ ଗୃହ ଯୋଜନାରେ ୪୫ ଜଣ ହିତାଧିକାରୀଙ୍କୁ ଗୃହ କରିବା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏବଂ ୧୦ ଜଣ ମହିଳାଙ୍କୁ ଉଜ୍ଜ୍ୱଳା ଗ୍ୟାସ, ମିଶନ ଶକ୍ତି ଲକ୍ଷପତି ଯୋଜନାରେ ୫୨ ଜଣଙ୍କୁ ୧ ଲକ୍ଷ ଟଙ୍କାର ଚେକ ପ୍ରଦାନ, ବ୍ଲକ, ପୌରାଞ୍ଚଳର ସମସ୍ତ ଅଙ୍ଗନବାଡି ଦିଦି ୨୮୬ ଜଣଙ୍କୁ ସ୍ମାର୍ଟ ଫୋନ୍, ଏସିଏସଟି ବର୍ଗ ୧୦ ଜଣ କଳାକାରଙ୍କୁ ସାମ୍ମାନିତ ଏବଂ ୪ ଜଣ ହିତାଧିକାରୀଙ୍କୁ ଅନ୍ନପୂର୍ଣ୍ଣା କାର୍ଡ ପ୍ରଦାନ କରିଥିଲେ।



## ମହିଳାଙ୍କୁ ମୋ ଖତ ଦେଉଛି ରୋଜଗାର

ପାରାଦୀପ,୨୭।୬(ସମିସ)

ପାରାଦୀପ ମ୍ୟୁନିସିପାଲିଟି ଅଞ୍ଚଳରେ ମହିଳାଙ୍କୁ ମୋ ଖତ ଦେଉଛି ରୋଜଗାର। ସକାଳ ହେଲେ ଏହି ମହିଳା ସ୍ୱଚ୍ଛ ସାଥୀ ମାନେ ପାରାଦୀପ ମ୍ୟୁନିସପାଲିଟିର ବିଭିନ୍ନ ୱାର୍ଡ ବୁଲି ସଂଗ୍ରହ କରନ୍ତି ଓଦା ଏବଂ ଶୁଖିଲା ଅଳିଆ। ଏହି ଅଳିଆ ଗୁଡ଼ିକୁ ନେଇ ମ୍ୟୁନିସପାଲିଟି ଦ୍ୱାରା କରାଯାଇଥିବା ଗାର୍ବେଜ୍ ସେଣ୍ଟରରେ ଏହି ଅଳିଆ ଗୁଡିକୁ ନେଇ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କୁ ଦେଇଥାନ୍ତି। ଏହା ପରେ ପ୍ରକ୍ରିୟା କରଣ କରାଯାଇ ଓଦା ଏବଂ ଶୁଖିଲା ଅଳିଆକୁ ଅଲଗା ଅଲଗା କରାଯାଏ। ଏହା ପରେ ଓଦା ଆଳିଆରୁ ଖତ ପ୍ରସ୍ତୁତ ହେଉଥିବା ବେଳେ ଶୁଖିଲା ଅଳିଆକୁ ଜିଲ୍ଲା ବାହାରକୁ ପଠାଯାଏ। ଖତ ପ୍ରସ୍ତୁତ କରିବା ପାଇଁ ପାଖାପଖି ପନ୍ଦର ଦିନ ସମୟ ଲାଗେ। ବିଭିନ୍ନ ପ୍ରକ୍ରିୟାରେ ଏହି ଖତ ପ୍ରସ୍ତୁତ କରାଯାଏ। ଖବର ସଂଗ୍ରହରୁ ଜଣାପଡିଛି ଯେ ସ୍ୱଚ୍ଛ ସାଥୀ ମାନେ ବିଭିନ୍ନ ୱାର୍ଡ ବୁଲି ଓଦା ଅଳିଆ ଯଥା ବିଭିନ୍ନ ପ୍ରକାରର ପରିବା ଚୋପା, ବଳି ପଡ଼ିଥିବା ଖାଦ୍ୟ ଆଣି ଗର୍ବେଜ୍ ସେଣ୍ଟର୍‌ରେ ଦିଅନ୍ତି। ଏହି ସବୁ ଓଦା ଅଳିଆକୁ ଏକାଠି କରି ଗୋଟେ ଟାଙ୍କି ମଧ୍ୟରେ ଗୁଡ, ଦହି ଆଉ କେମିକାଲ ଦିଆଯାଇ ଭିଜିବାର ୧୫ ଦିନ ପରେ ଏଥିରୁ ମୋ ଖତ ବାହାରେ। ଏଇ ଖତ ଗୁଡ଼ିକୁ ସ୍ୱୟଂ ସହାୟତା ମହିଳା ମାନେ ନେଇ ବିଭିନ୍ନ ୱାର୍ଡରେ ବିକ୍ରି କରିଥାନ୍ତି। ଏହା ସହ ବିଭିନ୍ନ ସରକାରୀ ଅନୁଷ୍ଠାନ ମାନେ ମୋ ଖତକୁ ନେଇ ସେମାନେ ବ୍ୟବହାର କରିଥାନ୍ତି। ୫ଠାରୁ ଆରମ୍ଭ କରି ୨୫ କେଜି ଯାଏ ଏହି ଖତ ବିକ୍ରି ହୋଇଥାଏ।



ଏଇ ଖତକୁ ବହୁଳ ବ୍ୟବହାର ହେବା ଦ୍ୱାରା ଏସ୍‌ଏଜି ମହିଳା ମାନେ ଦୁଇପଇସା ରୋଜଗାର କରି ପାରୁଛନ୍ତି। ଖାଲି ସେତିକି ନୁହେଁ ଏହି ସେଣ୍ଟରରେ କାର୍ଯ୍ୟ କରି ମହିଳା ମାନେ ରୋଜଗାରକ୍ଷମ କରିବା ସହ ନିଜ ପରିବାର ଚଳାଉଛନ୍ତି। ସକାଳ ହେଲେ ପାରାଦୀପର ବିଭିନ୍ନ ୱାର୍ଡ ବୁଲି ବିଭିନ୍ନ ପ୍ରକାର ଅଳିଆ ସଂଗ୍ରହ କରନ୍ତି ସକାଳ ୧୦ଟା ହେଲେ ଗାର୍ବେଜ ପଏଣ୍ଟରେ ସେମାନେ ଅଳିଆ ଦେଇଥାନ୍ତି। ଏହି ଅଳିଆରୁ ପ୍ରସ୍ତୁତ ହୁଏ ମୋ ଖତ। ପ୍ରତି ଶନିବାର ସ୍ୱଚ୍ଛ ସାଥୀମାନେ ଇ-ଗାର୍ବେଜ ସଂଗ୍ରହ କରି ଏମ୍‌ସିସି ପଏଣ୍ଟରେ ଦେଇଥାନ୍ତି। ଏହା ସହ ପାରାଦୀପ ମ୍ୟୁନିସପାଲିଟି ଏହି ଖତ ଗୁଡ଼ିକ କିପରିଭାବେ ସୁଲଭ ଦରରେ ସାଧାରଣ ଲୋକ ମାନେ କିଣି ପାରିବେ ତା’ ଉପରେ ମଧ୍ୟ ଲକ୍ଷ୍ୟ ରଖିଥାନ୍ତି।

# ଶିକ୍ଷକଙ୍କ ପରଲୋକ

କାମାକ୍ଷାନଗର,୨୭ ।୬(ସମିସ): କଙ୍କଡ଼ାହାଡ଼ ବ୍ଲକ ଦଶୀପୁର ପଞ୍ଚାୟତ ଦଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ଲୋକନାଥ ପଲେଇ (୫୨) ଙ୍କର ଶନିବାର ଘାଗରାମୁଣ୍ଡା ପଞ୍ଚାୟତ ଭେଜିଆ ଗ୍ରାମସ୍ଥିତ ପୈତୃକ ବାସଭବନରେ ପରଲୋକ ଘଟିଛି। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପଲେଇ ୨୦୦୮ରୁ ଏହି ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସେ ଜଣେ ଛାତ୍ରବତ୍ସଳ, ସମୟାନୁବର୍ତ୍ତୀ ଓ ଆଦର୍ଶ ଶିକ୍ଷକ ଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ପଲେଇଙ୍କ ପରିବାରରେ ତାଙ୍କ ପତ୍ନୀ, ସପ୍ତମ ଶ୍ରେଣୀରେ ପଢୁଥିବା ଦୁଇ ନାବାଳକ ପୁଅ ଓ ପଞ୍ଚମ ଶ୍ରେଣୀରେ ପଢୁଥିବା ଝିଅ ଅଛନ୍ତି। ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କ ବିୟୋଗରେ ପରିବାର ଲୋକେ ଅସହାୟ ହୋଇ ପଡ଼ିଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ନବକିଶୋର ସାହୁ, ଦଶୀପୁର ସରପଞ୍ଚ ସୁଧୀର ପାଲ, ଘାଗରାମୁଣ୍ଡା ସରପଞ୍ଚ ରଞ୍ଜିତା ନାଏକ, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ଦଶୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ସିଂହ ଶୋକବ୍ୟକ୍ତ କରିଛନ୍ତି।



# ମାଙ୍କଡ଼ ଆକ୍ରମଣରେ ୬ ଆହତ

ଢେଙ୍କାନାଳ,୨୭ ।୬(ସମିସ): ସଦର ବ୍ଲକ ଭାପୁର ଗ୍ରାମରେ ହନୁମାଙ୍କଡ଼ ଆକ୍ରମଣରେ ୬ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଭାପୁର ଗ୍ରାମରେ ଏକ ହନୁମାଙ୍କଡ଼ ପାଗଳ ହୋଇ ୬ରୁ ଊର୍ଦ୍ଧ୍ୱ ମହିଳା, ଶିଶୁ ତଥା ବୟସ୍କ ବ୍ୟକ୍ତିଙ୍କୁ ଆକ୍ରମଣ କରିଛି। ଭାପୁର ଅଞ୍ଚଳ ନୂଆସାହି, ଗୋଡ଼ିସାହି, ଶବରସାହି, ବ୍ରାହ୍ମଣସାହି, ଭାପୁର ଗ୍ରାମରେ ଆଜିକୁ ପ୍ରାୟ ୪ଦିନ ଧରି ମାଙ୍କଡ଼ ଉପଦ୍ରବ କରିବା ସହ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ଉପରକୁ ଝାମ୍ପିପଡୁଛି। ମାଙ୍କଡ଼ ଆକ୍ରମଣରେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନରେଶ ଭୋଇଙ୍କ ପୁଅ ଜଗଦୀଶ ଭୋଇ (୧୨), ପ୍ରହଲ୍ଲାଦ ମହାରଣା (୬୨), ତପନ କୁମାର ପଣ୍ଡା (୪୩), ବିଜୁ ମୁଦୁଲି (୩୫), ଅପର୍ଣ୍ଣା ପଣ୍ଡା (୪୫) ପ୍ରମୁଖ ଆହତ ହୋଇ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏ ନେଇ ଭାପୁର ଗ୍ରାମର ସାମ୍ବାଦିକ ମହେଶ୍ୱର ସାହୁ ବନବିଭାଗକୁ ଫୋନ୍ ଯୋଗେ ଅବଗତ କରିବା ପରେ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ମାଙ୍କଡ଼କୁ ଧରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ଏ ନେଇ କପିଳାସର ଟ୍ରାଙ୍କୁଲାଇଜର ଟିମ୍‌କୁ ଅବଗତ କରାଯାଇଛି। ଟ୍ରାଙ୍କୁଲାଇଜର ଟିମ ଆସି ମାଙ୍କଡ଼କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି।

# ଗଡ଼ା ପୋଲ ନିର୍ମାଣରେ ବିଳମ୍ବକୁ ନେଇ ଅସନ୍ତୋଷ



ପରଜଙ୍ଗ,୨୭ ।୬(ସମିସ): କାମାକ୍ଷାନଗର ଥାନା ସିଆରିମାଳିଆ ଓ ଜୟପୁରାକାଟେଣୀକୁ ସଂଯୋଗ କରୁଥିବା ଗଡ଼ା ପୋଲ ପ୍ରଶସ୍ତୀକରଣ କାମ ଆରମ୍ଭ ହୋଇଥିଲେ ମଧ୍ୟ କାର୍ଯ୍ୟ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ପୋଲର ସୁରକ୍ଷା ବାଡ଼ ଭାଙ୍ଗି ଦିଆଯାଇଥିବା ବେଳେ କାମ ମନ୍ଥର ଗତିରେ ଚାଲୁଥିବାରୁ ଦୁର୍ଘଟଣା ଆଶଙ୍କା ବଢ଼ିଯାଇଛି। ବିଶେଷକରି ସୁରକ୍ଷା ବାଡ଼ ନ ଥିବାରୁ ରାତିରେ ଦୁର୍ଘଟଣା ଘଟିବା ଆଶଙ୍କା ବଢ଼ିଯାଇଛି। ସ୍କୁଲ ଛାତ୍ରଛାତ୍ରୀ, ଚାଷୀ ଓ ଯାତ୍ରୀମାନେ ମଧ୍ୟ ଏହାକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ତୁରନ୍ତ ପୋଲ କାମ ଶେଷ କରି ସୁରକ୍ଷା ସୁନିଶ୍ଚିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ସିଏଚଓଙ୍କ ପରଲୋକ

ଭୁବନ,୨୭ ।୬(ସମିସ): ଅଁଳାବେରେଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବଙ୍କୁଆଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର କମ୍ୟୁନିଟି ହେଲଥ ଅଫିସର (ସିଏଚ୍‌ଓ) ସୋନାଲି ସେଠିଙ୍କ ପରଲୋକ ହୋଇଛି। କିଛିଦିନ ଧରି ସେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଥିଲେ। ବୁଧବାର ତାଙ୍କ ଦେହାନ୍ତ ହୋଇଛି। ସେ ଜଣେ କର୍ତ୍ତବ୍ୟନିଷ୍ଠ ସ୍ୱାସ୍ଥ୍ୟକର୍ମୀ ଭାବେ ପରିଚିତ ଥିଲେ। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଶିକ୍ଷକ ନ ଥିବାରୁ ବିଦ୍ୟାଳୟରେ ଝୁଲୁଛି ତାଲା

ଗଁଦିଆ,୨୭ ।୬(ସମିସ)




ଗ୍ରୀଷ୍ମଛୁଟି ଖୋଲିବାର ୯ ଦିନ ପରେ ମଧ୍ୟ ଗଁଦିଆ ବ୍ଲକ୍ ବଣିଆପଡ଼ା ଅନନ୍ତେଶ୍ୱରୀ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ତାଲା ଝୁଲୁଛି। ଏହି ବିଦ୍ୟାଳୟରେ ଜଣେ ହେଲେ ବି ଶିକ୍ଷକ ନାହାନ୍ତି। ଫଳରେ ପ୍ରତିଦିନ ପିଲାମାନେ ସ୍କୁଲ୍ ଯାଇ ନିରାଶରେ ଫେରୁଛନ୍ତି। ସରକାର ଶିକ୍ଷାର ଉନ୍ନତି ପାଇଁ ମାଗଣା ପାଠ୍ୟପୁସ୍ତକ ସାଙ୍ଗକୁ ମଧ୍ୟାହ୍ନଭୋଜନ, ୟୁନିଫର୍ମ, ଜୋତା ଆଦି ଯୋଗାଇ ଦେଉଛନ୍ତି। ନିକଟରେ ରାଜ୍ୟ ସରକାର ଦୁଇବର୍ଷ ପୂର୍ତ୍ତି ପାଳନ ଅବସରରେ କେଜିଠୁ ପିଜି ମାଗଣା ଶିକ୍ଷା ବ୍ୟବସ୍ଥା ମଧ୍ୟ ଘୋଷଣା କରିଛନ୍ତି। ମାତ୍ର ବଣିଆପଡ଼ା ଅନନ୍ତେଶ୍ୱରୀ ବିଦ୍ୟାଳୟର ଚିତ୍ର ସରକାରଙ୍କ ଶିକ୍ଷା ବ୍ୟବସ୍ଥାକୁ ପଦାରେ ପକାଇଦେଇଛି। ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ମାତ୍ର ଶିକ୍ଷକ ଲଳିତ କିଶୋର ପଣ୍ଡା ଗତ ୩୦ ତାରିଖ ଅବସର ଗ୍ରହଣ କରିଛନ୍ତି। ପରେ ନୂତନ ଶିକ୍ଷକ ନିଯୁକ୍ତ କରାଯାଇ ନ ଥିବାରୁ ଏହି ସ୍କୁଲ ଶିକ୍ଷକଶୂନ୍ୟ ହୋଇପଡ଼ିଛି। ଫଳରେ ପିଲାଙ୍କ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପିଲାମାନଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇଯାଇଛି।

ଅନନ୍ତେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରକାରଙ୍କ ଅନୁଦାନପ୍ରାପ୍ତ ବିଦ୍ୟାଳୟ। ଏଠାରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ରହିଛି। ଚଳିତ ଶିକ୍ଷାବର୍ଷରେ ଏହି ଦୁଇ ଶ୍ରେଣୀରେ ୪୭ ଛାତ୍ରଛାତ୍ରୀ ରହିଛନ୍ତି। କିନ୍ତୁ ଶିକ୍ଷକ ନ ଥିବାରୁ ପାଠପଢ଼ା ହୋଇପାରୁନାହିଁ। ୧୮ ତାରିଖରୁ ସମସ୍ତ ସରକାରୀ ବିଦ୍ୟାଳୟ ଖୋଲି ପାଠପଢ଼ା ଚାଲିଛି। ମାତ୍ର ଅନନ୍ତେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତାରେ ରହିଛନ୍ତି। ନୂଆ ଶିକ୍ଷକ ଆସିବେ କି ନାହିଁ ସେ ନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ପିଲାମାନେ ପାଠପଢ଼ାରେ ବହୁତ ପଛରେ ପଡ଼ିଯାଇଥିବା ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି।

ଗ୍ରାମରେ ଏ ନେଇ ବୈଠକ ବସିଛି। ବିଇଓଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଅନ୍ୟପକ୍ଷରେ ଉକ୍ତ ବିଦ୍ୟାଳୟକୁ ବଣିଆପଡ଼ା ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରାଯିବ ବୋଲି ମଧ୍ୟ ଶୁଣିବାକୁ ମିଳୁଛି। ତେବେ ଆଲୋଚନା ପରେ ଯାହା ପଦକ୍ଷେପ ଗ୍ରହଣ କରାଯିବ ବୋଲି ଗ୍ରାମର ବାସିନ୍ଦା ତଥା ପୂର୍ବତନ ଗଁଦିଆ ବ୍ଲକ୍ ଅଧ୍ୟକ୍ଷ ମଳୟ ସିଂ କହିଛନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତ କରି ପାଠପଢ଼ା ସ୍ୱାଭାବିକ କରାଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର କହିଛନ୍ତି, ବିଦ୍ୟାଳୟ ଖୋଲୁ ନ ଥିବା କିମ୍ବା ଆଦୌ ଶିକ୍ଷକ ନ ଥିବା ସମ୍ପର୍କରେ ବିଇଓଙ୍କ ତରଫରୁ ସୂଚନା ମିଳିନାହିଁ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଖୁବ୍‌ଶୀଘ୍ର ଏହା ଉପରେ ଦୃଷ୍ଟି ଦିଆଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ରାଜପଥ ମରାମତି, ବିଦ୍ୟୁତ ଖୁଣ୍ଟ ହଟାଇବାକୁ ଦାବି

ହିନ୍ଦୋଳ,୨୭ ।୬(ସମିସ): ହିନ୍ଦୋଳ ନିର୍ବାଚନମଣ୍ଡଳୀ ଓଡ଼ାପଡ଼ା ବ୍ଲକ ଛକ ଠାରୁ ବଳରାମପ୍ରସାଦ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ୫୫ ନଂ ଜାତୀୟ ରାଜପଥଟି ମରଣଯନ୍ତା ପାଲଟିଥିବା ବେଳେ ସେହି ରାସ୍ତାର ସର୍ଭିସ୍ ରୋଡରେ ଥିବା ବିଦ୍ୟୁତ ଖୁଣ୍ଟ ହଟାଇବା ପାଇଁ ବାରମ୍ବାର ଦାବି ହେଉଥିବା ବେଳେ ଜାତୀୟରାଜପଥ ଓ ବିଦ୍ୟୁତ ବିଭାଗର ଅଧିକାରୀ ମାନେ ଚୁପ୍ ରହିବା ରାଜପଥ ତଥା ସ୍ଥାନୀୟ ବାସିନ୍ଦା ମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବଜାର ଘାଟ ସାହି ବସ୍ତି ଅଞ୍ଚଳରେ ଜନସାଧାରଣ ଜାତୀୟ ରାଜପଥରେ ଯିବା ଆସିବା ନକରି ସର୍ଭିସ୍ ରୋଡରେ ଯିବା ଆସିବା କରିବାପାଇଁ ସର୍ଭିସ୍ ରୋଡ ତିଆରି କରାଯାଇଥାଏ। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ସର୍ଭିସ୍ ରୋଡ ଅସମ୍ପୂର୍ଣ୍ଣ ଯୋଗୁଁ ଲୋକମାନେ ଜାତୀୟ ରାଜପଥରେ ଯିବା ଆସିବା କରିବା ସହିତ ରାସ୍ତା ପାର କରିବା ବେଳେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଥାଏ। ୫୫ନଂ ଜାତୀୟ ରାଜପଥ ଓଡ଼ାପଡ଼ା ବ୍ଲକ ଛକ ଠାରୁ ବଳରାମପ୍ରସାଦ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଉତର ଭାଗରେ ଥିବା ରାସ୍ତାରର ପ୍ରାୟ ଦୁଇ କିଲୋମିଟର ରାସ୍ତା ମରଣଯନ୍ତା ପାଲଟିଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥ ଉତର ଭାଗରେ ଥିବା ରାସ୍ତାଟି ତ୍ରୁଟିପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଯୋଗୁଁ ରାସ୍ତାଟି ଦବିଯାଇ ଢେଉ ସୃଷ୍ଟି କରିଛି। ଯାହା ଫଳରେ ସେହି ରାସ୍ତା ଦେଇ ଯିବା ଆସିବା କରୁଥିବା ବାଇକ୍ ଆରୋହି ମାନେ ଦୁର୍ଘଟଣାର ଶିକାର ହେଉଥିବା ଦେଖିବାକୁ ମିଳିଥାଏ। ଦୀର୍ଘବର୍ଷରୁ ସେହି ରାସ୍ତାର ସର୍ଭିସ୍ ରୋଡ୍‌ରେ ବିଦ୍ୟୁତ ଖୁଣ୍ଟ ରହିଥିବାରୁ ବିପଦସଙ୍କୁଳ ଭାବେ ଯାତ୍ରୀ ଯାତାୟାତ କରିବା ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ସମ୍ପର୍କରେ ରାଜପଥ ଓ ବିଦ୍ୟୁତ ବିଭାଗର ଅଧିକାରୀ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ ସେହି ରାସ୍ତା ମରାମତି କରିବା ସହ ସର୍ଭିସ୍ ରୋଡରୁ ବିଦ୍ୟୁତ ଖୁଣ୍ଟ ଉଠାଇବା ପାଇଁ ଦାବି ହେଉଛି। ଅନ୍ୟଥା ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।



# ବାଲ୍ୟ ବିବାହ ନିରୋଧ ସଚେତନତା ବୋର୍ଡ ସ୍ଥାପନ

କଙ୍କଡ଼ାହାଡ଼,୨୭ ।୬(ସମିସ): ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ ବିଭିନ୍ନ ଗ୍ରାମ ମନ୍ଦିର ପ୍ରାଙ୍ଗଣରେ ବାଲ୍ୟ ବିବାହ ନିରୋଧ ସମ୍ପର୍କିତ ସଚେତନତାମୂଳକ ବୋର୍ଡ ସ୍ଥାପନ କରାଯାଇଛି। ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ସମ୍ପୃକ୍ତ ମନ୍ଦିରଗୁଡ଼ିକର ପୂଜାରୀ ଓ ଗ୍ରାମବାସୀଙ୍କ ଉପସ୍ଥିତିରେ ବୋର୍ଡଗୁଡ଼ିକ ସ୍ଥାପନ କରାଯାଇଛି। ବୋର୍ଡଗୁଡ଼ିକରେ ବାଲ୍ୟ ବିବାହର କୁପ୍ରଭାବ, ଆଇନଗତ ବ୍ୟବସ୍ଥା ଏବଂ ଶିଶୁଙ୍କ ଅଧିକାର ସମ୍ପର୍କିତ ବାର୍ତ୍ତା ପ୍ରଦର୍ଶିତ ହୋଇଛି। ଏହା ଦ୍ୱାରା ବାଲ୍ୟ ବିବାହ ପ୍ରତି ସଚେତନତା ବୃଦ୍ଧି ପାଇବା ସହିତ ମନ୍ଦିର ପରିସରରେ ବାଲ୍ୟ ବିବାହ ଆୟୋଜନକୁ ନିରୁତ୍ସାହିତ କରାଯାଇପାରିବ ବୋଲି ଆଶାବ୍ୟକ୍ତ କରାଯାଇଛି।

# ଗାଁ ଝିଅରୁ ରାଜ୍ୟର ଶ୍ରେଷ୍ଠ ଅଭିନେତ୍ରୀ

ଗଁଦିଆ,୨୭ ।୬(ସମିସ): ଗଁଦିଆ ବ୍ଲକ ଅନ୍ତର୍ଗତ ବେଗା ପଞ୍ଚାୟତ ବୈଦ୍ୟକାଟେଣୀ ଗ୍ରାମର ପ୍ରଫୁଲ୍ଲ ମଲିକଙ୍କ ଝିଅ ସୋନା ମଲିକ ଓଡ଼ିଆ ଚଳଚ୍ଚିତ୍ର ଆଭାରେ ନିଜ ଜୀବନ୍ତ ଓ ହୃଦୟସ୍ପର୍ଶୀ ଅଭିନୟ ପାଇଁ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ଲାଭ କରିବା ସହ ସମଗ୍ର ଢେଙ୍କାନାଳ ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି। ଏହି ସମ୍ମାନ କେବଳ ଜଣେ କଳାକାରଙ୍କ ସଫଳତା ନୁହେଁ, ଏହା ପ୍ରମାଣ କରିଛି ଯେ ଗାଁ ମାଟିରେ ମଧ୍ୟ ଅସୀମ ପ୍ରତିଭା ଲୁଚି ରହିଛି। ଦୃଢ଼ ସଂକଳ୍ପ, ଅକ୍ଳାନ୍ତ ପରିଶ୍ରମ ଓ ନିଷ୍ଠା ଥିଲେ ସମସ୍ତେ ସଫଳତା ହାସଲ କରିପାରିବେ। ସୋନା ହେଉଛନ୍ତି ଏହାର ଜ୍ୱଳନ୍ତ ଉଦାହରଣ। ଏହି ସଫଳତା ପ୍ରତ୍ୟେକ ଯୁବପିଢ଼ିଙ୍କୁ ନୂଆ ସ୍ୱପ୍ନ ଦେଖିବାର ସାହସ ଓ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇବ।

## ● ମେଗା ପାଇପ ଜଳ ଯୋଗାଣ କାର୍ଯ୍ୟରେ ବ୍ୟାପକ ଅବ୍ୟବସ୍ଥା

# ମୁକୁଳା ପଡ଼ିଛି ସିମେଣ୍ଟ ଚାମ୍ବର, ଦୁର୍ଘଟଣାକୁ ଆମନ୍ତ୍ରଣ

ଢେଙ୍କାନାଳ,୨୭ ।୬(ସମିସ): ରାଜ୍ୟ ସରକାର ପ୍ରତି ଗାଁରେ ପାଇପ ଯୋଗେ ଜଳ ଯୋଗାଣ ପାଇଁ ମେଗା ପ୍ରକଳ୍ପର ନିର୍ମାଣ କରୁଛନ୍ତି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ମଧ୍ୟ କରାଯାଉଛି। ମାତ୍ର କେତେକ ସ୍ଥାନରେ ଠିକାଦାରମାନଙ୍କ ମନମାନି ଯୋଗୁଁ ପାଇପ ବିଛା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁନାହିଁ। କେତେକ ଜାଗାରେ ଜଳ ଯୋଗାଣ ପାଇଁ ନିର୍ମାଣ କରାଯାଇଥିବା ସିମେଣ୍ଟ ଚାମ୍ବର ମଧ୍ୟ ମୁକୁଳା ପଡ଼ିଛି। ଫଳରେ ଲୋକେ ଯାତାୟାତ କରିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେବା ଆଶଙ୍କା ଉପୁଜିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଢେଙ୍କାନାଳ ସଦର ବ୍ଲକ ଚାଉଳିଆ ଖମାର ଗ୍ରାମରେ।



ଖମାର ଛକରୁ ଶନିମନ୍ଦିର ପର୍ଯ୍ୟନ୍ତ ଯାଇଥିବା ରାସ୍ତା କଡ଼ରେ ପାଇପ ବିଛାଯାଇଛି। ଜଳ ଯୋଗାଣକୁ ସହଜ କରିବା ପାଇଁ ବିଭିନ୍ନ ସ୍ଥାନରେ ସିମେଣ୍ଟ ଚାମ୍ବର ନିର୍ମାଣ କରାଯାଇଛି। ଏହି ଚାମ୍ବର ଉପରେ ସିମେଣ୍ଟ ସ୍ଲାବ ପକାଇବା ନିୟମ ରହିଛି। କିନ୍ତୁ ଠିକାଦାର ତାହା ନ କରି ମୁକୁଳା ଛାଡ଼ିଦେଇଛନ୍ତି। ଫଳରେ ଏହି ଜାଗାରେ ଲାଗିଥିବା ଉପକରଣଗୁଡ଼ିକ ଏବେ ନଷ୍ଟ ହେବା ଆଶଙ୍କା କରାଯାଉଛି। ଚାମ୍ବର ମୁକୁଳା ଥିବାରୁ ରାସ୍ତାରେ ଯାତାୟାତ କରୁଥିବା ଲୋକେ ଓ ସ୍କୁଲ ଛାତ୍ରଛାତ୍ରୀମାନେ ଅନେକ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିସହ ବଡ଼ଧରଣର ଦୁର୍ଘଟଣା ଘଟିବା ଆଶଙ୍କା କରାଯାଉଛି। ଏନେଇ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ସଭ୍ୟ ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ସିମେଣ୍ଟ ଚାମ୍ବର ଉପରେ ସ୍ଲାବ୍ ପକାଇବା ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ଗଁଦିଆ,୨୭ ।୬(ସମିସ): ନିଟ ପରୀକ୍ଷାରେ ହୋଇଥିବା କଳେଙ୍କାରୀ ତଥା ପେପେର ଲିକ୍ ଓ ଭ୍ରଷ୍ଟାଚାରକୁ ନେଇ ସମଗ୍ର ଭାରତ ବର୍ଷରେ କଂଗ୍ରେସ ପକ୍ଷରୁ ପ୍ରତିବାଦ କରାଯିବା ସହ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଉଛି। ଏହି କ୍ରମରେ ଗଁଦିଆ ବ୍ଲକରେ ଦଳ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ଡ. ବନମାଳୀ ଦାସଙ୍କ ନେତୃତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଆରମ୍ଭରେ ନିଟ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ କର୍ମୀମାନେ ଶୋଭାଯାତ୍ରାରେ ବାହାରି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅ, ଅଯୋଗ୍ୟ ଡବଲ ଇଞ୍ଜିନ ସରକାର ଗାଦି ଛାଡ଼ ନାରା ଦେଇଥିଲେ। ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେଠାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଯଦି କେନ୍ଦ୍ରମନ୍ତ୍ରୀ ତୁରନ୍ତ ଇସ୍ତଫା ନ ଦିଅନ୍ତି ତେବେ କଂଗ୍ରେସ ରାଜରାସ୍ତାରେ ଲଢ଼େଇ ଜୋରଦାର କରିବ ବୋଲି ପିସିସି ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଛବିରାଜ ବିଶ୍ୱାଳ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ବିଭୂତି ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ।

# ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀ ଶୁଭାରମ୍ଭ



ଢେଙ୍କାନାଳ,୨୭ ।୬(ସମିସ): ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଜିଲ୍ଲା ଶିଳ୍ପକେନ୍ଦ୍ର ପକ୍ଷରୁ ଉଦ୍ୟମୀ ଓଡ଼ିଶା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀ ଶୁଭାରମ୍ଭ ହୋଇଛି। ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମ ଦ୍ୱାରା ଯୁବଗୋଷ୍ଠୀ ପ୍ରେରିତ ହୋଇ ବିଭିନ୍ନ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ପ୍ରେରଣା ପାଇବେ ବୋଲି ମନ୍ତ୍ରୀ କହିଛନ୍ତି। ଉଦଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ ଏବଂ ଜିଲ୍ଲା ଶିଳ୍ପକେନ୍ଦ୍ରର ସହକାରୀ ଶିଳ୍ପ ଅଧିକାରୀ ପ୍ରେମାନନ୍ଦ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ।

# ବର୍ଷା ନାହିଁ, ମୁଣ୍ଡରେ ହାତଦେଲେଣି ଚାଷୀ

ଢେଙ୍କାନାଳ,୨୭ ।୬(ସମିସ): ବିଳମ୍ବିତ ମୌସୁମୀ ଚିନ୍ତାରେ ମୁଣ୍ଡରେ ହାତ ଦେଲେଣି ଚାଷୀକୁଳ। ଜିଲ୍ଲାର ବିଭିନ୍ନ ବ୍ଲକରେ ଖରିଫ ଋଷ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡ଼ି ବାକୁ ବସିଲାଣି। ଢେଙ୍କାନାଳ ଜିଲ୍ଲା ଓଡ଼ିଶାର ବୃଷ୍ଟି ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଆସିଛି। ବିଶେଷ କରି ଖରିଫ ଋତୁରେ ଏଠାରେ ବହୁଳ ପରିମାଣରେ ଧାନ ଚାଷ ହେଉଛି। କୃଷି ଦୃଷ୍ଟିକୋଣରୁ ଏହି ଜିଲ୍ଲାକୁ କେହି କେହିଁ ଅନ୍ନଭଣ୍ଡାର ବୋଲି ମଧ୍ୟ କହନ୍ତି। କିନ୍ତୁ ଗତ କିଛି ବର୍ଷ ଧରି ବଦଳୁଥିବା ପାଣି ପାଗ ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏହି ପାରମ୍ପରିକ କୃଷି ବ୍ୟବସ୍ଥା ପ୍ରଭାବିତ କରିଛି। ଖରିଫ ଋଷ ଆରମ୍ଭ ହେବାର ସମୟ ଧୀରେ ଧୀରେ ପଛକୁ ଘୁଞ୍ଚୁଥିବା ବେଳେ ଋଷୀଙ୍କ ମଧ୍ୟରେ ଅନିଶ୍ଚିତତା ଓ ଚିନ୍ତା ବଢ଼ିବାରେ ଲାଗିଛି। ପୂର୍ବରୁ ଅକ୍ଷୟ ତୃତୀୟା ପରେ ପରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଧାନ ବୁଣା କାମ ଆରମ୍ଭ ହେଉଥିଲା। ଚାଷୀମାନେ ଧାନବିହନ ବୁଣୁଥିଲେ। କିଛି ସପ୍ତାହ ପରେ ମୌସୁମୀ ବର୍ଷାର ଆଗମନ ସହ ଜିଲ୍ଲାରେ ଧାନ ରୁଆ ହେଉଥିଲା। ବାପାଜେଜେଙ୍କ ଅମଳରୁ ଚଳି ଆସୁଥିବା ଏହି ପାରମ୍ପରିକ କୃଷି କ୍ୟାଲେଣ୍ଡର ପ୍ରାୟ ଅପରି ବର୍ଷିତ ଥିଲା। ଏବେ କିନ୍ତୁ ପରିସ୍ଥିତି ବଦଳି ଯାଇଛି। ମୌସୁମୀ ଆଗମନରେ ବିଳମ୍ବ ଓ ବର୍ଷାର ଅନିୟମିତତା ଚାଷୀଙ୍କ ଯୋଜନାକୁ ବିପର୍ଯ୍ୟସ୍ତ କରିଛି। ଚଳିତ ବର୍ଷ ମଧ୍ୟ ମୌସୁମୀ ବର୍ଷା ବିଳମ୍ବିତ ହେବାର ଆଭାସ ମିଳୁଛି। ଫଳରେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ସାଧାରଣତଃ ରଜ ପର୍ବ ସମୟରେ ଜିଲ୍ଲାରେ ବର୍ଷାକୁ ଲକ୍ଷ୍ୟ କରି ଚାଷୀମାନେ ଧାନ ବୁଣିବା କାମରେ ବ୍ୟସ୍ତ ରହନ୍ତି। ହେଲେ ଏବେ ବର୍ଷାର କୌଣସି ନିଶ୍ଚିତତା ନଥିବାରୁ ଅନେକ ଚାଷୀ ଧାନ ବୁଣା ଆରମ୍ଭ କରିବେ କି ନାହିଁ ସେନେଇ ଦ୍ୱନ୍ଦ୍ୱରେ ରହିଛନ୍ତି। ଉଚିତ ସମୟରେ ବର୍ଷା ନ ହେଲେ ଧାନତଳି ନଷ୍ଟ ହେବା ସହ ଧାନରୁଆ ମଧ୍ୟ ବିଳମ୍ବିତ ହେବ। ଏହାର ପ୍ରଭାବ ଅମଳ ଉପରେ ପଡ଼ିବ। ବିଶେଷ କରି ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ଖରିଫ ଋତୁରେ ବିଭିନ୍ନ କିସମର ହାଇବ୍ରିଡ଼ ଧାନ ଯଥା ହଜାରେଏକ, ହଜାରେ ନଅ, ଶ୍ୟାମ, ସ୍ୱର୍ଣ୍ଣମସୁରୀ, ବୀଣା ୧୧, ସିହେରାଙ୍ଗ ସବ-୧, ମହିନ୍ଦ୍ରା, ପୁସା, ବାସମତି, ଲଳିତ, ସମ୍ପା, ମହସୁରୀ, ନବୀନ, ଅର୍ଜୁନ, ପଙ୍କଜ, ଉଷା ଓ କଳା ଚମ୍ପା, ଭଳି ବିଭିନ୍ନ କିସମର ଧାନ ଚାଷ କରାଯାଏ। ଏହି ଧାନ ପ୍ରଜାତିଗୁଡିକ ସମୟାନୁକୁଳ ବର୍ଷା ଉପରେ ଅଧିକ ନିର୍ଭରଶୀଳ। ବର୍ଷା ବିଳମ୍ବିତ ହେଲେ ଚାରାର ବୃଦ୍ଧି ଓ ଉତ୍ପାଦନ ଉଭୟ ପ୍ରଭାବିତ ହୋଇଥାଏ। ଏଥିପାଇଁ ଚାଷୀମାନେ ବର୍ଷାର ପ୍ରତୀକ୍ଷାରେ ରହିଥିବା ବେଳେ ଜଳବାୟୁର ଅନିଶ୍ଚିତତା ସେମାନଙ୍କ ଚିନ୍ତାକୁ ଆହୁରି ବଢାଇ ଦେଇଛି। କୃଷି ବିଶେଷଜ୍ଞଙ୍କ ମତରେ, ଜଳବାୟୁ ପରିବର୍ତ୍ତନ ଯୋଗୁଁ ବର୍ଷାର ପ୍ରକୃତିରେ ବଡ଼ ଧରଣର ପରିବର୍ତ୍ତନ ଆସିଛି। ପୂର୍ବରୁ ନିର୍ଦ୍ଦିଷ୍ଟ ସମୟରେ ଏବଂ ସମାନ ଭାବେ ବର୍ଷା ହେଉଥିଲା। ଜୁନ ମାସ ସରି ସରି ଆସୁଥିବା ବେଳେ କେତେବେଳେ ଟିକେ ମଧ୍ୟମ ଧରଣର ବର୍ଷା ହେଉଛି ତ ଆଉ କେତେବେଳେ ଦୀର୍ଘ ସମୟ ଧରି ବର୍ଷା ହେଉନାହିଁ। ଏହି ଅସ୍ୱାଭାବିକ ପାଣିପାଗ ଖବର ଅଧିକ ବିପଦଗାମୀ କରିଦେଇଛି। ଚାଷୀମାନେ ଜଳ ସଂରକ୍ଷଣ, ବିକଳ୍ପ ଫସଲ ଓ ଖରା ସହନଶୀଳ ଧାନ ପ୍ରଜାତି ଉପରେ ଗୁରୁତ୍ୱ ଦେବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଉଛନ୍ତି। ଅନ୍ୟପଟେ ଗତ କିଛି ବର୍ଷ ହେବ ବିଭିନ୍ନ ବ୍ଲକରେ ଧାନ ସହ ତୈଳବୀଜ ଚାଷର କ୍ଷେତ୍ରଫଳ ମଧ୍ୟ କମିବାରେ ଲାଗିଛି। ସବୁ ଅଞ୍ଚଳରେ ଜଳସେଚନର ବ୍ୟବସ୍ଥା ନଥିବାରୁ ଚାଷଖର୍ଚ୍ଚ ଦୁଇଗୁଣା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ଶ୍ରମିକ ଅଭାବ ମଧ୍ୟ ଆଉ ଏକ ପ୍ରମୁଖ କାରଣ ପାଲଟିଛି। ଅନିଶ୍ଚିତ ପାଣିପାଗ ଏଥିପାଇଁ ପ୍ରମୁଖ କାରଣ ବୋଲି କୁହାଯାଉଛି ଜୁଲାଇ ପହିଲାରେ ବର୍ଷା ନ ହେଲେ ବିଭିନ୍ନ ବ୍ଲକର ସମସ୍ତ ଜଳସେଚନ ପ୍ରକଳ୍ପ ଡ୍ୟାମଗୁଡ଼ିକରେ ଜଳ ସଂରକ୍ଷଣ ମଧ୍ୟ ପ୍ରଭାବିତ ହେବ। ଫଳରେ କେବଳ ଖରିଫ ନୁହେଁ, ରବି ଚାଷ ମଧ୍ୟ ସଙ୍କଟରେ ପଡିବାର ଆଶଙ୍କା ରହିଛି। ବିଶେଷ କରି ଚାଷ ହେଉଛି ଜିଲ୍ଲାର ୮ ଟି ବ୍ଲକ ଅର୍ଥନୀତିର ମୂଳ ଆଧାର। କୃଷି ଉପରେ ହଜାର ହଜାର ପରିବାର ସିଧାସଳଖ ଭାବେ ଏହା ଉପରେ ନିର୍ଭର କରୁଛନ୍ତି। ତେଣୁ ସମୟୋପଯୋଗୀ ବର୍ଷା ଓ ସରକାରଙ୍କ ପକ୍ଷରୁ ଆବଶ୍ୟକ ସହାୟତା ଚାଷୀଙ୍କ ପାଇଁ ଅତ୍ୟନ୍ତ ଜରୁରୀ। ମୌସୁମୀ ବର୍ଷାର ବିଳମ୍ବ ଯଦି ଦୀର୍ଘସ୍ଥାୟୀ ହୁଏ। ତେବେ ଏହା କେବଳ ଋଷୀଙ୍କ ଜୀବିକା ନୁହେଁ ବରଂ ଜିଲ୍ଲାର ଖାଦ୍ୟ ଉତ୍ପାଦନ ବ୍ୟବସ୍ଥା ଉପରେ ମଧ୍ୟ ଗଭୀର ପ୍ରଭାବ ପକାଇପାରେ। ଏବେ ସମସ୍ତଙ୍କ ନଜର ଆକାଶ ଉପରେ। ଚାଷୀ ଆଶା କରୁଛି,ଠିକ୍ ସମୟରେ ବର୍ଷା ଆସିବ ଏବଂ ବିଭିନ୍ନ ବ୍ଲକର ସବୁ ଅଞ୍ଚଳରେ ସବୁଜ ଧାନ କ୍ଷେତ ପୁଣିଥରେ ସମୃଦ୍ଧିର କାହାଣୀ ଲେଖିବ।



# ନୂତନ ଆଧାର ସେବାକେନ୍ଦ୍ର ଉଦଘାଟିତ



ଢେଙ୍କାନାଳ,୨୭ ।୬(ସମିସ): ସ୍ଥାନୀୟ ବିଏସଏନଏଲ କାର୍ଯ୍ୟାଳୟ ପରିସରରେ ନୂତନ ଆଧାର ସେବାକେନ୍ଦ୍ର ଉଦଘାଟିତ ହୋଇଛି। ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାକୁ ଉଦଘାଟନ କରିଛନ୍ତି। ଏହି କେନ୍ଦ୍ରରେ ଲୋକେ ଆଧାର ପଞ୍ଜୀକରଣ, ମୋବାଇଲ ନମ୍ବର ସଂଯୋଗ, ବାୟୋମେଟ୍ରିକ ଅପ୍‌ଡେଟ୍, ନାମ, ଠିକଣା, ଜନ୍ମତାରିଖ ଆଦି ସଂଶୋଧନ ସେବା ପାଇବେ। ଜିଲ୍ଲାରେ ଅନେକ ଆଧାର କେନ୍ଦ୍ର ଥିଲେ ମଧ୍ୟ ବିଭିନ୍ନ ସମୟରେ ସେଠାରେ ସମସ୍ତ ସୁବିଧା ଉପଲବ୍ଧ ହେଉ ନ ଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ଏହି ନୂତନ କେନ୍ଦ୍ରରେ ସମସ୍ତ ସୁବିଧା ଉପଲବ୍ଧ ହେବ ବୋଲି କୁହାଯାଇଛି।

## ମହାନଦୀ ଜଳ ବିବାଦ ପ୍ରସଙ୍ଗ

## ବିଜେଡିର କ୍ଷୋଭ
# ଛତିଶଗଡ଼ ନିକଟରେ ମୁଣ୍ଡ ବିକିଦେଲେ ଓଡ଼ିଶା ସରକାର

ଭୁବନେଶ୍ୱର,୨୭।୬(ସମିସ): ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡ ଓ କର୍ପୋରେଟ୍ ସଂସ୍ଥାଙ୍କ ସ୍ୱାର୍ଥରେ କାମ କରୁଛି ଓଡ଼ିଶା ବିଜେପି ସରକାର। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦେଇଥିବା ରିପୋର୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଛି ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ଛତିଶଗଡ ଏବଂ କର୍ପୋରେଟ୍ ସଂସ୍ଥାମାନଙ୍କୁ ସୁହାଇଲା ଭଳି ଭୂମିକା ଓଡ଼ିଶା ସରକାର ନେବା ଦୁର୍ଭାଗ୍ୟଜନକ। ଟ୍ରିବ୍ୟୁନାଲ ନିକଟରେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ ମହାନଦୀର ଅବବାହିକାରେ ୬୨.୩୬ ନିୟୁତ ଏକର ଫୁଟ୍ ପାଣି ଉପଲବ୍ଧ ଅଛି, ଛତିଶଗଡ ଓ ଓଡ଼ିଶା ସୀମାନ୍ତରେ ୨୮.୪୮, ହୀରାକୁଦ ନିକଟରେ ୩୨.୮୩ ଓ ନରାଜ ନିକଟରେ ୫୬.୨୯ ନିୟୁତ ଏକର ଫୁଟ ପାଣି ଉପଲବ୍ଧ। ଏଥିରୁ ସ୍ପଷ୍ଟ ହେଉଛି ଯେ ଓଡ଼ିଶାରେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ ସହିତ ବିବାଦର କୌଣସି ଯଥାର୍ଥତା ନାହିଁ। ଏହି ରିପୋର୍ଟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଅପରପକ୍ଷରେ ୨୦୨୫ ଅଗଷ୍ଟ ୨୫ତାରିଖରେ ଓଡ଼ିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ମହାନଦୀର ଉପରମୁଣ୍ଡରେ ଛତିଶଗଡ ବନ୍ଧ ବାନ୍ଧିବା କାରଣରୁ ଅଣମୌସୁମୀ ସମୟରେ ଓଡ଼ିଶାରେ ଜଳ ପ୍ରବାହ ହ୍ରାସ ପାଇଛି । ସରକାରକୁ ଆସିଲା ପରେ ତୁରନ୍ତ ମହାନଦୀ ଜଳ ବଣ୍ଟନ ସମସ୍ୟା ସମାଧାନ କରିଦେବୁ ବୋଲି ବାହାସ୍ଫୋଟ ମାରୁଥିବା ବିଜେପି ସରକାର ଆଜି ଛତିଶଗଡ ନିକଟରେ ମୁଣ୍ଡ ବିକିଦେଇଛି। ତୁରନ୍ତ ରାଜ୍ୟ ସରକାର ଏ ସଂପର୍କରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ସେ ଦାବି କରିଛନ୍ତି। ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ କହିଥିଲେ ଯେ ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଲକ୍ଷାଧିକ ସ୍ଥାନୀୟ ବାସିନ୍ଦା ବିସ୍ଥାପିତ ହୋଇଥିଲେ । ଆଜି ସୁଦ୍ଧା ସେମାନଙ୍କ ସମସ୍ୟାର ସମାଧାନ ହୋଇନଥିବା ବେଳେ ରାଜ୍ୟ ବିଜେପି ସରକାର, ଟ୍ରିବ୍ୟୁନାଲ ନିକଟରେ ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛି । ତୁଟକିରେ ସମାଧାନ ହେଇଯିବ ବୋଲି କହୁଥିବା ରାଜ୍ୟ ବିଜେପି ସରକାର ଆଜି ଓଡ଼ିଶାର ସ୍ୱାର୍ଥ ଟ୍ରିବ୍ୟୁନାଲ ନିକଟରେ ସଠିକ୍ ଢଙ୍ଗରେ ଉପସ୍ଥାପନ କରିବା ପରିବର୍ତ୍ତେ ଛତିଶଗଡ଼ ଦେଇଥିବା ତଥ୍ୟକୁ ସ୍ୱୀକାର କରିନେଇଛି । ୨୦୧୮ ମସିହାରେ ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟ ଓ ଟ୍ରିବ୍ୟୁନାଲରେ ଛତିଶଗଡ ମହାନଦୀରେ ପାଣି ଅଟକାଇବା ନେଇ ଦୃଢ ଦାବି ଉପସ୍ଥାପନ କରିଥିଲା ବେଳେ ବର୍ତ୍ତମାନର ବିଜେପି ସରକାର ଛତିଶଗଡ ଦେଇଥିବା ତଥ୍ୟକୁ ଯୁଗ୍ମ ବୈଷୟିକ କମିଟି ନିକଟରେ ଅନୁମୋଦନ କରି ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି । ମହାନଦୀ ଶୁଖିଲା ପଡିଥିଲା ବେଳେ ପର୍ଯ୍ୟାପ୍ତ ପାଣି ଉପଲବ୍ଧ ଅଛି ବୋଲି ଟ୍ରିବ୍ୟୁନାଲ ନିକଟରେ ସହମତି ପ୍ରକାଶ କରିବା, ଡବଲ ଇଂଜିନ ସରକାରର ରାଜ୍ୟବାସୀଙ୍କ ପ୍ରତି ଚରମ ଉପହାସ ବୋଲି ବିଜେଡି କହିଛି।



- ଯୁଗ୍ମ ବୈଷୟିକ କମିଟିର ତଥ୍ୟ ବାସ୍ତବତାରୁ ବହୁ ଦୂରରେ
- ଛତିଶଗଡ ଦାବିକୁ ମାନିନେଲେ ଓଡ଼ିଶା ବିଜେପି ସରକାର
- ମହାନଦୀ ଜଳ ବିବାଦରେ ଓଡିଶା ସରକାରଙ୍କ ପ୍ରତିବଦ୍ଧତା କୁଆଡେ ଗଲା?

# ସମ୍ବଲପୁର ବାର୍ ଓ ବେଞ୍ଚ ମଧ୍ୟରେ ସମନ୍ୱୟ ରକ୍ଷାକୁ ଗୁରୁତ୍ୱ: ହାଇକୋର୍ଟ ମୁଖ୍ୟ ବିଚାରପତି

ସମ୍ବଲପୁର, ୨୭।୬ (ସମିସ) : ଅଦାଲତର କାର୍ଯ୍ୟଧାରାକୁ ସୁଗମ କରିବା ପାଇଁ ବାର୍ ଓ ବେଞ୍ଚ ମଧ୍ୟରେ ସୁସମ୍ପର୍କ ଓ ସମନ୍ୱୟ ରକ୍ଷା କରିବା ଆବଶ୍ୟକ। ଜଣେ ସଫଳ ଆଇନଜୀବୀ ପାଇଁ ପୁସ୍ତକ ଓ ପାଠପଢ଼ିବା ଅଭ୍ୟାସର ବିକଳ୍ପ ଯାନ୍ତ୍ରିକ ପ୍ରଗତି ଦେଇପାରିବି ନାହିଁ ବୋଲି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହରିଶ ଟଣ୍ଡନ ମତବ୍ୟକ୍ତ କରିଛନ୍ତି। ଏହାସହ ବିଚାରାଳୟରେ ଏକ ସୁସ୍ଥ ଏବଂ ଆଦର୍ଶ ଓକିଲ ସଂଘର ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ଆଜି ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶ ହରିଶ ଟଣ୍ଡନ ଏବଂ ପୋର୍ଟଫୋଲିଓ ନ୍ୟାୟାଧୀଶ ସମ୍ବଲପୁର, ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ବଲପୁର କୋର୍ଟ ପରିସରକୁ ଆସିଥିଲେ। ଏହି ଅବସରରେ ଜିଲ୍ଲା ଓକିଲ ସଂଘ ସଭାପତି ଚନ୍ଦ୍ରକୁମାର ପୁରୋହିତଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ଓକିଲମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ସଂଘ ପକ୍ଷରୁ ସଭାପତି ଶ୍ରୀ ପୁରୋହିତ ସ୍ୱାଗତବକ୍ତବ୍ୟ ପ୍ରଦାନ କରିଥିବାବେଳେ ଉପସଭାପତି ରବି ରଞ୍ଜନ ପୂଜାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାରେ ଜିଲ୍ଲା ନ୍ୟାୟାଧୀଶ ଏବଂ ଅନ୍ୟାନ୍ୟ ବିଚାରପତି, ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା, ବରିଷ୍ଠ ଆଇନଜୀବୀ ତଥା ସମସ୍ତ ଆଇନଜୀବୀମାନେ ଉପସ୍ଥିତ ଥିଲେ। ଓକିଲ ସଂଘର ଯୁଗ୍ମ ସମ୍ପାଦକ ରତନଲାଲ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର ଅଦାଲତ ଭଳି ସମ୍ବଲପୁରର ସମସ୍ତ କୋର୍ଟକୁ ଗୋଟିଏ କ୍ୟାମ୍ପସକୁ ଆଣିବା ପାଇଁ ପୂର୍ବରୁ ପ୍ରସ୍ତାବ ରହିଥିଲା। ସେଥିପାଇଁ ଜାଗା ଚିହ୍ନଟକୁ ନେଇ କିଛି ଅସୁବିଧା ରହିଥିଲା। ତେବେ, ବର୍ତ୍ତମାନର କୋର୍ଟ ପରିସରରେ ପର୍ଯ୍ୟାପ୍ତ ସ୍ଥାନଥିବାରୁ ସମସ୍ତ କୋର୍ଟ ଏହିଠାରେ ଏକାସଙ୍ଗେ କାର୍ଯ୍ୟ କରିବ ବୋଲି ପ୍ରସ୍ତାବ ପାରିତ ହୋଇଥିବା ସଭାପତି ଶ୍ରୀ ପୁରୋହିତ କହିଛନ୍ତି। ପରବର୍ତ୍ତୀ ସମୟରେ ସମ୍ବଲପୁର ଜିଲ୍ଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ପୋର୍ଟଫୋଲିଓ ନ୍ୟାୟାଧୀଶ ସମ୍ବଲପୁର, ଡ. ସଞ୍ଜୀବ ପାଣିଗ୍ରାହୀଙ୍କୁ ସର୍କିଟ୍ ହାଉସ୍‌ଠାରେ ସାକ୍ଷାତ କରି ଆଇନଜୀବୀ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ବିଶଦଭାବେ ଆଲୋଚନା କରିଥିଲେ। ନ୍ୟାୟାଧୀଶ ଡ. ପାଣିଗ୍ରାହୀ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗରେ ଆଜି ମୁଖ୍ୟ ବିଚାରପତିଙ୍କ ସମ୍ବଲପୁର ଅଦାଲତକୁ ଆସିଥିବାବେଳେ କୌଣସି ଆଲୋଚନା ପର୍ଯ୍ୟାଲୋଚନା ହୋଇନାହିଁ।




## ପାଚିକା ପଦରେ ଦଳିତ ମହିଳାଙ୍କ ନିଯୁକ୍ତିକୁ ବିରୋଧ
# ଅଙ୍ଗନବାଡ଼ି କେନ୍ଦ୍ରରେ ତାଲା ପକାଇଦେଲେ ଗାଁ ଲୋକ

କଣ୍ଟାବାଞ୍ଜି/ମୁରିବାହାଲ,୨୭।୬(ସମିସ): ବର୍ତ୍ତମାନର ବିଜ୍ଞାନ ଯୁଗରେ ଲୋକେ ଏଆଇ ବ୍ୟବହାର କଲେଣି; ହେଲେ ଏବେ ମଧ୍ୟ ଗ୍ରାମାଞ୍ଚଳରରେ ମଧ୍ୟଯୁଗୀୟ ଜାତିପ୍ରଥା ରହିଛି। ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ୍ ଘୁଷୁରାମୁଣ୍ଡା ଗାଁରେ ଏଭଳି ଘଟଣା ସାମ୍ନାକୁ ଆସିଛି। ଏଠି ଜଣେ ଦଳିତ ଜାତିର ଉଚ୍ଚ ଶିକ୍ଷିତ ମହିଳା ହଟହଟା ହୋଇଛନ୍ତି। ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ୪୪ ଜଣ କୁନି କୁନି ଛାତ୍ରଛାତ୍ରୀ ପଢୁଛନ୍ତି। ଏମାନଙ୍କ ଯତ୍ନ ନେବା ସହ ରୋଷେଇ କରିବାକୁ ଜଣେ ପାଚିକା ନିଯୁକ୍ତି ହେଇଥିଲେ; ହେଲେ ଗତ କିଛି ମାସ ତଳେ ତାଙ୍କ ମୃତ୍ୟୁ ଘଟିଛି। ଏହାପରେ ମୁରିବାହାଲ ବ୍ଲକ ସିଡ଼ିପିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ପାଚିକା ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗାଁର ୬ଜଣ ମହିଳା ଅନଲାଇନ ମାଧ୍ୟମରେ ଏଥିଲାଗି ଆବେଦନ କରିଥିଲେ। ଶିକ୍ଷାଗତ ଯୋଗ୍ୟତାକୁ ଆଧାର କରି ଗାଁର ପୁଣ୍ୟ ହରପାଳ ନାମ୍ନୀ ଜଣେ ମହିଳାଙ୍କୁ ନିଯୁକ୍ତି ମିଳିଥିଲା। ଏହାକୁ ନେଇ ଘୁଷୁରାମୁଣ୍ଡା ଗାଁରେ ବିବାଦ ସୃଷ୍ଟି ହୋଇଛି। ସେ ଦଳିତ ଜାତିର। ତାଙ୍କ ସମାଜର ରନ୍ଧା ଆମେ କେବେ ଖାଉନାହିଁ। ଆମ ଛୁଆ କେମିତି ଖାଇବେ। ଦଳିତ ମହିଳା ପାଚିକା ହୋଇପାରିବେ ନାହିଁ ବୋଲି ଗାଁର ଅନ୍ୟ ଜାତିର ଲୋକମାନେ କହିଛନ୍ତି। ସମସ୍ତେ ଏକତ୍ରିତ ହୋଇ ଗାଁରେ ଥିବା ଅଙ୍ଗନବାଡି କେନ୍ଦ୍ରରେ ତାଲା ପକାଇ ଦେଇଛନ୍ତି। ଏ ଖବର ପାଇ ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମୀ, ସିଡିପିଓ ପୂର୍ଣ୍ଣିମା ବୈଠାରୁ, ମୁରିବାହାଲ ଥାନା ଅଧିକାରୀ ବୁଲୁ ମୁଣ୍ଡା ଗାଁରେ ପହଞ୍ଚି ଥିଲେ। ଲୋକଙ୍କ ସହ ଏମାନେ ଆଲୋଚନା କରି ବୁଝାଇବାକୁ ଚେଷ୍ଟା କରିଥିଲେ; କିନ୍ତୁ ଗାଁ ବିଫଳ ହୋଇ ଫେରି ଯାଇଛନ୍ତି। ଗାଁ ଲୋକେ ନିଜ ଜିଦରେ ଅଟଳ ରହିଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ଗାଁ ଲୋକେ ତାଲା ପକାଇବା ପରେ ଅଙ୍ଗନବାଡ଼ି କର୍ମୀ ଦେବକୀ ବାରିକ ଏକ ଗଛ ତଳେ କୁନିକୁନି ପିଲାଙ୍କୁ ପାଠ ପଢ଼ାଉଛନ୍ତି। ପାଚିକା ପୁଣ୍ୟ ହରପାଳ ସେଠାରେ ଖୋଲାରେ ପିଲାଙ୍କୁ ରୋଷେଇ କରି ଖାଇବାକୁ ଦେଉଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ରରେ ମୋଟ ୪୪ ଜଣ ପିଲା ଥିବା ଏବେ ମାତ୍ର ୫ଜଣ ଆସୁଛନ୍ତି। ଅନ୍ୟ ଜାତିର ଲୋକେ ଦଳିତ ଜାତିର ପାଚିକାଙ୍କୁ ବିରୋଧ କରି ତାଙ୍କ ପିଲାଙ୍କୁ ଅଙ୍ଗନବାଡ଼ିକୁ ଛାଡୁ ନାହାନ୍ତି। ପୁଣ୍ୟ ଜଣେ ଉଚ୍ଚ ଶିକ୍ଷିତ ମହିଳା। ତାଙ୍କ ଶିକ୍ଷାଗତ ଯୋଗ୍ୟତା ଏମ୍.ଏ; କିନ୍ତୁ ଏତେ ପାଠ ପଢିଥିବା ସତ୍ତ୍ୱେ ମଧ୍ୟ ଆଜି ଛୋଟ ଜାତି ବୋଲି ତାଙ୍କୁ ନିଜର ଅଧିକାର ପାଇଁ ସଂଘର୍ଷ କରିବାକୁ ପଡୁଛି ବୋଲି ସେ କୋହଭରା କଣ୍ଠରେ କହିଛନ୍ତି। ତେବେ ୨୦୧୩ରେ ମଧ୍ୟ ଏହି ଗାଁରେ ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ନେଇ ମଧ୍ୟ ବଡ଼ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା। ଜଣେ ଦଳିତ ଜାତିର ମହିଳା ଅଙ୍ଗନବାଡ଼ି କର୍ମୀ ଭାବେ ନିଯୁକ୍ତ ହେବା ପରେ ସେହି ଗାଁର ଅନ୍ୟ ଜାତିର ଲୋକେ ବିରୋଧ କରିଥିଲେ। କେବଳ ବିରୋଧ କରି ନ ଥିଲେ; ବରଂ ସେହି ଗାଁର ଦଳିତ ପରିବାରର ଲୋକଙ୍କୁ ଆକ୍ରମଣ କରିଥିଲେ। ଏହାଫଳରେ ଗାଁରେ ଥିବା ଦଳିତ ପରିବାରର ଲୋକ ଗାଁ ଛାଡି ଅନ୍ୟ ଗାଁରେ ଆଶ୍ରୟ ନେଇଥିଲେ। ଆଜିଯାଏ ଏହି ଗାଁରେ ଜାତିପ୍ରଥା ରହିଛି। ଏହି ଗାଁରେ ଜାତିପ୍ରଥାକୁ ନେଇ ସଚେତନତାର ଅଭାବ ରହିଛି। ଅନ୍ୟପକ୍ଷରେ ଦଳିତ ସମାଜର ଜଣେ ଉଚ୍ଚ ଶିକ୍ଷିତ ମହିଳାଙ୍କୁ ଅସମ୍ମାନ କରି ଜାତିଆଣ ଆକ୍ଷେପ କରି ଭେଦଭାବ କରୁଥିବା ଯୋଗୁଁ ଏବେ ସମଗ୍ର ପଶ୍ଚିମ ଓଡ଼ିଶାର ଦଳିତ ସମାଜ ଏହାକୁ ବିରୋଧ କରି ଜଣେ ଦଳିତ ମହିଳାଙ୍କୁ ନ୍ୟାୟ ଦେବାକୁ ଦାବି କରିଛି। ସୋସିଆଲ ମିଡିଆରେ ଏବେ ପୁଣ୍ୟ ହରପାଳଙ୍କ ସମର୍ଥନରେ ଦଳିତ ଜାତିର ହଜାର ହଜାର ଲୋକେ ବାହାରିଛନ୍ତି। ଦଳିତ ଜାତିର ମହିଳାଙ୍କୁ ଅପମାନକୁ ନେଇ ଦଳିତସମାଜ ଏକତ୍ରିତ ହୋଇ ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି।



- ପ୍ରଶାସନିକ ଅଧିକାରୀ ମଧ୍ୟ ବୁଝାଇ ପାରିଲେନି
- ଜିଦିରେ ଅଟଳ ଘୁଷୁରାମୁଣ୍ଡା ଗ୍ରାମାବସୀ
- ଗଛ ତଳେ ପିଲାଙ୍କୁ ଧରି ବସୁଛନ୍ତି କର୍ମୀ
- ୪୪ ମଧ୍ୟରୁ ଆସୁଛନ୍ତି ମାତ୍ର ୫ ଛାତ୍ରଛାତ୍ର

## ଝାରସୁଗୁଡ଼ା ପକ୍ସୋ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ
# ୩୦ ବର୍ଷୀୟ ଯୁବକଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ

ଭୁବନେଶ୍ୱର, ୨୭।୬ (ସମିସ): ଝାରସୁଗୁଡାସ୍ଥିତ ସ୍ୱତନ୍ତ୍ର ପକ୍ସୋ କୋର୍ଟ ଜଣେ ୬ ବର୍ଷର ନାବାଳିକାକୁ ଯୌନ ନିର୍ଯାତନା ଦେବା ମାମଲାରେ ଏକ ୩୦ ବର୍ଷୀୟ ଯୁବକକୁ ୨୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଅନ୍ତର୍ଗତ ଆଇବି ଥର୍ମାଲ୍ ପମ୍ପହାଉସ୍‌ପଡ଼ାର ବାସିନ୍ଦା ଅଜୟ ସିଂହଙ୍କୁ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍-ତଥା-ସ୍ୱତନ୍ତ୍ର କୋର୍ଟ ବିଚାରପତି ସୁଶ୍ରୀ ପୂଜା ସାରଙ୍ଗୀ ପକ୍ସୋ ଆକ୍ଟର ଧାରା ୬ ଏବଂ ଭାରତୀୟ ନ୍ୟାୟ ସଂହିତା , ୨୦୨୩ ର ଧାରା ୬୫(୨) ଅଧୀନରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ବିଚାରପତି ଅଜୟ ସିଂହଙ୍କୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ ସହ ୫୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ବର୍ଷେ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ବାବଦ ଅର୍ଥ ପୀଡ଼ିତାଙ୍କୁ ପ୍ରଦାନ କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୫ ମସିହା ୨୨ ଜୁନ୍‌ରେ ଏଭଳି ଜଘନ୍ୟ କାଣ୍ଡ ଘଟିଥିଲା। ଏନେଇ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ଅଜୟ ସିଂହଙ୍କୁ ଗିରଫ କରିଥିଲା। ୧ବର୍ଷ ମଧ୍ୟରେ ଏହି ମାମଲାର ବିଚାର କରାଯାଇ ଦୋଷୀଙ୍କ ବିରୋଧରେ କୋର୍ଟ ଦଣ୍ଡବିଧାନ କରିଛନ୍ତି।

# ଆସନ୍ତା ୨୯ ରେ ଆନ୍ଦୋଳନ କରିବେ ଶିକ୍ଷକ ଓ କର୍ମଚାରୀ

ଭୁବନେଶ୍ୱର, ୨୭।୬(ସମିସ): ଅନୁଦାନ ଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ରାଜ୍ୟ ସରକାର ଅନୁଦାନ ଦେଉ ନାହାନ୍ତି। କାର୍ଯ୍ୟରତ ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ପ୍ରଦାନରେ ଅହେତୁକ ବିଳମ୍ବ କରୁଛନ୍ତି। ଶିକ୍ଷା ଓ ଶିକ୍ଷା କର୍ମଚାରାଙ୍କ ସମସ୍ୟାର ସମାଧାନ ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଇଥିଲେ ମଧ୍ୟ କାର୍ଯ୍ୟକାରୀ କରାଯାଉ ନାହିଁ। ଏହାକୁ ପ୍ରତିବାଦ କରି ଆସନ୍ତା ୨୯ ରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସମନ୍ୱୟ ସମିତି ପକ୍ଷରୁ ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ସମନ୍ୱୟ ସମିତିର ସଭାପତି ସୁକାନ୍ତ କୁମାର ବେହେରା କହିଛନ୍ତି ଯେ ଶିକ୍ଷକ ଓ କର୍ମଚାରୀଙ୍କୁ ସମାନ ଅଧିକାର ଓ ସାମାଜିକ ନ୍ୟାୟ ପ୍ରଦାନ କରିବାକୁ ସରକାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କେବଳ ଭାଷଣରେ ସୀମିତ ରହିଛି। ସରକାରୀ, ପୂର୍ଣ୍ଣଅନୁଦାନ ପ୍ରାପ୍ତ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଷମ୍ୟ ସୃଷ୍ଟି କରୁଛନ୍ତି। ଏଣୁ ସେମାନଙ୍କ ସମସ୍ତ ଦାବିକୁ ତୁରନ୍ତ ପୂରଣ କରା ନଗଲେ ଆଗକୁ ଗଣ ଆନ୍ଦୋଳନ ଗଢ଼ି ଉଠିବ ବୋଲି ସମିତର ଅକ୍ଷୟ କୁମାର ମିଶ୍ର, ନିର୍ମଳା ପଣ୍ଡା ପ୍ରମୁଖ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ଓଏଫଡିସିରେ ୧୧ ଅଧିକାରୀଙ୍କ ନିଯୁକ୍ତି ଆଦେଶ ରଦ୍ଦ

ଭୁବନେଶ୍ୱର,୨୭।୬(ସମିସ): ଓଡ଼ିଶା ବନ ଉନ୍ନୟନ ନିଗମ (ଓଏଫଡିସି) ଅଧୀନରେ ୧୧ ଜଣ ଡିଭିଜିନାଲ ମ୍ୟାନେଜରଙ୍କ ନିଯୁକ୍ତିକୁ ନିଗମର ଅଧ୍ୟକ୍ଷ ରଦ୍ଦ କରି ଦେଇଛନ୍ତି। ଅଧ୍ୟକ୍ଷଙ୍କ ଅନୁମୋଦନ ଏହି ନିଯୁକ୍ତି ଦିଆଯାଇଥିବାରୁ ଏହାକୁ ତତ୍କ୍ଷଣାତ ପ୍ରଭାବରେ ରଦ୍ଦ କରାଯାଇଥିବା ନେଇ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ ଗତ ୨୪ ତାରିଖରେ ଏହି ନିଯୁକ୍ତିଗୁଡ଼ିକ ଓଏଫଡିସି ସର୍ଭିସ ରୁଲ୍‌ର ନିୟମ ୮.୨ ଏବଂ ୮.୧୩କୁ ଉଲ୍ଲଂଘନ କରି ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା। ନିଯୁକ୍ତି ବେଳେ ଅଧ୍ୟକ୍ଷଙ୍କ ଅନୁମୋଦନ ନିଆଯାଇନଥିଲା। ନିଗମ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପୂର୍ବରୁ ସମସ୍ତ ବଦଳି ଓ ନିଯୁକ୍ତି କାର୍ଯ୍ୟ ଅଧ୍ୟକ୍ଷଙ୍କ ଅନୁମୋଦନ କ୍ରମେ ହେଉଥିଲା, ମାତ୍ର ଏହି ୧୧ଟି ନିଯୁକ୍ତି ଅନଧିକୃତ ଏବଂ ଅନୁପଯୁକ୍ତ ଭାବେ ହୋଇଥିଲା।

## କାରଖାନାରେ ଗ୍ୟାସ୍ ଲିକ୍ ଦୁର୍ଘଟଣା
# ତାମିଲନାଡୁରୁ କେନ୍ଦୁଝର ଫେରିଲେ ୫୮ ଶ୍ରମିକ

କେନ୍ଦୁଝର/ତେଲକୋଇ,୨୭।୬(ସମିସ): ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ୧୨ ଜଣ ନିରୀହ ଶ୍ରମିକଙ୍କ ଜୀବନ ଯାଇଛି। ଏହି ଘଟଣାରେ ଏବେବି ଆଉ ଦୁଇଜଣ ଗୁରୁତର ଥିବା ସୂଚନା ରହିଛି। ଏଭଳି ସ୍ଥିତିରେ ସେଠାରେ କାମ କରୁଥିବା ଆଉ ୫୮ ଜଣଙ୍କୁ ପ୍ରଶାସନ ଆଜି ଫେରାଇ ଆଣିବାରେ ସଫଳ ହୋଇଥିବା ଜଣାପଡ଼ିଛି। ତାମିଲନାଡୁର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ ୭୦ ଅଧିକ କାମ କରୁଥିଲେ। କାମ କରୁଥିବା ସମୟରେ କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ସେମାନଙ୍କ ମଧ୍ୟରୁ ପ୍ରଥମେ ମୃତ ୫ ଜଣଙ୍କ ମଧ୍ୟରେ ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ମୃତ୍ୟୁ ବରଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପୁଣି କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୃଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗ ପ୍ରମୁଖଙ୍କର ମୃତ୍ୟୁ ହୋଇଥିଲା। ପୁଣି ଚିକିତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସେହିପରି ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତେଲକୋଇ ଥାନା ଟାଙ୍ଗୀରି ଗାଁର ରୀତା ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ବେଳେ ପରେ ଦୁଇଜଣ ତେଲକୋଇ ଥାନା ପିତାନାଳୀ ଗାଁର ସୁମିତ୍ରା ଜୁଆଙ୍ଗ ଏବଂ ଗୋନାସୀକା ନିକଟସ୍ଥ ଗୋଳିଆବନ୍ଧ ରାଇଡିହାର ଦୀପାଞ୍ଜଳି ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜିଲ୍ଲା ଶ୍ରମ ଅଧିକାରୀ ସୂଚନା ଦେଇଥିଲେ।

**ଶବ ହୋଇ ଫେରିଥିଲେ ୧୨, ଏବେ ବି ୨ ଗୁରୁତର**

## ଯୁବ ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣାରେ ୪୮ ଘଣ୍ଟା ମହଲତ ଦେଲା ବିଜେଡି
# କାର୍ଯ୍ୟାନୁଷ୍ଠାନ ନ ହେଲେ ଏସ୍‌ପି ଅଫିସ୍ ଘେରାଉ ଚେତାବନୀ

ବାଲେଶ୍ୱର,୨୭।୬ (ସମିସ): ବାଲେଶ୍ୱରରେ ଯୁବ ବ୍ୟବସାୟୀ ସେକ ହମିଦଙ୍କୁ ଗୁଳି କରି ହତ୍ୟା ଘଟଣାରେ ଶନିବାର ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଏସପିଙ୍କୁ ଭେଟିଛି । ଦିନ ଦ୍ୱି-ପ୍ରହରେ ଛାତିଥରା ଗୁଳିକାଣ୍ଡକୁ ନାପସନ୍ଦ କରିବା ସହ ବାଲେଶ୍ୱରରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ତଥା କଡ଼ା କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଛନ୍ତି ।

**ଏସ୍‌ପି ଓ ମୃତକଙ୍କ ପରିବାରଙ୍କୁ ଭେଟିଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍**

ଯଦି ସମ୍ପୃକ୍ତ ଘଟଣାରେ ୪୮ ଘଣ୍ଟା ମଧ୍ୟରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯାଏ, ତେବେ ଏସ୍‌ପି ଅଫିସ ଘେରାଉ କରିବା ନେଇ ବିଜେଡି ଚେତାବନୀ ଦେଇଛି । ଏଥିସହ ହମିଦଙ୍କ ଗଣେଶ୍ୱରପୁରସ୍ଥିତ ଘର ଓ ଅରଡ଼ବଜାରସ୍ଥିତ ଗୁଳିକାଣ୍ଡ ସ୍ଥଳକୁ ଏହି ସ୍ୱତନ୍ତ୍ର ଟିମ ପରିଦର୍ଶନ କରିବା ସହ ପରିବାରବର୍ଗ ଓ ବ୍ୟବସାୟୀଙ୍କୁ ଭେଟିଛି। ପରେ ସମ୍ପୃକ୍ତ ଟିମ୍ ଅରଡ଼ବଜାରସ୍ଥିତ ଗୁଳିକାଣ୍ଡ ସ୍ଥଳରେ ପହଞ୍ଚି ଘଟଣା ବିଷୟରେ ଲୋକଙ୍କଠୁ ବୁଝାବୁଝି କରିଛନ୍ତି । ଗତ ଗୁରୁବାର ଦିବାଲୋକରେ ଗୁଳିମାଡ଼ କରି ହମିଦଙ୍କୁ ହତ୍ୟା କରାଯାଇଛି । ଘଟଣାକୁ ନେଇ ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଶନିବାର ସକାଳେ ପ୍ରଥମେ ରେମୁଣା ଗୋଲେଇ ଓ ପରେ ହମିଦଙ୍କ ଗଣେଶ୍ୱରପୁର ସ୍ଥିତ ଘରେ ପହଞ୍ଚି ଘଟଣାକୁ ଗ୍ରାଉଣ୍ଡରୁ ତଦାରଖ କରିଛି । ହମିଦଙ୍କ ସ୍ତ୍ରୀ, ପୁଅ ଓ ପରିବାର ପ୍ରିୟଜନଙ୍କୁ ଭେଟିବା ସହ ଘଟଣା ବାବଦରେ ଆଲୋଚନା କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଏ ନେଇ ପୁଲିସ ତାଙ୍କ ଘରେ ପହଞ୍ଚିନଥିବା ପରିବାର ବର୍ଗ କହିବା ସହ ହମିଦଙ୍କ ପତ୍ନୀ କାନ୍ଦି କାନ୍ଦି ହାତ ଯୋଡି ନ୍ୟାୟ ଭିକ୍ଷା କରିଛନ୍ତି । ପରେ ଟିମ୍‌ର ସଂଯୋଜକ ତଥା ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଟିମ୍‌ର ସଦସ୍ୟଙ୍କ ମଧ୍ୟରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ତଥା ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ସଦର ବିଧାୟକ ଜୀବନ ପ୍ରଦୀପ ଦାସ ଏବଂ ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ ପ୍ରମୁଖ ବାଲେଶ୍ୱର ପୁଲିସ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କୁ ଭେଟିବା ସହ ଘଟଣା ସମ୍ପର୍କରେ ଅବଗତ କରାଇ ସମ୍ପୃକ୍ତ ଘଟଣାରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଯଦି ଏହା ନହୁଏ, ତେବେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ହିସାବରେ ଲୋକଙ୍କ ହିତକୁ ଗୁରୁତ୍ୱ ଦେଇ ବିଜେଡି ଏସ୍‌ପି ଅଫିସ ଘେରାଉ କରିବ ବୋଲି ଟିମ୍ ଚେତାବନୀ ଦେଇଛି । ଏହି ପରିପ୍ରେକ୍ଷୀରେ ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦକ ଗିରୀଶ ଚନ୍ଦ୍ର ଦାସ, ବାଲେଶ୍ୱର ଟାଉନ ସଭାପତି ମନୋଜ କୁମାର ରାଉତ, ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ପୌର ଉପାଧ୍ୟକ୍ଷ କୈଳାଶ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ରେମୁଣା ଏନଏସି ଚେୟାରମ୍ୟାନ ତନୁଜା ଗିରି, ଉପାଧ୍ୟକ୍ଷ ଏହେସାନ ଖାନ, ରେମୁଣା ବ୍ଲକ ସଭାପତି ଅଭିମନ୍ୟୁ ଦିନ୍ଦା, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସେକ ଅନସର ଅଲ୍ଲୀ, ସୁବୋଧ ମହାନ୍ତି, ସଞ୍ଜୟ ବେହେରା, ଅଶୋକ ଆଦ୍ୟ, ଅଶୋକ ଦାସ, ଧନଞ୍ଜୟ ଜେନା, ଯୁବ ନେତା ଭରତ ଭୂଷଣ ଦାସ ଓ ଉମାଶଙ୍କର ତିଆଡ଼ି, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରଧାନ ପ୍ରମୁଖ ଏସ୍‌ପି ଅଫିସରେ ଉପସ୍ଥିତ ରହି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।








# ‘ରଜ କୁଇନ୍’ ଗ୍ରାଣ୍ଡ ଫିନାଲେରେ ଅନୁଭବ



ଓଡ଼ିଶାର ଲୋକପ୍ରିୟ ମନୋରଞ୍ଜନ ଚ୍ୟାନେଲ୍ ‘ଜୀ ସାର୍ଥକ’ର ବହୁ ଚର୍ଚ୍ଚିତ ରିଆଲିଟି ଶୋ’ ‘ରଜ କୁଇନ୍’ ଆରମ୍ଭ ହୋଇଯାଇଛି । ନିଜର ପ୍ରତିଭା ଓ କଠିନ ପରିଶ୍ରମ ବଳରେ ଶ୍ରେଷ୍ଠ ୧୨ ଜଣ ପ୍ରତିଯୋଗୀ ଏହି ବହୁ ପ୍ରତୀକ୍ଷିତ ଗ୍ରାଣ୍ଡ ଫିନାଲେରେ ପ୍ରବେଶ କରିଛନ୍ତି । ଏହି ମହାମୁକାବିଲା ଚଳିତ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇଯାଇଛି ।

ଏହା ଜୁନ୍ ୨୮ , ଜୁଲାଇ ୪ ଓ ୫ ତାରିଖରେ ରାତି ୯ଟା ୩୦ରେ ଜୀ ସାର୍ଥକରେ ପ୍ରସାରିତ ହେବ । ଫିନାଲେର ପ୍ରଥମ ସପ୍ତାହ ଧମାକାଦାର ହେବ । ଯାହାର ନାମ ରଖାଯାଇଛି ‘ବାଲୁଙ୍ଗା ୱିକେଣ୍ଡ’ । ଏହି ସ୍ୱତନ୍ତ୍ର ସପ୍ତାହରେ ମୁଖ୍ୟ ଆକର୍ଷଣ ସାଜିଛନ୍ତି ଓଲିଉଡ୍ ସୁପରଷ୍ଟାର୍ ଅନୁଭବ ମହାନ୍ତି ଏବଂ ତାଙ୍କ ଚଳଚ୍ଚିତ୍ର ‘ଛକିଶୂନ’ର ସମ୍ପୂର୍ଣ୍ଣ ଟିମ୍ । ଦର୍ଶକଙ୍କ ମନୋରଞ୍ଜନ ପାଇଁ ‘ଛକିଶୂନ’ ଟିମ୍ ପକ୍ଷରୁ ଏକ ଦମ୍‌ଦାର ସ୍ପେଶାଲ୍ ପର୍ଫମାନ୍ସ ଦେଖିବାକୁ ମିଳିବ । ଏହି ରଙ୍ଗାରଙ୍ଗ ଉତ୍ସବରେ ସେଲିବ୍ରିଟି ଗେଷ୍ଟ ଭାବେ ଅଭିନେତ୍ରୀ ଶୀତଲ, ଦିବ୍ୟା ଏବଂ ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱୟମ ପାଢ଼ୀ ଓ ଅନ୍ତରା ଚକ୍ରବର୍ତ୍ତୀ ଯୋଗ ଦେଇ ନିଜ ଦମଦାର ପ୍ରଦର୍ଶନ ସହ ପ୍ରତିଯୋଗୀଙ୍କ ଉତ୍ସାହ ବଢ଼ାଇବେ । କାର୍ଯ୍ୟକ୍ରମରେ ଗ୍ଲାମର୍ ଓ ହସର ମାହୋଲ ସୃଷ୍ଟି କରିବା ପାଇଁ ଅଭିନେତ୍ରୀ ଶିବାନୀ, ଦୀପ୍ତିରେଖା ପାଢ଼ୀ, ଶୁଭାଶିଷ (ମଣ୍ଟୁ) ଏବଂ ଲୋକପ୍ରିୟ ହାସ୍ୟ ଅଭିନେତା କ୍ରିଷ୍ଣା ମଧ୍ୟ ମଞ୍ଚରେ ନିଜ କଳାର ପ୍ରଦର୍ଶନ କରିବେ । ଏହି ଗ୍ରାଣ୍ଡ ଫିନାଲେ ପର୍ଯ୍ୟନ୍ତ ପ୍ରତିଯୋଗୀମାନଙ୍କୁ ପହଞ୍ଚାଇବା ଏବଂ ସେମାନଙ୍କୁ ମଞ୍ଚ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିବାରେ ଜୀ ସାର୍ଥକର ଲୋକପ୍ରିୟ ଧାରାବାହିକର କଳାକାରମାନେ ମେଣ୍ଟର ଭାବେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ‘ତୁ ଖରା ମୁଁ ଛାଇ’ର ଅଭି ଓ ମାନି, ‘ସାଥି ସାତ ଜନ୍ମର’ର ଦେବ୍ ଓ ଅର୍ଚ୍ଚନା, ‘ସୁନା ଝିଅ’ର ସମ୍ଭବ ଓ ବଂଶୁ ଏବଂ ‘ମୁଁ ନୁହେଁ ମୁଁ ତୁମ ବିନା’ର ସାଇ ଓ ଶ୍ରଦ୍ଧାଙ୍କ ଭଳି ପ୍ରତିଷ୍ଠିତ ଯୋଡିମାନେ ପ୍ରତିଯୋଗୀମାନଙ୍କୁ ବିଶେଷ ନିଜର ଅଭିଜ୍ଞତା ଏବଂ ଦିଗଦର୍ଶନ ମାଧ୍ୟମରେ ଆଗକୁ ନେଇଛନ୍ତି ।

# ୪୫ ଡିଗ୍ରୀ ତାପମାତ୍ରାରେ ଗୀତ ସୁଟିଂ



ପରଦା ପଛର କାହାଣୀ

ସୁପରଷ୍ଟାର ଅମିର ଖାନ୍ ନିଜ କ୍ୟାରିୟରରେ ଅନେକ ସୁପରହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି । ତନ୍ମଧ୍ୟରୁ ‘ଲଗାନ’ ଅନ୍ୟତମ । ୨୦୦୧ ମସିହାରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ତାଙ୍କ କ୍ୟାରିୟରରେ ବିରାଟ ପରିବର୍ତ୍ତନ ଆଣିଥିଲା । ଫିଲ୍ମର କାହାଣୀ, ଅଭିନୟ ଏବଂ ଗୀତ ଅଦ୍ୟାବଧି ଲୋକଙ୍କ ମନରେ ଜୀବନ୍ତ ହୋଇରହିଛି । ଫିଲ୍ମର ଏକ ଗୀତ ରହିଛି “ଚଲେ ଚଲୋ....” । ଏହି ଗୀତକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ନିକଟରେ ଫିଲ୍ମରେ ‘ଗୋଲି’ ଚରିତ୍ରରେ ଅଭିନୟ କରିଥିବା ଅଭିନେତା ଦୟାଶଙ୍କର ପାଣ୍ଡେ ଏହି ଗୀତର ସୁଟିଂ ସମୟର କିଛି ସ୍ମରଣୀୟ ମୁହୂର୍ତ୍ତ ପ୍ରକାଶ କରିଛନ୍ତି । ତାଙ୍କ କହିବାନୁଯାୟୀ “ଚାଲେ ଚଲୋ...” ଗୀତଟି ଭୀଷଣ ଗରମରେ ସୁଟିଂ ହୋଇଥିଲା । ଏହି ଗୀତ ସୁଟ୍ କରିବାରେ କଳାକାରମାନେ ଝାଳରେ ଗାଧୋଇ ପଡ଼ିଥିଲେ । ପ୍ରାୟ ୪୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ଏହି ଗୀତ ସୁଟିଂ ହୋଇଥିଲା । ଏପରିକି ସେଟ୍‌ରେ ଡାକ୍ତର ମଧ୍ୟ ଉପସ୍ଥିତ ଥିଲେ । ଗରମ ଏତେ ହେଉଥିଲା ଯେ ଜଣଙ୍କ ପରେ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା । ଏପରିକି ଝାଞ୍ଜି ପବନ ବହିବା ସହ ଧୂଳି ମଧ୍ୟ ପଡୁଥିଲା । ଗୀତରେ ସଂଘର୍ଷର ଦୃଶ୍ୟ ଦେଖାଇବା ପାଇଁ କଳାକାରଙ୍କ ଉପରକୁ ଧୂଳି ମଧ୍ୟ ଫୋପଡ଼ା ଯାଉଥିଲା । ଏଥିରେ ସେମାନଙ୍କ ପରିଶ୍ରମ ସ୍ପଷ୍ଟ ଦୃଶ୍ୟମାନ ହୋଇଥିଲା । ବହୁତ କଷ୍ଟମଷ୍ଟେ ଏହି ଗୀତର ସୁଟିଂ ସମ୍ଭବ ହୋଇଥିଲା । ଏହି ଗୀତ ସୁଟିଂରେ କଳାକାରମାନେ ଏତେ ବିରକ୍ତ ହୋଇଥିଲେ ଯେ, ଶେଷରେ ସେମାନେ ଅମିର୍ ଏବଂ ନିର୍ଦ୍ଦେଶକ ଆଶୁତୋଷ ଗୋୱାରିକରଙ୍କ ଉପରେ ରାଗି ଯାଇଥିଲେ । ଏପରିକି ସେମାନଙ୍କୁ ସ୍ୱାର୍ଥପର ବୋଲି ଭାବି ନେଇଥିଲେ । ହେଲେ ଏସବୁ ଗୀତର ଡିମାଣ୍ଡ ଅନୁସାରେ ସୁଟ୍ ହୋଇଥିଲା । ଆଶୁତୋଷ ଗୋୱାରିକର ଗାଁ ଲୋକଙ୍କ ମୁହଁରେ ସଂଘର୍ଷ ଏବଂ ସାହସ ଦେଖାଇବାକୁ ଚାହୁଁଥିଲେ ।

# ‘ଲାଇନ୍ ବାଲା’ରେ ସମ୍ବିତ ଓ ସ୍ୱପ୍ନାଙ୍କ ଯୋଡ଼ି

ଶ୍ରୀହରି ମୋସନ ପିକ୍‌ଚର୍ସ ପ୍ରସ୍ତୁତ ଓଡ଼ିଆ ଚଳଚ୍ଚିତ୍ର ‘ଲାଇନ୍‌ବାଲା’ ଜୁଲାଇ ୧୦ ତାରିଖରେ ରିଲିଜ୍ ହେବ । ଏହାର ଚିତ୍ରନାଟ୍ୟ, ସଂଳାପ ରଚନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ନିରଞ୍ଜନ ବେହେରା । ମଣିଷ ଜୀବନରେ ଗୋଟେ ଅଂଶ ହେଲା ବିଦ୍ୟୁତ । ମୌଳିକ ଆବଶ୍ୟକ ମଧ୍ୟ କହିପାରିବା । କିନ୍ତୁ ଯେଉଁମାନଙ୍କ ପାଇଁ ଆମେ ସେବା ପାଇଥାଉ ସେମାନଙ୍କୁ କେବେ ସମ୍ମାନ ଦେଉନେ । ମଣିଷ ସମାଜ ସେମାନଙ୍କ ନିଷ୍ଠା, କର୍ତ୍ତବ୍ୟକୁ ଅବହେଳା କରିଚାଲିଛି । ସେମାନେ ଅନ୍ଧାରର ନାୟକ । ସେମାନଙ୍କ ଦୁଃଖ କଷ୍ଟକୁ ଆମେ ସିନେମା ମାଧ୍ୟମରେ ଦେଖେଇବା ପାଇଁ ଚେଷ୍ଟା କରିଛୁ । ସେମାନଙ୍କର ଦୁଃଖ, କଷ୍ଟରେ ସହଭାଗୀ ହେବା ପରିବର୍ତ୍ତେ ସେମାନଙ୍କୁ ଆମେ ନିର୍ଯାତନା ଦେଇଥାଉ । ବିଲ ଟଙ୍କା ମାଗିଲେ ଆମେମାନେ ମାଡ଼ ମାରିବାକୁ ବି ପଛାଉ ନାହୁଁ । ତଥାପି ସେମାନେ ନିଜ କର୍ମକୁ ବ୍ରତ ଭାବି କର୍ମ କରିଥାନ୍ତି । ଏବେ ସମୟ ଆସିଛି ଆମେ ତାଙ୍କୁ ସମ୍ମାନ ଦେବା । ନିର୍ଦ୍ଦେଶକ ନିରଞ୍ଜନ କୁହନ୍ତି, ସୁଟିଂ ସମୟରେ ଆମକୁ ବହୁତ କଷ୍ଟ କରିବାକୁ ପଡ଼ିଛି । ଆମେ ଅପେକ୍ଷା କରିଥାଉ ସଟ୍ ଡାଉନ୍ ହେଲେ ସୁଟିଂ କରିବୁ । କିଛି ଆର୍ଟିଷ୍ଟ ଖୁଣ୍ଟି ଉପରେ ଚଢ଼ି ଅଭିନୟ କରିଛନ୍ତି । ଅବଶ୍ୟ ପ୍ରଯୋଜକ ସୁଶାନ୍ତ ସାର୍ ସବୁ ବ୍ୟବସ୍ଥା କରିଥିଲେ । ଯେହେତୁ ଏହା ସତ କାହାଣୀ ଥିଲା ପ୍ରଯୋଜକ ସବୁ ସେଟ୍‌ରେ ରହୁଥିଲେ । ସିନେମାକୁ ବାସ୍ତବଧର୍ମୀ କରିବାକୁ ଆମେ କିଛି ଥିଏଟର ଆର୍ଟିଷ୍ଟ ନେଇଛୁ । ସେମାନେ ଭଲ ଅଭିନୟ କରିଛନ୍ତି । ବୈଦ୍ୟନାଥ ଦାଶଙ୍କ ଗୀତ ସହିତ ସିନେପ୍ରେମୀମାନେ ଏକ ମୌଳିକ କାହାଣୀ ସହିତ କିଛି ଶିକ୍ଷଣୀୟ କଥା ଏହି ସିନେମାରେ ଦେଖିବେ ।



## ଟେଲିଭିଜନ ପ୍ରିମିୟର

# ରଙ୍ଗଶୂର

ଆଜି ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଓଡ଼ିଶାର ସମୃଦ୍ଧ ଲୋକକଳା ‘ବାଘ ନାଚ’ ଏବଂ ନାରୀ ସଶକ୍ତୀକରଣକୁ ନେଇ ନିର୍ମିତ ବହୁ ପ୍ରତୀକ୍ଷିତ ଡ୍ରାମା-ଥ୍ରୀଲର ଚଳଚ୍ଚିତ୍ର ‘ରଙ୍ଗଶୂର’ର ଟେଲିଭିଜନ ପ୍ରିମିୟର ହେବ । ଏକ ସାମାଜିକ ବାର୍ତ୍ତା ସହ ଦର୍ଶକଙ୍କୁ ଏକ ଅଭିନବ ଚଳଚ୍ଚିତ୍ର ଭେଟି ଦେବାକୁ ପ୍ରସ୍ତୁତି ଶେଷ ହୋଇଛି । ଆଗରୁ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ଦର୍ଶକଙ୍କ ଅନେକ ଭଲ ପାଇବା ସାଉଁଟିଥିଲା । ଏହାର କାହାଣୀ ଏକ ଗାଁର ବାପା ଓ ଝିଅଙ୍କ ସମ୍ପର୍କ ଏବଂ କଳା ପ୍ରତି ସମର୍ପଣକୁ ନେଇ ଗତିଶୀଳ । ବାପା ଜଣେ ପାରମ୍ପରିକ ବାଘ ନାଚ କଳାକାର ହୋଇଥିବା ବେଳେ ଝିଅ ଏହି ଲୁପ୍ତପ୍ରାୟ କଳାକୁ ଆଗକୁ ବଢ଼ାଇ ଏହାର ଉତ୍ତରାଧିକାରୀ ହେବାକୁ ସ୍ୱପ୍ନ ଦେଖୁଛି । କିନ୍ତୁ ସମାଜର ରକ୍ଷଣଶୀଳ ଚିନ୍ତାଧାରା ଅନୁଯାୟୀ ଏହି କଳା କେବଳ ପୁରୁଷମାନେ ହିଁ ପରିବେଷଣ କରିପାରିବେ । ଏହି ସାମାଜିକ ପ୍ରଥା ଓ ଲିଙ୍ଗଗତ ବାଧାବିଘ୍ନ ବିରୋଧରେ ଝିଅର ସଂଘର୍ଷ ଏବଂ ବିଦ୍ରୋହ କାହାଣୀରେ ମୁଖ୍ୟ ବିନ୍ଦୁ ସାଜିଛି । ପ୍ରତାପ ରାଉତଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଛନ୍ତି ସୂର୍ଯ୍ୟମୟୀ ମହାପାତ୍ର , ଚୌଧୁରୀ ଜୟପ୍ରକାଶ ଦାସ, ଦୀପନ୍ୱିତ ଦାଶମହାପାତ୍ର, ସମରେଶ ରାଉତରାୟ, ଶୁଭାଶିଷ ଶର୍ମା, ଜ୍ୟୋତି ରଞ୍ଜନ ନାୟକ, ସୁଶାନ୍ତ ଦାସ ମହାପାତ୍ର ଏବଂ ଶୁଭଶ୍ରୀ ଜେନା । ମୁନ୍ ଟିଭି ଆସୋସିଏସନ୍ ଏବଂ ପ୍ରକାଶ ଫିଲ୍ମସ ଓ ମାକ୍ସିମିନିଆ ଫିଲ୍ମସର ଏହି ଚଳଚ୍ଚିତ୍ରର କାହାଣୀ ଲେଖିଛନ୍ତି ହିମାଂଶୁ ରାଜ, ଉମଙ୍ଗ ଏବଂ ଶତ୍ରୁଘ୍ନ କୁମାର । ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ।



## ସା କ୍ଷା ତ କା ର

# ‘ପ୍ରଥମ ପାରିଶ୍ରମିକରେ ଋଣ ଶୁଝିଥିଲି’

ଚିନ୍ମୟ ମହାନ୍ତି, ଅଭିନେତା



ମଞ୍ଚ ନାଟକ ଦର୍ଶକ ଓ କଳାକାରଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ କରେ । ସେ ମଞ୍ଚନାଟକ କରୁଥିଲେ । ଅନେକ ମଞ୍ଚରେ ଜୀବନ୍ତ ଅଭିନୟ କରି ପ୍ରଶଂସିତ ହେବା ପରେ ସେ ଟାଣି ହୋଇ ଆସିଲେ ଅଭିନୟ ଦୁନିଆକୁ । ‘ଆହେ ନୀଳ ଶୈଳ’ ନାଟକର ଜଗୁନି ଚରିତ୍ର ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି । ସେ ହେଉଛନ୍ତି ଯାଜପୁର ଟାଉନ୍‌ର ଚିନ୍ମୟ ମହାନ୍ତି । ‘ମୋ ଦେହେ ବୋଳିଦେ ତୋ ଦେହ କଳା’ ତାଙ୍କର ପ୍ରଥମ ଅଭିନୀତ ଧାରାବାହିକ । ଏବେ ସେ ‘ସାଥି ସାତ ଜନ୍ମର’ ଧାରାବାହିକରେ ଅଭିନୟ କରୁଛନ୍ତି । ତେବେ ଚିନ୍ମୟଙ୍କ ମୁହଁରୁ ଜାଣିବା ତାଙ୍କ ସଂଘର୍ଷର କାହାଣୀ ।

**ମଞ୍ଚ ଅଭିନେତାରୁ ଧାରାବାହିକରେ ଅଭିନୟ କରିବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ୨୦୧୭ ମସିହାରେ ମୋତେ ଜଣେ ଅଭିନୟ ବିଷୟରେ କହିବା ପରେ ଏହି ଲାଇନ୍‌ରେ ଯିବାକୁ ଇଚ୍ଛା ରଖି ମୁଁ ବମ୍ବେ ଗଲି । ଅନୁପମ ଖେର୍ ଆକ୍ଟିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ମୁଁ ପାସ୍ ଆଉଟ୍ । ଥିଏଟର୍ କରୁଥିଲି । ‘ରେବତୀ’, ‘ସାହାଯ୍ୟକାରିଣୀ’, ‘ଆହେ ନୀଳ ଶୈଳ’, ‘ଅଦୃଶ୍ୟ ନଟ’, ‘ଅଶ୍ୱତ୍ଥାମା’, ‘ବିଷକନ୍ୟା’ ଆଦି ଅନେକ ମଞ୍ଚ ନାଟକରେ ଅଭିନୟ କରିଛି । ‘ଆହେ ନୀଳ ଶୈଳ’ର ‘ଜଗୁନି’ ଚରିତ୍ର ମୋତେ ସ୍ୱତନ୍ତ୍ର ପରିଚୟ ଦେଇଛି । ତେବେ ଥିଏଟର କରିବା ସମୟରେ ଜଣେ ନିର୍ଦ୍ଦେଶକ ମୋତେ ଧାରାବାହିକରେ କାମ କରିବାକୁ ସୁଯୋଗ ଦେଇଥିଲେ । ମଞ୍ଜରୀ ଚ୍ୟାନେଲ୍‌ର ‘ମୋ ଦେହେ ବୋଳିଦେ ତୋ ଦେହ କଳା’ ମୋର ପ୍ରଥମ ଧାରାବାହିକ । ଏଥିରେ ନାୟିକାଙ୍କ ଦିଅର ‘ଦେବ’ ଚରିତ୍ର ମୋତେ ମିଳିଥିଲା । ଏହାପରେ ମୁଁ ‘ଅନୁରାଧା’ ଆଉ ଏବେ ‘ସାଥି ସାତ ଜନ୍ମର’ ଧାରବାହିକରେ ଅଭିନୟ ଜାରି ରଖିଛି ।

**ତାଲିମ ନେବା ପରେ ଅଭିନୟ କରିବାକୁ ସହଜ ହୋଇଛି କି?**

● ଆଜ୍ଞା, ବହୁତ ସହଜ ହୋଇଛି । ମଞ୍ଚରେ ଦର୍ଶକଙ୍କୁ କେମିତି ସାମ୍ନା କରିବାକୁ ହୁଏ, ଜୀବନ୍ତ ଅଭିନୟ, ଭୟ କେମିତି ଛାଡ଼ିବ ସବୁକିଛି ଶିଖାଯାଉଥିଲା । ଯାହାକି ଏବେ ମୋତେ ଏହି ଲାଇନ୍‌ରେ ଆଗକୁ ବଢ଼ିବାକୁ ସାହସ ଦେଉଛି ।

**ପ୍ରଥମେ କ୍ୟାମେରାକୁ ସାମ୍ନା କରିବାର ଅନୁଭୂତି?**

● ଥିଏଟର ଏବଂ କ୍ୟାମେରା ଫର୍ମାଟ୍ ସମ୍ପୂର୍ଣ୍ଣ ଅଲଗା । ମଞ୍ଚରେ ଅଭିନୟ କରିବାକୁ ମୁଁ ସହଜ ଅନୁଭବ କରେ । ହେଲେ କ୍ୟାମେରା ସାମ୍ନାରେ ପ୍ରଥମେ ଟିକେ ଭୟ ଲାଗିଥିଲା । କ୍ୟାମେରା, ଟେକ୍ ଏବଂ ଓକେ ଅନୁସାରେ କାମ କରିବାକୁ ହେଉଥିବାରୁ କ୍ୟାମେରା ସାମ୍ନାରେ ସହଜ ହେବାକୁ ମୋତେ ଗୋଟିଏ ମାସ ସମୟ ଲାଗିଥିଲା ।

**କେଉଁ ଚରିତ୍ର ଆପଣଙ୍କୁ ଅଧିକ ଦର୍ଶକୀୟ ପ୍ରଶଂସା ଦେଇଛି?**

● ‘ମୋ ଦେହେ ବୋଳିଦେ ତୋ ଦେହ କଳା’ ଧାରାବାହିକର ‘ଦେବ’ ଚରିତ୍ରକୁ ଦର୍ଶକ ବହୁତ ଭଲ ପାଇବା ଦେଇଥିଲେ । ଏଥିରେ ଅଭିନୟ କରିବାର ମାତ୍ର ୧୫ ଦିନ ପରେ ଦର୍ଶକଙ୍କ ପ୍ରତିକ୍ରିୟା ମିଳିପାରିଥିଲା । ଦର୍ଶକଙ୍କ ଭଲ ପାଇବା ମୋତେ ଆଗକୁ ଦେବାକୁ ପ୍ରେରଣା ଯୋଗାଇଥିଲା ।

**ପ୍ରଥମ ପାରିଶ୍ରମିକରେ କ’ଣ କରିଥିଲେ?**

● ଅଭିନୟ ଜଗତରେ ଅନେକ ସଂଘର୍ଷ କରିବାକୁ ପଡ଼ିଥିଲା । ପ୍ରଥମ ପାରିଶ୍ରମିକରୁ ମୁଁ ମୋର ସବୁ ଋଣ ଶୁଝି ଥିଲି ।

**ଭଲ ଅଭିନୟ ପ୍ରଦର୍ଶନ କରିବାକୁ କ’ଣ କରନ୍ତି?**

● ଦର୍ଶକ ଆମକୁ ପରଦା ଉପରେ ଦେଖୁଛନ୍ତି । ତେଣୁ ଅଭିନୟ ସହିତ ଜଣେ କଳାକାରର ଶରୀର ଗଠନ, ଅଙ୍ଗଭଙ୍ଗୀ, ଭାବଭଙ୍ଗୀ, ଚରିତ୍ରକୁ ସୁହାଇଲା ପରି ସଂଳାପ ଆଦି ବହୁତ ଦିଗକୁ ଧ୍ୟାନ ଦିଏ । ମୁଁ ମୋ ଚରିତ୍ରକୁ ଜୀବନ୍ତ କରିବାକୁ ଚତୁଃପାର୍ଶ୍ୱର ସମସ୍ତଙ୍କଠାରୁ କିଛି ନା କିଛି ଶିଖି ତାହାକୁ ଅଭିନୟ ସହିତ ସଂଯୋଗ କରେ । ଏହାଦ୍ୱାରା ଅଭିନୟ ଜୀବନ୍ତ ଲାଗେ ।

**ଆଗାମୀ ଯୋଜନା କ’ଣ ରହିଛି?**

● ଏବେ ଧାରାବାହିକରେ କାମ ଚାଲିଛି । ଆଗକୁ ସୁଯୋଗ ମିଳିଲେ ମୁଁ ବଡ଼ ପରଦାରେ କାମ କରିବି । ଥିଏଟର କେବେ ବି ଛାଡ଼ିବିନି । କାରଣ ଥିଏଟରର ମଜା ସବୁବେଳେ ରହିବ ।

**ଅଭିନୟରେ ରୁଚି ରଖୁଥିବା ପିଲାଙ୍କୁ କ’ଣ କହିବେ?**

● ଯେଉଁମାନେ ବି ଏଲାଇନ୍‌କୁ ଆସିବାକୁ ଚାହୁଁଛନ୍ତି ଆଗେ ଶିଖିକରି ଆସନ୍ତୁ । କେଉଁଠି ନା କେଉଁଠି ତାଲିମ ନିଅନ୍ତୁ । କାରଣ ସୋସିଆଲ୍ ମିଡିଆ, ରିଲ୍ସ ଏହା ତତ୍‌କ୍ଷଣାତ ଲୋକପ୍ରିୟତା ଦେବ । ହେଲେ ଏହା କିଛି କ୍ଷଣ ପାଇଁ । ସେଥିପାଇଁ ପ୍ରସ୍ତୁତ ହୋଇ ଆସନ୍ତୁ । ଅଭିନୟ ଜରିଆରେ କିପରି ଲୋକଙ୍କୁ ସଚେତନ କରିପାରିବେ ଓ ଦର୍ଶକଙ୍କ ଭଲ ପାଇବା ପାଇବେ ତାହାକୁ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ ।






# ବେଲ୍‌ଜିୟମ୍ ନଂ-୧, ଇଜିପ୍ଟ-୨

ଭାଙ୍କୋଭର,୨୭।୬(ଏଜେନ୍ସି): ଉତ୍ସାହୀ ନ୍ୟୁଜିଲାଣ୍ଡକୁ ୫-୧ ଗୋଲରେ ପରାସ୍ତ କରି ବେଲଜିୟମ ଗ୍ରୁପ୍-ଜି'ରେ ପ୍ରଥମ ସ୍ଥାନ ଅଧିକାର କରିଛି । ଏହି ମ୍ୟାଚ୍‌ରେ ଦଳ ପକ୍ଷରୁ ଲିଆଣ୍ଡ୍ରୋ ଟ୍ରୋସାଦ ୨ଟି, ଭେଟେରାନ କେଭିନ୍ ଡି ବ୍ରୁଇନ୍, ରୋମେଲୁ ଲୁକାକୁ ଓ ଆଲେକ୍ସିସ୍ ସାଇଲେ ମାଇକର୍ସ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଏଲିଜା ଜଷ୍ଟ ଗୋଟିଏ ଗୋଲ ଶୁଝାଇବାରେ ସଫଳ ହୋଇଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଇଜିପ୍ଟ ସହ ଇରାନ ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି। ଫଳରେ ବେଲଜିୟମ ପଛକୁ ଇଜିପ୍ଟ ଦ୍ୱିତୀୟ ଦଳ ଭାବେ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ୩ଟି ଡ୍ର ମ୍ୟାଚ୍‌ରୁ ୩ ପଏଣ୍ଟ ପାଇଥିବା ଇରାନ ଏବେ ଅନ୍ୟ ଦଳର ପ୍ରଦର୍ଶନ ଉପରେ ନକ୍‌ଆଉଟରେ ଖେଳିବ କି ନାହିଁ ତାହା ସ୍ଥିର ହେବ। ସମସ୍ତ ୩ଟି ଯାକ ମୁକାବିଲାରେ ଇରାନ ଚାପରେ ରହି ଖେଳିଥିଲା।

# ସେନେଗାଲ୍‌ର ବୃହତ୍ ବିଜୟ

ଟରଣ୍ଟୋ, ୨୭।୬ (ଏଜେନ୍ସି): ବଦଳ ଖେଳାଳି ପାପେ ଗୁୟେଙ୍କ ଡବଲ ଗୋଲ୍ ଜରିଆରେ ଏଠାରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ଗ୍ରୁପ୍-ଜି'ର ଅନ୍ୟ ଏକ ମ୍ୟାଚ୍‌ରେ ସେନେଗାଲ ୫-୦ ଗୋଲରେ ଇରାକ୍‌କୁ ପରାସ୍ତ କରିଛି। ବୃହତ୍ ବିଜୟ ସତ୍ତ୍ୱେ ସେନେଗାଲ୍ ଗ୍ରୁପ୍‌ରେ ତୃତୀୟ ସ୍ଥାନରେ ରହିଛି। କିନ୍ତୁ ଦଳ ଗୋଟିଏ ମ୍ୟାଚ୍ ଜିତିଥିବାରୁ ନକ୍‌ଆଉଟ ଖେଳିବାର ସମ୍ଭାବନା ରହିଛି। ବିଜୟୀ ସେନେଗାଲ୍ ପକ୍ଷରୁ ଏଚ୍ ଡିଆରା, ଆଇ ସାର ଓ ଆଇ ନିଦାୟେ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଅନ୍ୟପକ୍ଷରେ ଇରାକ୍ ସମସ୍ତ ମ୍ୟାଚ୍‌ରେ ପରାଜିତ ହୋଇ ନକ୍‌ଆଉଟ ପୂର୍ବରୁ ବାଦ୍ ପଡ଼ିଛି।

# ପାକିସ୍ତାନକୁ ପୁଣି ହରାଇଲା ଭାରତ

ଲଣ୍ଡନ, ୨୭।୬ (ଏଜେନ୍ସି): ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ପାକିସ୍ତାନ ବିପକ୍ଷରେ କ୍ରମାଗତ ବିଜୟ ହାସଲ କରିଛି ଭାରତ। ଗତକାଲି ଏକ ମ୍ୟାଚରେ ଭାରତ ୭-୧ ଗୋଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ସୁଖଜିତ୍ ସିଂହ, ହରମନପ୍ରୀତ୍, ହାର୍ଦ୍ଦିକ ସିଂହ, ଜୁଗରାଜ ସିଂହ, ଅଭିଷେକ, ରାଜକୁମାର ପାଲ୍ ଓ ଦିଲପ୍ରୀତ୍ ସିଂହ ପ୍ରତ୍ୟେକ ଗୋଟିଏ ଗୋଲ୍‌ସ୍କୋର କରିଥିଲେ। ଏଥିପୂର୍ବରୁ ଜୁନ ୨୩ରେ ମଧ୍ୟ ଭାରତଠାରୁ ୪-୩ ଗୋଲରେ ପାକିସ୍ତାନ ପରାସ୍ତ ହୋଇଥିଲା।

ସବୁଠୁ ଛୋଟିଆ ଦେଶ

# ନକ୍‌ଆଉଟ ଖେଳିବ କେପ୍ ଭର୍ଡ

ହଷ୍ଟନ/ଜାପୋପାନ, ୨୭।୬ (ଏଜେନ୍ସି):



ଫିଫା ବିଶ୍ୱକପ୍ ଇତିହାସରେ ସବୁଠୁ କ୍ଷୁଦ୍ରତମ ତଥା ଛୋଟିଆ ଦେଶ ଭାବେ କେପ୍ ଭର୍ଡ ନକ୍‌ଆଉଟ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଚଳିତ ଫିଫା ବିଶ୍ୱକପ୍‌ରେ ଗ୍ରୁପ୍-ଏଚ୍‌ରେ ସ୍ଥାନ ପାଇଥିବା କେପ୍ ଭର୍ଡ ଏହାର ଅନ୍ତିମ ତଥା ୩ୟ ଗ୍ରୁପ୍ ମ୍ୟାଚରେ ସାଉଦୀ ଆରବକୁ ଭେଟିଥିଲା। ଶନିବାର ସକାଳେ ଖେଳାଯାଇଥିବା ଏହି ମ୍ୟାଚ୍ ଗୋଲ୍‌ଶୂନ୍ୟ ଭାବେ ଡ୍ର ରହିଥିଲା। କେପ୍ ଭର୍ଡ ଏହାର ଡିଫେନ୍ସକୁ ମଜଭୁତ କରି ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ସଫଳ ହୋଇଥିଲା। ସପ୍ତମ ପ୍ରୟାସରେ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ଏହି କେପ୍ ଭର୍ଡ ତାହାର ସମସ୍ତ ୩ଟି ଯାକ ଗ୍ରୁପ୍ ମ୍ୟାଚ୍ ଡ୍ର ରଖି ନକ୍‌ଆଉଟକୁ ଉନ୍ନୀତ ହୋଇଛି। ଫଳରେ ଫିଫା ବିଶ୍ୱକପ୍ ଇତିହାସରେ ନକ୍‌ଆଉଟ ଖେଳିବାରେ ପଦାର୍ପଣକାରୀ କେପ୍ ଭର୍ଡ ସବୁଠୁ ଛୋଟିଆ ଦେଶ ହୋଇଛି। ଏହି ଆଫ୍ରିକୀୟ ରାଷ୍ଟ୍ରର ଲୋକସଂଖ୍ୟା ୫ ଲକ୍ଷ ୩୦ ହଜାର ରହିଛି। ନକ୍‌ଆଉଟ୍ ତଥା ରାଉଣ୍ଡ-୩୨ରେ କେପ ଭର୍ଡର ମୁକାବିଲା ଆର୍ଜେଣ୍ଟିନା ସହ ହେବ।

ଅପରପକ୍ଷରେ ଶନିବାର ଖେଳାଯାଇଥିବା ଗ୍ରୁପ୍-ଏଚ୍‌ର ଅନ୍ୟ ଏକ ମ୍ୟାଚରେ ଉରୁଗୁଏକୁ ୧-୦ ଗୋଲରେ ହରାଇ ସ୍ପେନ ପ୍ରଥମ ସ୍ଥାନରେ ରହି ବିଶ୍ୱକପ୍‌ର ନକ୍‌ଆଉଟରେ ସ୍ଥାନ ପକ୍କା କରିଛି। ଜାପୋନାନରେ ଖେଳାଯାଇଥିବା ମ୍ୟାଚରେ ସ୍ପେନର ଖେଳାଳିମାନେ ଅତ୍ୟନ୍ତ ଚତୁର ଖେଳ ପ୍ରଦର୍ଶନ କରିଥିଲେ। ପ୍ରତିପକ୍ଷ ଉରୁଗୁଏ ଗୋଲରକ୍ଷକ ଫର୍ଣ୍ଣାଣ୍ଡୋ ମୁସେଲିରାଙ୍କୁ ବିଟ୍ କରି ସ୍ପେନ୍‌ର ଆଲେକ୍ସ ବାୟେନା ମ୍ୟାଚ୍‌ରେ ଏକମାତ୍ର ଗୋଲ ଦେଇଥିଲେ। ପରାଜୟ ସହ ଦୁଇଥରର ଚାମ୍ପିଅନ ଉରୁଗୁଏ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛି।

## ବିଶ୍ୱକପ୍ ପଏଣ୍ଟ ଟେବଲ

| ଟିମ୍ | ମ୍ୟା | ବି | ଡ୍ର | ପ | ଗୋଫ | ପ |
|---|---|---|---|---|---|---|
| ଗ୍ରୁପ୍-ଜି' | | | | | | |
| ବେଲଜିୟମ | ୩ | ୧ | ୨ | ୦ | ୪ | ୫ |
| ଇଜିପ୍ଟ | ୩ | ୧ | ୨ | ୦ | ୨ | ୫ |
| ଇରାନ | ୩ | ୦ | ୩ | ୦ | ୦ | ୩ |
| ନ୍ୟୁଜିଲାଣ୍ଡ | ୩ | ୦ | ୧ | ୨ | -୬ | ୧ |
| ଗ୍ରୁପ୍-ଏଚ' | | | | | | |
| ସ୍ପେନ | ୩ | ୨ | ୧ | ୦ | ୫ | ୭ |
| କେପ ଭର୍ଡ | ୩ | ୦ | ୩ | ୦ | ୦ | ୩ |
| ଉରୁଗୁଏ | ୩ | ୦ | ୨ | ୧ | -୧ | ୨ |
| ସା.ଆରବ | ୩ | ୦ | ୨ | ୧ | -୪ | ୨ |
| ଗ୍ରୁପ୍-ଆଇ' | | | | | | |
| ଫ୍ରାନ୍ସ | ୩ | ୩ | ୦ | ୦ | ୮ | ୯ |
| ନରୱେ | ୩ | ୨ | ୦ | ୧ | ୧ | ୬ |
| ସେନେଗାଲ | ୩ | ୧ | ୦ | ୨ | ୨ | ୩ |
| ଇରାକ | ୩ | ୦ | ୦ | ୩ | -୧୧ | ୦ |

ବିଦ୍ର: ମ୍ୟା-ମ୍ୟାଚ୍, ବି-ବିଜୟ, ପ-ପରାଜୟ, ଗୋଫ- ଗୋଲ ଫରକ, ପ- ପଏଣ୍ଟ।

# ପର୍ତ୍ତୁଗାଲକୁ ନକ୍‌ଆଉଟ ଯୋଗ୍ୟତା

ଡଲାସ,୨୭।୬(ଏଜେନ୍ସି): ପର୍ତ୍ତୁଗାଲ ଓ ଅନ୍ୟ କିଛି ଦେଶ ସେମାନଙ୍କ ଶେଷ ରାଉଣ୍ଡ ବିଶ୍ୱକପ୍ ଲିଗ୍ ମ୍ୟାଚ୍ ଖେଳିବା ପୂର୍ବରୁ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ୪ ପଏଣ୍ଟ ପାଇଥିବା କିଛି ଦଳ ଅନ୍ୟ ଗ୍ରୁପ୍‌ର ମ୍ୟାଚ୍ ଫଳାଫଳରୁ ନକ୍‌ଆଉଟ ଯାଇଛନ୍ତି। ସେହି ଦେଶଗୁଡିକ ମଧ୍ୟରେ ପର୍ତ୍ତୁଗାଲ, ଇଂଲଣ୍ଡ, ଇଜିପ୍ଟ, ଘାନା ଓ ପାରାଗୁଏ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ ମଧ୍ୟ ନକ୍‌ଆଉଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପର୍ତ୍ତୁଗାଲ କ୍ରମାଗତ ତୃତୀୟଥର ଲାଗି ନକ୍‌ଆଉଟରେ ଖେଳିବ।

# ଆଜିଠୁ ନକ୍‌ଆଉଟ୍

ଲସ ଆଞ୍ଜେଲ୍ସ, ୨୭।୬ (ଏଜେନ୍ସି): ଚଳିତ ଫିଫା ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହୋଇଯାଇଛି। ରବିବାର ରାତିରୁ ନକ୍‌ଆଉଟ୍ ଅର୍ଥାତ୍ ରାଉଣ୍ଡ ଅଫ୍ ୩୨ ପର୍ଯ୍ୟାୟ ଆରମ୍ଭ ହେବ। ନକ୍‌ଆଉଟ୍‌ର ପ୍ରଥମ ମ୍ୟାଚରେ ଦକ୍ଷିଣ ଆଫ୍ରିକା ସହ କାନାଡାର ମୁକାବିଲା ହେବ। ଏହି ମ୍ୟାଚ୍ ଲସ୍ ଆଞ୍ଜେଲ୍ସରେ ରାତି ୧୨ଟା ୩୦ ମିନିଟରେ ଖେଳାଯିବ।

ଆରମ୍ଭ: ରାତି ୧୨ଟା ୩୦

ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

# ଡେମ୍ବେଲେଙ୍କ ଦ୍ରୁତତମ ହ୍ୟାଟ୍ରିକ୍

ଫକ୍ସବରୋ,୨୭।୬(ଏଜେନ୍ସି): ତାରକା ଖେଳାଳି ଓଉସମାନେ ଡେମ୍ବେଲେଙ୍କ ବିଶ୍ୱକପ୍‌ରେ ଦ୍ୱିତୀୟ ଦ୍ରୁତତମ ହ୍ୟାଟ୍ରିକ୍ ଗୋଲ ବଳରେ ଏଠାରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏକ ମୁକାବିଲାରେ ଫ୍ରାନ୍ସ ୪-୧ ଗୋଲରେ ନରୱେକୁ ପରାସ୍ତ କରିଛି। ଏଥିସହ ଫ୍ରାନ୍ସ ଗ୍ରୁପ୍‌ରେ ସମସ୍ତ ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ୯ ପଏଣ୍ଟ ସହ ଶୀର୍ଷ ସ୍ଥାନ ହାସଲ କରିଛି। ବାଲନ ଓ' ଡିଓର ପୁରସ୍କାର ବିଜେତା ଷ୍ଟ୍ରାଇକର ଡେମ୍ବେଲେ ଖେଳର ୭ମ, ୨୦ତମ ଓ ୨୭ତମ ମିନିଟ୍‌ରେ ଗୋଲ ସ୍କୋର କରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ତାଙ୍କ ପୂର୍ବରୁ ୧୯୫୪ ବିଶ୍ୱକପ୍‌ରେ ଅଷ୍ଟ୍ରିଆର ଏରିକ୍ ପ୍ରୋବ୍ସଟ ମାତ୍ର ୨୪ ମିନିଟ୍ ମଧ୍ୟରେ ହ୍ୟାଟ୍ରିକ୍ ଅର୍ଜନ କରି ଦ୍ରୁତତମ ହ୍ୟାଟ୍ରିକ ଅର୍ଜନ କରିଥିଲେ। ନରୱେ ପକ୍ଷରୁ ଜୋର୍ଗେନ ଷ୍ଟ୍ରାଣ୍ଡ ଗୋଟିଏ ଗୋଲ ଶୁଝାଇଥିଲେ। ଷ୍ଟପେଜ୍ ଟାଇମ୍‌ରେ ଡିଜାୟର ଡୋଉ ଫ୍ରାନ୍ସ ପକ୍ଷରୁ ଚତୁର୍ଥ ଗୋଲ ସ୍କୋର କରିଥିଲେ। ସମସ୍ତ ମ୍ୟାଚ୍ ଜିତିଥିବା ଫ୍ରାନ୍ସ ରାଉଣ୍ଡ ଅଫ୍ ୩୨ ତଥା ନକ୍‌ଆଉଟରେ ସ୍ୱିଡେନ ସହ ମୁକାବିଲା କରିବ। ସେହିପରି ଦ୍ୱିତୀୟ ସ୍ଥାନରେ ଥିବା ନରୱେ ସହ ଆଇଭରୀ କୋଷ୍ଟର ରାଉଣ୍ଡ ଅଫ୍ ୩୨ରେ ମୁକାବିଲା ହେବ।



# ଫିଡେ ୧୦ ବର୍ଷରୁ କମ୍ ବିଶ୍ୱକପ୍‌ରେ ସୌମ୍ୟଙ୍କୁ କାଂସ୍ୟ



ଭୁବନେଶ୍ୱର, ୨୭।୬ (ସମିସ): ଓଡ଼ିଆ ଶିଶୁ ଚେସ ଖେଳାଳି ସାତ୍ତ୍ୱିକ ସ୍ୱାଇଁ ପୁଣିଥରେ ଦେଶ ଏବଂ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟଗୋଷ୍ଠୀ ପରେ ସାତ୍ତ୍ୱିକ ଏବେ ବିଶ୍ୱକପରେ ମଧ୍ୟ ପଦକ ଜିତିଛନ୍ତି। ଜର୍ଜିଆରେ ଉଦଯାପିତ ହୋଇଥିବା ଫିଡେ ୧୦ ବର୍ଷରୁ କମ୍ ଚେସ ବିଶ୍ୱକପରେ ସାତ୍ତ୍ୱିକ ଓପନ୍ ବିଭାଗରେ ଚମତ୍କାର ପ୍ରଦର୍ଶନ କରି କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଶେଷ ରାଉଣ୍ଡରେ ଡ୍ର ହୋଇ ଯିବାରୁ ସାତ୍ତ୍ୱିକ ସ୍ୱର୍ଣ୍ଣ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। କିନ୍ତୁ ବ୍ରୁକୋଲୋଜରେ ସେ କାଂସ୍ୟ ପଦକ ଜିତିଥିଲେ। ସାତ୍ତ୍ୱିକ ବର୍ତ୍ତମାନ କିଙ୍ଗ ଚେସ ସେଣ୍ଟର୍‌ରେ ପ୍ରଶିକ୍ଷଣ ନେଉଛନ୍ତି। ଏହି ଅବସରରେ ବରିଷ୍ଠ ଚେସ କୋଚ୍ ବିଶ୍ୱଜିତ୍ ରାୟ, ରାଜ୍ୟ ଚେସ ସଂଘର ସମସ୍ତ କର୍ମକର୍ତ୍ତା, ଟ୍ରିପଲ ସି ଚେସ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଉପସଭାପତି ଅର୍ଘ୍ୟ ଅର୍ପଣ ପରିଡ଼ା, କୋଚ୍ ପ୍ରଶାନ୍ତ ଜେନା ପ୍ରମୁଖ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସିରିଜ ବଞ୍ଚାଇବା ଲକ୍ଷ୍ୟରେ ଟିମ୍ ଇଣ୍ଡିଆ

ବେଲ୍‌ଫାଷ୍ଟ, ୨୭।୬ (ଏଜେନ୍ସି): ଆୟର୍ଲାଣ୍ଡ ଗସ୍ତରେ ଥିବା ଭାରତୀୟ ପୁରୁଷ କ୍ରିକେଟ୍ ଦଳ ଏହାର ଅନ୍ତିମ ତଥା ଦ୍ୱିତୀୟ ଟି-୨୦ ମ୍ୟାଚ୍ ରବିବାର ଖେଳିବ। ସ୍ଥାନୀୟ ସିଭିଲ ସର୍ଭିସ କ୍ରିକେଟ୍ ଗ୍ରାଉଣ୍ଡରେ ସନ୍ଧ୍ୟା ୬ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ। ଶୁକ୍ରବାର ଖେଳାଯାଇଥିବା ସିରିଜର ପ୍ରଥମ ମୁକାବିଲାରେ ଘରୋଇ ଆୟର୍ଲାଣ୍ଡ ୩୪ ରନରେ ଭାରତକୁ ହରାଇ ଐତିହାସିକ ବିଜୟ ଲାଭ କରିଥିଲା। ଟି-୨୦ ଇତିହାସରେ ଭାରତ ବିପକ୍ଷରେ ଆୟର୍ଲାଣ୍ଡର ଏହା ପ୍ରଥମ ବିଜୟ ଥିଲା। ଘରୋଇ ଦଳ ଏବେ ରବିବାର ଦ୍ୱିତୀୟ ମ୍ୟାଚରେ ମଧ୍ୟ ଆଉ ଏକ ବିପର୍ଯ୍ୟୟ ଘଟାଇବା ଲକ୍ଷ୍ୟରେ ରହିଛି। ଯଦି ଆୟର୍ଲାଣ୍ଡ ବିଜୟୀ ହୁଏ ତେବେ ସିରିଜ ମଧ୍ୟ କବଜା କରିବ। ଯାହାକି ଶ୍ରେୟସ ଆୟରଙ୍କ ନେତୃତ୍ୱଧୀନ ଟିମ୍ ଇଣ୍ଡିଆ ପାଇଁ ଏକ ବଡ଼ ଝଟକା ହେବ। ଆୟରଙ୍କ ନେତୃତ୍ୱରେ ପ୍ରଥମଥର ଲାଗି ଟି-୨୦ ଖେଳୁଥିବା ଭାରତ ଏବେ ସମ୍ମାନ ବଞ୍ଚାଇବା ଲାଗି ଆପ୍ରାଣ ଉଦ୍ୟମ କରିବ। ପ୍ରଥମ ମ୍ୟାଚରେ ଆୟରଙ୍କ ସହ ସଞ୍ଜୁ ସାମସନ, ଇଶାନ କିଶାନ, ତିଳକ ବର୍ମା ପ୍ରମୁଖ ନିରାଶ କରିଥିଲେ। ଅଭିଷେକ ଶର୍ମା ୫୦ ରନର ଦ୍ରୁତ ପାଳି ଖେଳିଥିଲେ। ତେଣୁ ସିରିଜ ବଞ୍ଚାଇବାକୁ ହେଲେ ଏବେ ଆଗଧାଡ଼ିର ବ୍ୟାଟରଙ୍କଠୁ ବଡ଼ ଇନିଂସ ଦଳ ଆବଶ୍ୟକ କରୁଛି। ସେହିଭଳି ୧୫ ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ଏହି ମ୍ୟାଚରେ ପଦାର୍ପଣ କରିବାର ସୁଯୋଗ ମିଳିପାରେ।

ଆଜି ଦ୍ୱିତୀୟ ଟି-୨୦

ଆରମ୍ଭ: ସନ୍ଧ୍ୟା ୬ଟା

ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

# ଅଞ୍ଜୁ ବବି ଜର୍ଜଙ୍କ ୨୨ ବର୍ଷର ରେକର୍ଡ ଭାଙ୍ଗିଲା



ଭୁବନେଶ୍ୱର, ୨୭।୬ (ସମିସ): ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୬୫ତମ ଆନ୍ତଃ-ରାଜ୍ୟ ସିନିଅର ଆଥଲେଟିକ ଚାମ୍ପିଅନସିପ୍‌ର ଚତୁର୍ଥ ଦିବସ ଖେଳରେ ଶନିବାର ଏକାଧିକ ଜାତୀୟ ରେକର୍ଡ ସୃଷ୍ଟି ହୋଇଛି। ମହିଳା ଲଙ୍ଗ ଜମ୍ପରେ କେରଳର ଆନ୍ସି ସୋଜାନ ୬.୮୮ ମିଟର ଦୂରକୁ ଲମ୍ଫ ପ୍ରଦାନ କରି ନୂଆ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଫଳରେ କିମ୍ବଦନ୍ତୀ ଅଞ୍ଜୁ ବବି ଜର୍ଜଙ୍କ ନାମରେ ରହିଥିବା ୨୨ ବର୍ଷ ତଳର ପୁରୁଣା ଜାତୀୟ ରେକର୍ଡ ଭଙ୍ଗ ହୋଇଛି। ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ଅଞ୍ଜୁ ୬.୮୩ ମିଟର ଲମ୍ଫ ପ୍ରଦାନ କରିଥିଲେ। ଅଞ୍ଜୁଙ୍କ ଏହି ଜାତୀୟ ରେକର୍ଡ ୨୨ ବର୍ଷ ଧରି ବଳବତ୍ତର ରହିଥିଲା। ୨୫ ବର୍ଷୀୟା ଆନ୍ସି ଏହାକୁ ଆଜି ଭାଙ୍ଗିଛନ୍ତି। ଅପରପକ୍ଷରେ ୨୦୦ ମିଟର ପରେ ୧୦୦ ମିଟରରେ ମଧ୍ୟ ଓଡ଼ିଶାର ଅନିମେଶ କୁଜୁର ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଶନିବାର ସେ ୧୦୦ ମିଟର ରେସ୍‌କୁ ୧୦.୨୮ ସେକେଣ୍ଡରେ ଫିନିସ୍ କରି ପ୍ରଥମ ସ୍ଥାନରେ ରହିଥିଲେ।

# ଅଷ୍ଟ୍ରେଲିଆକୁ ହରାଇ ସେମିଫାଇନାଲ ଲକ୍ଷ୍ୟରେ ଭାରତ

ଆଇସିସି ମହିଳା ଟି-୨୦ ବିଶ୍ୱକପ୍

ଲଣ୍ଡନ, ୨୭।୬ (ଏଜେନ୍ସି):

ଇଂଲଣ୍ଡରେ ଚାଲିଥିବା ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ର ଗ୍ରୁପ ପର୍ଯ୍ୟାୟ ମୁକାବିଲା ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ରବିବାର ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବ। ଅନ୍ତିମ ଦିବସରେ ଭାରତ-ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ। ଏହି ଦୁଇଟି ମ୍ୟାଚ୍ ସହ ଗ୍ରୁପ୍-ଏ'ରୁ କେଉଁ ଦୁଇଟି ଦଳ ସେମିଫାଇନାଲକୁ ଉନ୍ନୀତ ହେବ ତାହା ସ୍ପଷ୍ଟ ହେବ। ଅଷ୍ଟ୍ରେଲିଆ ମହିଳା ଦଳ ୪ଟି ମ୍ୟାଚରୁ ୪ ବିଜୟ ସହ ୮ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷରେ ରହି ଏକପ୍ରକାର ସେମିରେ ସ୍ଥାନ ସୁଦୃଢ଼ କରିଛି। ସେହିଭଳି ଭାରତ ଓ ଦକ୍ଷିଣ ଆଫ୍ରିକା ୪ଟି ମ୍ୟାଚରୁ ୩ଟି ଲେଖାଏ ବିଜୟ ସହ ୬ ପଏଣ୍ଟ ପାଇଛନ୍ତି। କିନ୍ତୁ ଉନ୍ନତ ରନରେଟ୍ ଯୋଗୁ ଦକ୍ଷିଣ ଆଫ୍ରିକା (+୦.୭୩୪)କୁ ପଛରେ ପକାଇ ଭାରତ (+୨.୨୬୮) ଦ୍ୱିତୀୟ ସ୍ଥାନରେ ରହିଛି। ସେମିଫାଇନାଲରେ ପ୍ରବେଶ ଲାଗି ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ଆଶାବାଦୀ ରହିଛନ୍ତି। ଉଭୟ ନିଜ ନିଜର ଶେଷ ମ୍ୟାଚରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଦକ୍ଷିଣ ଆଫ୍ରିକା ପାଇଁ ଶେଷ ମ୍ୟାଚରେ ବିଜୟ ସହଜ ମନେ ହେଉଛି। କିନ୍ତୁ ରେକର୍ଡ ଛଅଥରର ବିଜେତା ଅଷ୍ଟ୍ରେଲିଆକୁ ହରାଇବା ଭାରତ ପାଇଁ କଷ୍ଟସାଧ୍ୟ ହେବ। ହରମନପ୍ରୀତ୍ କୌରଙ୍କ ଦଳ ଯଦି ଏହି ମ୍ୟାଚରେ ପରାଜୟବରଣ କରେ ତେବେ ଦକ୍ଷିଣ ଆଫ୍ରିକା-ବାଂଲାଦେଶ ମ୍ୟାଚର ଫଳାଫଳ ଉପରେ ସେମିଫାଇନାଲ ଖେଳିବା ନିର୍ଭର କରିବ।

ଆଜିର ମ୍ୟାଚ

ଦ. ଆଫ୍ରିକା ବନାମ ବାଂଲାଦେଶ

ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୩ଟା

ଭାରତ ବନାମ ଅଷ୍ଟ୍ରେଲିଆ

ମ୍ୟାଚ୍ ଆରମ୍ଭ: ରାତି ୭ଟା

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS